ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୦୩ ଜୁଲାଇ ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 03 JULY 2020

Vol.No. 30 ■ No. 165 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019




ଯା ଦେବୀ ସର୍ବଭୂତେଷୁ............


SAI SADHANA SCIENCE HIGHER SECONDARY SCHOOL, UDALA

A Fully +2 Science Residential College

Dibyasingpur, Udala,

Dist: Mayurbhanj





2nd Admission is going on

SUMMER COURSE:- 2nd Batch Admission Starts from: Dt.19.03.2020 and Class Starts From:- 2nd April (Thursday)

ଏହି SUMMER COURSE FEE କେବଳ ମାତ୍ର ୪୦୦୦ଟଙ୍କା ରେ ଖାଇବା,ରହିବା ଓ ପଢିବା ର ସୁବ୍ୟବସ୍ଥା ରହିଛି ।

For better development of students are taught by highly and well experienced faculties.

Contact No:

9437294587, 9438232419, 9437443950, 9937557158,9438317887

S d- P.C Bindhani

Chairman


## ଲଦାଖ ବିବାଦ

# ୨୧ଟି ମିଗ୍-୨୯ ଓ ୧୨ଟି ସୁଖୋଇ -୩୦ ବିମାନ କିଣିବ ଭାରତ



ନୂଆଦିଲ୍ଲୀ,୨।୭ (ନି.ପ୍ର): ପ୍ରତିରକ୍ଷା ମନ୍ତ୍ରାଳୟ ଗୁରୁବାର ଦିନ ୨୧ ଟି ମିଗ- ୨୯ କ୍ରୟ ପ୍ରସ୍ତାବ ସହିତ ଭାରତୀୟ ବାୟୁସେନାର ଥିବା ମିଗ-୨୯ ବିମାନର ନବୀକରଣ ପ୍ରସ୍ତାବକୁ ଅନୁମୋଦନ କରିଛି । ଏଥିସହ ୧୨ଟି ସୁଖୋଇ-୩୦ ଏମକେଆଇ ବିମାନ କ୍ରୟ ପାଇଁ ସବୁଜ ସଙ୍କେତ ମଧ ଦେଇଛି । ରୁଷରୁ ମିଗ୍-୨୯ କ୍ରୟ ଏବଂ ନବୀକରଣ ପାଇଁ ୭୪୧୮ କୋଟି ଟଙ୍କା ଖର୍ଚ୍ଚ ହେବାକୁ ଥିବାବେଳେ ହିନ୍ଦୁସ୍ତାନ ଏରୋନେଟିକ୍ସ ଲିମିଟେଡରୁ ସୁଖୋଇ-୩୦ ଏମକେଆଇ ବିମାନ କ୍ରୟ ପାଇଁ ଅନୁମାନିକ ମୂଲ୍ୟ ୧୦,୭୩୦ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଜଣା ପଡ଼ିଛି । ନୂତନ ବିମାନ କ୍ରୟ ଏବଂ ନବୀକରଣ ପାଇଁ ପ୍ରସ୍ତାବ ଜୁଲାଇ ୨ ରେ ଅନୁଷ୍ଠିତ ପ୍ରତିରକ୍ଷା ଅଧିଗ୍ରହଣ ପରିଷଦ ବୈଠକରେ ଅନୁମୋଦନ କରାଯାଇଥିଲା । ମୋଟାମୋଟି ଭାବେ ଆନୁମାନିକ ୩୮,୯୦୦ କୋଟି ଟଙ୍କା ପ୍ରସ୍ତାବକୁ ଏହି ବୈଠକରେ ଅନୁମୋଦନ କରାଯାଇଥିଲା ।

ଗୁରୁବାର ଦିନ ପ୍ରତିରକ୍ଷା ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି ଯେ, ବର୍ତ୍ତମାନର ପରିସ୍ଥିତିରେ ଆମର ସୀମା ରକ୍ଷା କରିବାକୁ ସଶସ୍ତ୍ର ବାହିନୀକୁ ମଜବୁତ କରିବା ପାଇଁ ଜୁଲାଇ ୨,୨୦୨୦ରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଭାରତୀୟ ସଶସ୍ତ୍ର ବାହିନୀ ଆବଶ୍ୟକ କରୁଥିବା ବିଭିନ୍ନ ଉପକରଣର ପାଇଁ ପୁଞ୍ଜି ଅଧିଗ୍ରହଣ ନେଇ ଅନୁମୋଦନ ପ୍ରଦାନ କରାଯାଇଥିଲା । ବୈଠକରେ ଆନୁମାନିକ ମୂଲ୍ୟ ୩୮,୯୦୦ କୋଟି ଟଙ୍କାର ପ୍ରସ୍ତାବକୁ ଅନୁମୋଦନ କରାଯାଇଥିଲା । ଏହି ବିବୃତ୍ତିରେ ଆହୁରି କୁହାଯାଇଛି ଯେ, ଅନୁମୋଦନଗୁଡ଼ି ଭାରତୀୟ ଶିଳ୍ପରୁ ୩୧,୧୩୦ କୋଟି ଟଙ୍କା ଅଧିଗ୍ରହଣ ଅନ୍ତର୍ଭୁକ୍ତ । ଡିଆରଡିଓ ଦ୍ୱାରା ସ୍ୱଦେଶୀ ଶିଳ୍ପକୁ ଟେକ୍ନୋଲୋଜି ସ୍ଥାନାନ୍ତର ହେତୁ ବହୁ ସଂଖ୍ୟକ ପ୍ରକଳ୍ପ ସମ୍ଭବ ହୋଇପାରିଛି । ଏଥିମଧ୍ୟରେ ପିନାକା ଗୁଳି, ବିଏମ୍ପି ସାମରିକ ଅସ୍ତ୍ରଶସ୍ତ୍ର ଅପଗ୍ରେଡ୍ ଏବଂ ସେନା ପାଇଁ ସଫ୍ଟୱେର୍ ଡିଫାଇନ୍ ରେଡିଓ, ଲଙ୍ଗ ରେଞ୍ଜ ଲ୍ୟାଣ୍ଡ ଆଟାକ୍ କ୍ରୁଜ୍ ମିସାଇଲ୍ ସିଷ୍ଟମ୍ ଏବଂ ନୌସେନା ଏବଂ ବାୟୁସେନା ପାଇଁ ଆଷ୍ଟ୍ରା ମିସାଇଲ୍ ଅନ୍ତର୍ଭୁକ୍ତ । ଏହାର ଡିଜାଇନ୍ ଏବଂ ବିକାଶ ପ୍ରସ୍ତାବଗୁଡ଼ିକର ମୂଲ୍ୟ ୨୦୪୦୦ କୋଟି ଟଙ୍କା ମଧ୍ୟରେ ରହିଛି ବୋଲି କୁହାଯାଇଛି ।

## ସୁବର୍ଣ୍ଣ ବେଶରେ ଝଟକିଲେ ଚତୁର୍ଦ୍ଧାମୂର୍ତ୍ତି



ପୁରୀ,୨।୭ (ନି.ପ୍ର): ବାହୁଡ଼ା ଯାତ୍ରା ପରେ ସିଂହଦ୍ୱାର ସମ୍ମୁଖରେ ଗୁରୁବାର ଅପରାହ୍ନରେ ରଥାରୁଢ଼ ଶ୍ରୀବିଗ୍ରହମାନଙ୍କ ସୁନାବେଶ ଅନୁଷ୍ଠିତ ହୋଇଯାଇଛି । ସୁବର୍ଣ୍ଣ ବେଶରେ ଚତୁର୍ଦ୍ଧାମୂର୍ତ୍ତି ସ୍ୱୟଂସମ୍ପନ୍ନ ଭାବେ ଦର୍ଶନ ଦେଇଛନ୍ତି । ତେବେ ପ୍ରଶାସନର କରୋନା କଟକଣା ପାଇଁ ସିଧାସଳଖ ଶ୍ରୀଜୀଉମାନଙ୍କ ଦର୍ଶନରୁ ବଂଚିତ ରହିଛନ୍ତି ଭକ୍ତ । ଦୂରଦର୍ଶନର ସିଧା ପ୍ରସାରଣ ଓ ମୋବାଇଲ ଇଂଟରନେଟ୍ ଜରିଆରେ ଭକ୍ତ ମାନେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନର ସୌଭାଗ୍ୟ ଲାଭ କରିଛନ୍ତି । ସୁବର୍ଣ୍ଣ ପ୍ରିୟ ମହାପ୍ରଭୁଙ୍କୁ ମହଣ ମହଣ ସ୍ୱର୍ଣ୍ଣ ଅଳଙ୍କାରରେ ଭୂଷିତ କରାଯାଇଛି । ଉଜ୍ଜ୍ୱଳ ଆଲୋକ ପ୍ରଭୁଙ୍କ ସ୍ୱର୍ଣ୍ଣ କିରଟୀ ଉପରେ ପଡି ଝଟକୁଛି । ୧୪୬୦ ଖ୍ରୀଷ୍ଟାବ୍ଦରେ ରାଜା କପିଳେନ୍ଦ୍ର ଦେବ ଦାକ୍ଷିଣାତ୍ୟ ବିଜୟ କରି ୧୬ଟି ହାତୀରେ ମହଣ ମହଣ ସୁନା ଆଣି ପ୍ରଭୁଙ୍କୁ ଅର୍ପଣ କରିଥିଲେ । ଚଢ଼ଉ କରଣଙ୍କ ପରାମର୍ଶ କ୍ରମେ ପ୍ରଭୁଙ୍କର ଶ୍ରୀହସ୍ତ, ଶ୍ରୀପୟର, ୧୩୮ ପ୍ରକାର ସ୍ୱର୍ଣ୍ଣ ଅଳଙ୍କାର ନିର୍ମିତ ହୋଇଥିଲା ।

▶▶ପୃଷ୍ଠା ୭

## ସୋଆରେ ହେବ ଭାକ୍ସିନ ପରୀକ୍ଷଣ

ଭୁବନେଶ୍ୱର ,୨।୭ (ନି.ପ୍ର): କୋବିଡ ୧୯ ପରୀକ୍ଷଣ କେନ୍ଦ୍ର ଭାବେ ପରୀକ୍ଷଣ କରିବାକୁ ଦେଶର ୧୩ଟି ସ୍ଥାନ ମନୋନୀତ ହୋଇଛନ୍ତି । ଏଥି ମଧ୍ୟରୁ ଓଡିଶାର ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ସମ ହସପିଟାଲ ସାମିଲ ରହିଛି । ଆଇସିଏମଆର ଓ ଭାରତ ବାୟୋଟେକ ପକ୍ଷରୁ ମିଳିତ ଭାବେ ଏହି ଭାକ୍ସିନ ପ୍ରସ୍ତୁତ କରା ଯାଇଛି । ମଣିଷ ମାନଙ୍କ ଉପରେ ପରୀକ୍ଷା କରିବାକୁ ଏହି କେନ୍ଦ୍ରକୁ ଚୟନ କରା ଯାଇଛି ।

## ଆଗାମୀ ୧୩ରୁ ଡିଗ୍ରୀ କଲେଜରେ ଅନଲାଇନ କ୍ଲାସ

ଭୁବନେଶ୍ୱର ,୨।୭ (ନି.ପ୍ର): ଆଗାମୀ ୧୩ ତାରିଖ ଠାରୁ କଲେଜ ପିଲାଙ୍କର ଅନଲାଇନ କ୍ଲାସ ଆରମ୍ଭ ହେବ । ଏଥି ନେଇ ଉଚ୍ଚ ଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର କଲେଜ ଅଧ୍ୟକ୍ଷ ମାନଙ୍କୁ ଚିଠି ଲେଖି ଜଣାଇଛନ୍ତି । ପିଲା ମାନେ ହ୍ୱାଟସ ଆପରେ ପଢିବେ । ମେଲରେ ଶିକ୍ଷକ ମାନେ ନୋଟସ ଦେବେ । ହ୍ୱାଟସ ଆପରେ ପିଲା ମାନଙ୍କର ଗ୍ରୁପ ହେବ । ପିଲା ମାନଙ୍କ ସର୍ବାଧିକ ୩୨ ଜଣ ପିଲା ରହିବେ ବୋଲି ଚିଠିରେ ଉଲ୍ଲେଖ ରହିଛି । ଅନଲାଇନ କ୍ଲାସରେ ଉପସ୍ଥାନ ସଂପୃକ୍ତ ଶିକ୍ଷକ ମାନେ ନେବେ । ଅଣ୍ଡର ଗ୍ରାଜୁଏଟ ଓ ପୋଷ୍ଟ ଗ୍ରାଜୁଏଟ ପିଲା ମାନଙ୍କ ପାଇଁ ୨ରୁ ୩ ଘଂଟା ଯାଏ ପଢା ହେବ । ସପ୍ତାହରେ ତିନି ଦିନ କ୍ଲାସ ହେବ । ଗୁଗଲ ମିଟ, ଜୁମ ଓ ସ୍କାଇପ ଜରିଆରେ ଅନଲାଇନ ପାଠପଢା ହେବ ।

## ଭୂମିହୀନ ଚାଷୀମାନଙ୍କୁ କୃଷି ଋଣ ଯୋଗାଇବା ପାଇଁ ରାଜ୍ୟର ଅଭିନବ ଯୋଜନା 'ବଳରାମ'

### ପ୍ରାୟ ୧୦୪୦ କୋଟି ଟଙ୍କାର ଋଣ ଯୋଗାଣ ଲକ୍ଷ୍ୟ



ଭୁବନେଶ୍ୱର ,୨।୭ (ନି.ପ୍ର): ଭୂମିହୀନ ଚାଷୀମାନଙ୍କୁ କୃଷି ଋଣ ଯୋଗାଇବା ନିମନ୍ତେ ରାଜ୍ୟ ସରକାରଙ୍କ ନୂତନ ଯୋଜନା ବଳରାମ ପ୍ରସ୍ତୁତ କରାଯାଇଛି । ଗୁରୁବାର ମୁଖ୍ୟ ଶାସନ ସଚିବ ଶ୍ରୀ ଅସିତ୍ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜଏଂଟ୍ ଲିଆବିଲିଟି ଗ୍ରୁପ୍ (ଜେ.ଏଲ୍.ଜି) ମାଧ୍ୟମରେ ଭୂମିହୀନ ଚାଷୀମାନଙ୍କୁ ଋଣ ଦେବା ପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟ ସ୍ତରରେ ଇମେଜ ଏବଂ ଜିଲ୍ଲାସ୍ତରରେ ଆତ୍ମା ସଂସ୍ଥା ଏହି କାର୍ଯ୍ୟକ୍ରମର ସଂଯୋଜନା କରିବେ । ଗ୍ରାମାଂଚଳ ଏବଂ ଛୋଟ ଛୋଟ ସହର ଅଂଚଳ ମାନଙ୍କରେ ବିଭିନ୍ନ ବ୍ୟାଙ୍କ୍ ଏବଂ ପ୍ରାଥମିକ କୃଷି ସମବାୟ ସଂସ୍ଥାର ପ୍ରାୟ ୭୦୦୦ ଶାଖା ଥିବାର ଜଣାପଡିଛି । ପ୍ରତି ବ୍ୟାଙ୍କ୍ ବ୍ରାଂଚକୁ ଚଳିତ ବର୍ଷ ଅତି କମ୍ ରେ ୧୦ଟି ଜେ.ଏଲ୍.ଜି କୁ ଋଣ ଦେବା ପାଇଁ କୁହାଯାଇଛି । ଏହା ଫଳରେ ପ୍ରାୟ ୭୦,୦୦୦ ଗ୍ରୁପ୍ ଚଳିତ ବର୍ଷ କୃଷି ଋଣ ପାଇ ପାରିବେ । ଗୋଟିଏ ଗ୍ରୁପ୍ ରେ ୫ ଜଣ ଚାଷୀ ରହିବେ । ବର୍ଷକୁ ୩.୫ ଲକ୍ଷ ଚାଷୀ ହିସାବରେ ୨ ବର୍ଷ ମଧ୍ୟରେ ପ୍ରାୟ ୭ ଲକ୍ଷ ଭୂମିହୀନ ଚାଷୀଙ୍କୁ କୃଷି ଋଣ ଯୋଗାଇବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ପ୍ରତି ଗ୍ରୁପ୍ ୧.୬୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପାଇପାରିବେ । କୃଷକ ସାଥୀ ଏବଂ ଗ୍ରାମ କୃଷି କର୍ମଚାରୀମାନେ ଗ୍ରୁପ୍ ଗଠନ କରି ସେମାନଙ୍କୁ ବ୍ୟାଙ୍କ୍ ମାନଙ୍କ ସହ ସଂଯୋଜିତ କରିବେ । ଋଣ ଯୋଗାଣ ଏବଂ ଋଣ ପୈଠ ଆଦିରେ ସହାୟତା କରିବେ । ଏହି କାର୍ଯ୍ୟ ପାଇଁ ସେମାନଙ୍କୁ ଜିଲ୍ଲାସ୍ତରୀୟ ଆତ୍ମା ସଂସ୍ଥା ମାଧ୍ୟମରେ ପ୍ରୋତ୍ସାହନ ଦେବା ପାଇଁ ବୈଠକରେ ସ୍ଥିର ହୋଇଥିଲା । ଏହି କ୍ଷେତ୍ରସ୍ତରୀୟ କର୍ମଚାରୀ ମାନଙ୍କୁ ସଠିକ୍ ଭାବେ ତାଲିମ୍ ଓ ଅନୁପ୍ରେରଣା ଦେବା ପାଇଁ ମୁଖ୍ୟ ଶାସନ ସଚିବ ଶ୍ରୀ ତ୍ରିପାଠୀ ନିର୍ଦ୍ଦେଶ ଦେଇଥିଲେ । ଭୂମିହୀନ ଚାଷୀମାନଙ୍କୁ

▶▶ପୃଷ୍ଠା ୭

## ଚତୁର୍ଦ୍ଧାମୂର୍ତ୍ତିଙ୍କ ଅପାର କରୁଣା କୋଭିଡ୍-୧୯ ସହ ଲଢ଼ିବାକୁ ପ୍ରେରଣା ଯୋଗାଉ : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର ,୨।୭ (ନି.ପ୍ର): ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସୁନାବେଶ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ଚତୁର୍ଦ୍ଧାମୂର୍ତ୍ତିଙ୍କ ଅପାର କରୁଣା ଆମ ସମସ୍ତଙ୍କୁ କୋଭିଡ୍-୧୯ ସହ ଲଢ଼ିବାକୁ ପ୍ରେରଣା ଯୋଗାଇବା ସହ ଜୀବନରେ ସୁଖ ସମୃଦ୍ଧି ଆଣିଦେଉ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । କୋଭିଡ୍-୧୯ ନିୟମାବଳୀର କଡ଼ାକଡ଼ି ଅନୁପାଳନ ମଧ୍ୟରେ ଆଜି ଶ୍ରୀକ୍ଷେତ୍ର ପୁରୀଠାରେ ତିନିରଥରେ ଶ୍ରୀଜୀଉମାନଙ୍କର ପବିତ୍ର ସୁନାବେଶ ଅନୁଷ୍ଠିତ ହୋଇଯାଇଛି । ଏଥି ପାଇଁ ଶ୍ରୀମନ୍ଦିର ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି । ଭକ୍ତମାନେ ଦୂରଦର୍ଶନର ସିଧା ପ୍ରସାରଣ ଜରିଆରେ ମହାପ୍ରଭୁଙ୍କର ଏହି ଦିବ୍ୟ ବେଶକୁ ଦର୍ଶନ କରିଛନ୍ତି । ସୂଚନା ଓ ଲୋକସଂପର୍କ ବିଭାଗ ଦୂରଦର୍ଶନ ସହଯୋଗରେ ଏହି ସିଧା ପ୍ରସାରଣକୁ ଅନ୍ୟ ଚ୍ୟାନେଲ୍‌ମାନଙ୍କ ସହିତ ସଂଯୁକ୍ତ କରିଛନ୍ତି ।

## ଏମ୍‌ଏସଏମ୍‌ଇ ଚଳଚଂଚଳ ହେଲେ କର୍ମସଂସ୍ଥାନର ସୁଯୋଗ ସୃଷ୍ଟି ହେବ

ଭୁବନେଶ୍ୱର ,୨।୭ (ନି.ପ୍ର): ରାଜ୍ୟରେ ସଂପ୍ରତି ଦେଖାଦେଇଥିବା କୋଭିଡ୍ ପରିପ୍ରେକ୍ଷୀରେ ରାଜ୍ୟକୁ ଫେରିଥିବା ପ୍ରବାସୀ ଓଡ଼ିଆ କୁଶଳୀ ଓ ଅଣକୁଶଳୀ ଶ୍ରମଜୀବୀମାନଙ୍କୁ ଥଇଥାନ କରି ସେମାନଙ୍କୁ ରୋଜଗାର ଯୋଗାଇ ଦେବାକୁ ଏମ୍‌ଏସ୍‌ଏମ୍‌ଇକୁ ଚଳଚଂଚଳ କରିବାକୁ ମୁଖ୍ୟମନ୍ତ୍ରୀ ଦେ ଇଥିବା ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବାକୁ ବିଭାଗୀୟ ମନ୍ତ୍ରୀ କହିଛନ୍ତି । ଗୁରୁବାର ପୂର୍ବାହ୍ନରେ ରାଜ୍ୟର ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗକୁ ଚଳଚଂଚଳ କରିବା ପାଇଁ ପଦକ୍ଷେପ ଗ୍ରହଣ ନିମନ୍ତେ ଏକ ସ୍ୱତନ୍ତ୍ର ସମୀକ୍ଷା ବୈଠକ ଆୟୋଜିତ ହୋଇଯାଇଛି । ଏଥିରେ ଯୋଗଦେଲେ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ କ୍ୟାପ୍‌ଟେନ୍ ଦିବ୍ୟ ଶଙ୍କର ମିଶ୍ର କହିଥିଲେ ଯେ ଏ ଦିଗରେ ବ୍ୟାଙ୍କଗୁଡ଼ିକ ଆଗଭର ହେବା ସହ ଋଣ ପ୍ରଦାନକୁ ପ୍ରାଧାନ୍ୟ ଦିଅନ୍ତୁ । ଏ କ୍ଷେତ୍ରକୁ ଯେତେ ଚଳଚଂଚଳ କରାଯିବ ସେତିକି ବେରୋଜଗାରୀ ଉପକୃତ ହୋଇପାରିବେ ବୋଲି ମନ୍ତ୍ରୀ ଦର୍ଶାଇଥିଲେ । ବୈଠକରେ ସଂପୂର୍ଣ୍ଣ କାର୍ଯ୍ୟକ୍ରମର ସମୀକ୍ଷା କରି ରାଜ୍ୟର ମାଲକାନଗିରି, ନବରଙ୍ଗପୁର, ନୂଆପଡ଼ା, ଗଜପତି ଓ ସୁବର୍ଣ୍ଣପୁର ଜିଲ୍ଲା ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରକୁ ଋଣ ପ୍ରଦାନରେ ପଛୁଆ ଥିବା ଜଣାପଡ଼ିଥିଲା । ସମଗ୍ର ରାଜ୍ୟରେ ୧,୧୮,୪୦୧ଟି

▶▶ପୃଷ୍ଠା ୭

## ପ୍ରଧାନମନ୍ତ୍ରୀ ଓ ରୁଷ ରାଷ୍ଟ୍ରପତିଙ୍କ ମଧ୍ୟରେ ଟେଲିଫୋନ ଯୋଗେ ଆଲୋଚନା



ନୂଆଦିଲ୍ଲୀ, ୦୨ ଜୁଲାଇ (ହି.ସ.) ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ରୁଷ ରାଷ୍ଟ୍ରପତି ମହାମହିମ ଭ୍ଲାଦିମିର ପୁଟିନଙ୍କ ସହିତ ଟେଲିଫୋନ ଯୋଗେ ଆଲୋଚନା କରିଛନ୍ତି । ଦ୍ୱିତୀୟ ବିଶ୍ୱ ଯୁଦ୍ଧରେ ବିଜୟର ୭୫ ବର୍ଷ ପୂର୍ତ୍ତି ଅବସରରେ ପାଳନ କରାଯାଉଥିବା ସମାରୋହ ସଫଳତା ଏବଂ ରୁଷରେ ସାମ୍ବିଧାନିକ ସଂଶୋଧନ ଉପରେ ଭୋଟ୍ ର ସଫଳ ସମାପନ ଲାଗି ପ୍ରଧାନମନ୍ତ୍ରୀ ସହୃଦୟତାର ସହିତ ଅଭିନନ୍ଦନ ଜ୍ଞାପନ କରିଥିଲେ । ପ୍ରଧାନମନ୍ତ୍ରୀ ୨୪ଜୁନ ୨୦୨୦ରେ ମସ୍କୋରେ ଆୟୋଜିତ ସାମରିକ ପରେଡରେ ଏକ ଭାରତୀୟ ସୈନ୍ୟ ଦଳ ଅଂଶଗ୍ରହଣ ବିଷୟରେ ଉଲ୍ଲେଖ କରିଥିଲେ । ଏହାକୁ ସେ ଭାରତ ଓ ରୁଷର ଜନସାଧାରଣଙ୍କ ମଧ୍ୟରେ ସ୍ଥାୟୀ ବନ୍ଧୁତ୍ୱର ପ୍ରତୀକ ବୋଲି କହିଥିଲେ । ଉଭୟ ନେତା କୋଭିଡ-୧୯ ବୈଶ୍ୱିକ ମହାମାରୀର ନକାରାତ୍ମକ ପରିଣାମକୁ ଦୂର କରିବା ଲାଗି ଦୁଇ ଦେଶ ପକ୍ଷରୁ ଗ୍ରହଣ କରାଯାଇଥିବା ପ୍ରଭାବୀ ଉପାୟ ବିଷୟରେ ଆଲୋଚନା କରିଥିଲେ । କୋଭିଡ ପରବର୍ତ୍ତୀ ବିଶ୍ୱରେ

▶▶ପୃଷ୍ଠା ୭

## ବଜ୍ରପାତ ସହ ବର୍ଷା ସମ୍ଭାବନା : ୧୭ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ



ଭୁବନେଶ୍ୱର,୨।୭ (ନି.ପ୍ର): ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବଜ୍ରପାତ ସହ ବର୍ଷା ସମ୍ଭାବନା ରହିଛି । ଏଥିପାଇଁ ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ରାଜ୍ୟର ୧୭ ଟି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି । ଏହି ଜିଲ୍ଲା ଗୁଡିକ ହେଲା କୋରାପୁଟ , ନବରଙ୍ଗପୁର , ରାୟଗଡା, ଗଜପତି ,ଗଂଜାମ,କନ୍ଧମାଳ, ବଲାଙ୍ଗୀର, ନୂଆପଡା, କଳାହାଣ୍ଡି , ବରଗଡ, ଝାରସୁଗୁଡା, ସମ୍ବଲପୁର , ସୁନ୍ଦରଗଡ, କେନ୍ଦୁଝର , ମୟୁରଭଂଜ , ଭଦ୍ରକ ଓ ଯାଜପୁର । ଏହି ସବୁ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ବଜ୍ରପାତ ସହ ବର୍ଷା ହୋଇପାରେ ବୋଲି ଆକଳନ କରିଛି ପାଣିପାଗ ବିଭାଗ ।

## କରୋନାରେ ଆଉ ଦୁଇ ଜଣଙ୍କର ମୃତ୍ୟୁ : ମୃତ୍ୟୁ ସଂଖ୍ୟା ୨୭ ହେଲା



ଭୁବନେଶ୍ୱର,୨।୭ (ନି.ପ୍ର): ରାଜ୍ୟରେ କରୋନାରେ ଆଜି ଆଉ ୨ ଜଣ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ଏହାକୁ ମିଶାଇ ରାଜ୍ୟରେ କରୋନା କାରଣରୁ ହୋଇଥିବା ମୃତ୍ୟୁ ସଂଖ୍ୟା ୨୭କୁ ବୃଦ୍ଧି ପାଇ ଥିବା ନେଇ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଜଣେ ମୃତକ ଅନୁଗୁଳ ଜିଲ୍ଲାର ଏହା ଅନୁଗୁଳର ପ୍ରଥମ କରୋନା ମୃତ୍ୟୁ । ସେହିପରି ଅନ୍ୟ ଜଣେ ମୃତକ ହେଉଛନ୍ତି ଗଞ୍ଜାମ ଜିଲ୍ଲାର । ଏହାକୁ ମିଶାଇ ଗଞ୍ଜାମ ଜିଲ୍ଲାରେ ମୃତ୍ୟୁ ସଂଖ୍ୟା ୧୫ରେ ପହଂଚିଛି । ଗଞ୍ଜାମରେ କରୋନାରେ ମୃତ୍ୟୁ ବରଣ କରିଥିବ ବ୍ୟକ୍ତିଙ୍କ ବୟସ ୪୯ ବର୍ଷ ହୋଇଥିବା ବେଳେ ଅନୁଗୁଳରେ ମୃତକଙ୍କ ବୟସ ୫୭ ବର୍ଷ ବୋଲି ଜଣାଯାଇଛି ।

## ଆଉ ୨୨୯ କରୋନା ଆକ୍ରାନ୍ତ ଚିହ୍ନଟ : ମୋଟ ମାମଲା ୭୫୪୫କୁ ବୃଦ୍ଧି

ଭୁବନେଶ୍ୱର,୨।୭ (ନି.ପ୍ର): ରାଜ୍ୟରେ ଆଜି ଆଉ ୨୨୯ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏହାକୁ ମିଶାଇ ରାଜ୍ୟରେ କରୋନା ରୋଗୀଙ୍କ ସଂଖ୍ୟା ୭୫୪୫କୁ ବୃଦ୍ଧି ପାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା ୨୨୯ ଜଣଙ୍କ ମଧ୍ୟରୁ ୧୯୩ ଜଣ ସଂଗରୋଧ କେନ୍ଦ୍ରରୁ ହୋଇଥିବା ବେଳେ ୩୬ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୧୯ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ମାଲକାନଗିରି ଜିଲ୍ଲାରେ ଜିଲ୍ଲାରେ ସବୁଠାରୁ ଅଧିକ ୯୫ ଟି ନୂଆ ମାମଲା ସାମନାକୁ ଆସିଛି । ଅନୁଗୁଳ ଜିଲ୍ଲାରେ ଜଣେ, ବାଲେଶ୍ୱର ଜିଲ୍ଲାରେ୨୪ ଜଣ, ବରଗଡ ଜିଲ୍ଲାରେ ଜଣେ , ବଲାଙ୍ଗୀର ଜିଲ୍ଲାରେ ୭ ଜଣ, ବୌଦ୍ଧ ଜିଲ୍ଲାରେ ୩ ଜଣ ତଥା କଟକ ଜିଲ୍ଲାରେ ୧୨ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି ଦେବଗଡରେ ୭ ଜଣ, ଗଜପତି ଜିଲ୍ଲାରେ ଜଣେ , ଜଗତସିଂହପୁର ଜିଲ୍ଲାରେ ଜଣେ,

▶▶ପୃଷ୍ଠା ୭

# ପୂର୍ବ ତଟ ରେଳପଥ ଦ୍ୱାରା ସପ୍ତାହବ୍ୟାପୀ ସଚେତନତା କାର୍ଯ୍ୟକ୍ରମ

ଭୁବନେଶ୍ୱର, ୦୨/୭ (ନି.ପ୍ର): କୋଭିଡ୍-୧୯ ବିପକ୍ଷରେ ଯୁଦ୍ଧ ପାଇଁ ପଦକ୍ଷେପ ସ୍ୱରୂପ ପୂର୍ବ ତଟ ରେଳପଥ ଏହା ଅଧୀନରେ ଥିବା ସମସ୍ତ ଷ୍ଟେସନ, ଭୁବନେଶ୍ୱର ସ୍ଥିତ ମୁଖ୍ୟାଳୟ, ବିଶାଖାପାଟଣା, ଖୋର୍ଦ୍ଧା ରୋଡ୍, ସମ୍ବଲପୁର ସ୍ଥିତ ମଣ୍ଡଳ ମୁଖ୍ୟ କାର୍ଯ୍ୟାଳୟ ଓ ଲୋକୋ ସେଡ୍, ମଂଚେଶ୍ୱର ରେଳ ଡ଼ବା ମରାମତି କାରଖାନା ଇତ୍ୟାଦି ଭଳି ଅନ୍ୟାନ୍ୟ ରେଳବାଇ ୟୁନିଟ୍ ଗୁଡ଼ିକରେ ଏକ ସପ୍ତାହବ୍ୟାପୀ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରିଛି। ଏହି ସପ୍ତାହବ୍ୟାପୀ ସଚେତନତା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ପୂର୍ବ ତଟ ରେଳପଥ ର ମହାପ୍ରବନ୍ଧକ ଶ୍ରୀ ବିଦ୍ୟା ଭୂଷଣ କହିଛନ୍ତି, ଦେଶର ପ୍ରତି କୋଣ ଓ ଅନୁକୋଣକୁ ଅତ୍ୟାବଶ୍ୟକ ସାମଗ୍ରୀ ପରିବହନ କରି, ଶ୍ରମିକ ଏକ୍ସପ୍ରେସ୍ ଓ ଅନ୍ୟାନ୍ୟ ସ୍ୱତନ୍ତ୍ର ଟ୍ରେନ୍ ଗୁଡ଼ିକ ମାଧ୍ୟମରେ ପ୍ରବାସୀ ମାନଙ୍କୁ ସେମାନଙ୍କର ଗନ୍ତବ୍ୟ ସ୍ଥଳରେ ପହଂଚାଇ ପୂର୍ବ ତଟ ରେଳପଥ କୋଭିଡ୍-୧୯ ବିପକ୍ଷରେ ହେଉଥିବା ଯୁଦ୍ଧରେ ଏକ ପ୍ରମୁଖ ଭୂମିକା ତୁଲାଇଛି"। ଏହି ବିଶ୍ୱ ମହାମାରୀ ପରିସ୍ଥିତିରେ, ଆମ୍ଭେମାନେ କୌଣସି ଅତି ଜରୁରୀ କାର୍ଯ୍ୟ ହେତୁ ବାହାରକୁ ଯିବା ସମୟରେ ଆମର ସୁରକ୍ଷା ନିମନ୍ତେ ସତର୍କତାର ନିର୍ଦ୍ଦେଶାବଳୀ ଅନୁସରଣ କରିବା ଉଚିତ। ଆମ୍ଭେମାନେ କିପରି ଉପଯୁକ୍ତ ଭାବେ ହାତ ଧୋଇବା, ସାନିଟାଇଜ୍ କରିବା, ମାସ୍କ ର ବ୍ୟବହାର କରିବା, ସାମାଜିକ ଦୂରତ୍ୱ ରକ୍ଷା ବିଷୟରେ ଜାଣିବା ତଥା ଅଭ୍ୟାସ କରିବା ଉଚିତ୍, ଯାହାଦ୍ୱାରା କୋଭିଡ୍ -୧୯ ପାଇଁ ହେଉଥିବା ସଂକ୍ରମଣକୁ ରୋକିପାରିବା। ୧ ଜୁଲାଇରୁ ଆରମ୍ଭ ହୋଇଥିବା ଏହି ସପ୍ତାହବ୍ୟାପୀ ସଚେତନତା କାର୍ଯ୍ୟକ୍ରମ ସମୟରେ, କୋଭିଡ୍-୧୯ କୁ ରୋକିବା ପାଇଁ ହାତ ଧୋଇବା ଓ ମୁଖ ମାସ୍କର ବ୍ୟବହାର ପ୍ରତି ସଚେତନତା ସୃଷ୍ଟି କରିବା ନିମନ୍ତେ ବ୍ୟାପକ ଗୁରୁତ୍ୱାରୋପ କରାଯାଉଛି। ଏହି କାର୍ଯ୍ୟକ୍ରମ ସମୟରେ, ୧୦ ଟି ସୋପାନ ପ୍ରଣାଳୀକୁ ଅନୁସରଣ କରି, ଉପଯୁକ୍ତ ଭାବେ ହାତ ଧୋଇବା ଏବଂ ସାନିଟାଇଜେସନ୍ ପଦ୍ଧତି ବିଷୟ ପ୍ରଦର୍ଶିତ କରାଯାଉଛି। ଏହା ବ୍ୟତୀତ ମୁଖ ମାସ୍କ ନଥିବା ଲୋକମାନଙ୍କୁ ମୁଖ ମାସ୍କମାନ ମଧ୍ୟ ବିତରଣ କରାଯାଉଛି। ରେଳବାଇ ମେଡିକାଲ ନିର୍ଦ୍ଦେଶିକା ଡଃ ଅରୁନ୍ଧତୀ ସେନାପତି ମୁଖ ମାସ୍କ ପିନ୍ଧିବାର ଉପଯୁକ୍ତ ପଦ୍ଧତି ଓ ସାନିଟାଇଜ୍‌ର ବ୍ୟବହାର ବିଷୟରେ କାର୍ଯ୍ୟକ୍ରମରେ ସମସ୍ତଙ୍କୁ ପୁଙ୍ଖାନୁପୁଙ୍ଖ ଭାବେ ବୁଝାଇଥିଲେ। ପ୍ଲାଟ୍‌ଫର୍ମ ଗୁଡ଼ିକର ଓ ଅନ୍ୟାନ୍ୟ ରେଲ୍‌ୱେ କାର୍ଯ୍ୟାଳୟ ମାନଙ୍କର ପ୍ରବେଶପଥରେ ତରଳ ସୋପ୍ ଓ ଆଲ୍‌କହଲ୍ ଭିତିକ ସାନିଟାଇଜର୍ ର ବ୍ୟବସ୍ଥା କରାଯାଇଛି। ଯାତ୍ରୀ ଓ ରେଳ ବ୍ୟବହାରକାରୀମାନଙ୍କୁ ସଚେତନ କରିବା ନିମନ୍ତେ ପ୍ରମୁଖ ଷ୍ଟେସନ ମାନଙ୍କରେ କୋଭିଡ୍ - ୧୯ ର ସଂକ୍ରମଣକୁ ପ୍ରତିହତ କରିବା ନିମନ୍ତେ ମୁଖ ମାସ୍କ ର ଉପଯୁକ୍ତ ବ୍ୟବହାର, ବାରମ୍ବାର ହାତ ଧୋଇବା, ସାମାଜିକ ଦୂରତ୍ୱ ରକ୍ଷା କରିବା ଇତ୍ୟାଦିର ଗୁରୁତ୍ୱ ସମ୍ବନ୍ଧରେ ବାରମ୍ବାର ଘୋଷଣା ମାନ କରାଯାଉଛି। ଏହି କାର୍ଯ୍ୟକ୍ରମକୁ ପୂର୍ବ ତଟ ରେଳପଥର ପ୍ରମୁଖ ମୁଖ୍ୟ ମେଡ଼ିକାଲ ନିର୍ଦ୍ଦେଶକ ଡଃ ରଂଜନ କୁମାର ପାଣି ସଂଯୋଜନା କରିଥିଲେ।

## ରାସ୍ତା ଜବରଦଖଲ କରି ଗୃହ ନିର୍ମାଣ, ଗ୍ରାମବାସୀଙ୍କ ବିରୋଧ

କେନ୍ଦ୍ରାପଡ଼ା, ୦୨/୭ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ତହସିଲ ଅନ୍ତର୍ଗତ ବଡଗାଁ ଗ୍ରାମ ଏକ ସରକାରୀ ରାସ୍ତାକୁ କିଛି ବ୍ୟକ୍ତି ଘର କରି ଅବରୋଧ କରିବାକୁ ଉଦ୍ୟମ କରି ଥିବାରୁ ଏହାକୁ ବିରୋଧ କରି ସ୍ଥାନୀୟ ଲୋକେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ସୂଚନା ଯୋଗ୍ୟ ଯେ, ଏହି ଗ୍ରାମର କଳ୍ପତରୁ ପ୍ରଧାନଙ୍କ ଘରକୁ ଯିବା ଆସିବା କରିବା ପାଇଁ ସରକାରୀ ଯାଗାରେ ଥିବା ରାସ୍ତାଟିକୁ କିଛି ବ୍ୟକ୍ତି ଅକ୍ତିଆର କରି ଗୃହ ନିର୍ମାଣ କରୁଛନ୍ତି। ଏହି ନିର୍ମାଣ କାର୍ଯ୍ୟ ବନ୍ଦ କରିବା ପାଇଁ ବଡଗାଁ ଗ୍ରାମର କଳ୍ପତରୁଙ୍କ ସହିତ ଅରବିନ୍ଦ ପ୍ରଧାନ, ଉମାକାନ୍ତ ପ୍ରଧାନ, ତପନ ପ୍ରଧାନ ପ୍ରମୁଖ ଦାବି କରିଛନ୍ତି।

## 'ସ୍ମାଇଲ ସୋସାଇଟି'ପକ୍ଷରୁ ରକ୍ତଦିନ ଶିବିର



ବାଲେଶ୍ୱର, ୦୨/୭ (ନି.ପ୍ର): ପବିତ୍ର ବାହୁଡ଼ା ଯାତ୍ରା ଅବସରରେ ବାଲେଶ୍ୱରର ଅନ୍ୟତମ ସ୍ୱେଚ୍ଛାସେବୀ ସଂଗଠନ 'ସ୍ମାଇଲ ସୋସାଇଟି' ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦିନ ଶିବିର ଜିଲ୍ଲା ରକ୍ତଭଣ୍ଡାର ପରିସରରେ ଆଜି ଅନୁଷ୍ଠିତ ହୋଇଯାଇଛି। ଟ୍ରାଫିକ୍ ଥାନା ଏସଆଇ ପ୍ରଶାନ୍ତ ରଣସିଂହ ଏହି ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଜୀବନ ବିନ୍ଦୁ ସଂଯୋଜକ ଆଶିଷ ଘୋଷ, ନଗର କମିଟି ସଂଯୋଜକ ସଲିମ୍ ରାଜା ଏଥିରେ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିବା ସହ ସଂଗଠନର କର୍ମକର୍ତ୍ତାଙ୍କ ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ। ସଂଗଠନର ସଭାପତି ଶୁଭମ୍ ସାଇ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରକୁ ଅଭିଜିତ୍ ବିଶ୍ୱାଳ, ରୀମା ଜୋସେଫ୍, ଇପ୍ସିତା ଶତପଥୀ, ଅନୁଷ୍କା ଶତପଥୀ, ନୁପୁର ସିହ୍ନା, ରଜତ ବାରିକ, ସାଗର ମାଝୀ, ଗୋପୀନାଥ ସ୍ୱାଇଁ ମାନସୀ ଭୂୟାଁ ପ୍ରମୁଖ ପରିଚାଳନା କରାଯାଇଥିଲା। କରୋନା ପାଇଁ ସାମାଜିକ ଦୂରତା ରକ୍ଷା ସହ ସମସ୍ତଙ୍କର ଥର୍ମାଲ ସ୍କ୍ରିନିଂ ଓ ସମସ୍ତ ପ୍ରକାର କୋଭିଡ୍ ନିୟମ ପାଳନ କରାଯାଇଥିବା ଦେଖିବାକୁ ମିଳିଥିଲା।

## ଭୁବନରେ ବିଧି ରକ୍ଷା ପୂର୍ବକ ବାହୁଡା କାର୍ଯ୍ୟ ସମାପନ

ଭୁବନ, ୦୨/୭ (ନି.ପ୍ର): ବିଶ୍ୱ ମହାମାରୀ କରୋନା ସକାଶେ ବିଶ୍ୱ ନିୟନ୍ତା ମହାପ୍ରଭୁ ଶ୍ରୀଜଗନ୍ନାଥ ଙ୍କର ବାହୁଡା ଯାତ୍ରା କେବଳପୁରୀ ବ୍ୟତିତ ଅନ୍ୟ ସବୁଆଡେ ବିଧିରକ୍ଷା ପୂର୍ବକ ପାଳନ କରାଯାଇଛି। ଭୁବନରେ ମଧ୍ୟ ଜଗନ୍ନାଥ ମନ୍ଦିର ପରିସରରେ ଅସ୍ଥାୟୀ (ମାଉସୀ ମା ) ମଣ୍ଡପରେ ବିରାଜମାନ ହୋଇଥିବା ଚତୁର୍ଦ୍ଧା ମୂର୍ତିଙ୍କ ବାହୁଡା କେବଳ ବିଧି ରକ୍ଷା କରାଯାଇ ସେବାୟତଙ୍କ ଜରିଆରେ ସମସ୍ତ ନୀତିକାନ୍ତି ଅନୁଷ୍ଠିତ ହୋଇଛି। ପରମ୍ପରା ଅନୁଯାୟୀ ସମସ୍ତ ନୀତିକାନ୍ତି ଓ ପୂଜାର୍ଚ୍ଚନା କରାଯାଉଛି। ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ର ସଭାପତି ଶୁଭେନ୍ଦୁ ସାହୁ ଙ୍କ ସମେତ ଆଦ୍ୟ ସେବକ ରାମଚନ୍ଦ୍ର ରାଉତ, ମନ୍ଦିର ପରିଚାଳନା କମିଟି ସଦସ୍ୟ ଗୋପୀନାଥ ମହାନ୍ତି, ପ୍ରଭାସ ସେନାପତି, ନିରଂଜନ ଗୁରୁ, ବିନୋଦ ମହାରଣା,ଛବି ନାୟକ ଏବଂ ସହଯୋଗରେ ବାହୁଡା କାର୍ଯ୍ୟ ସୂଚୀ ସୂଚାରୁରୂପେ ସଂପନ୍ନ ହୋଇଛି। ଆସନ୍ତାକାଲି ଠାକୁରଙ୍କର ସୁନା ବେଶ ସେଇଭଳି ବିଧିରକ୍ଷା ପୂର୍ବକ କରାଯାଇ ଶୁକ୍ରବାର ଦିନ ମହାପ୍ରଭୁଙ୍କ ନିଳାଦ୍ରିବିଜେ ମନ୍ଦିର ପ୍ରବେଶ ଅନୁଷ୍ଠିତ ହେବ ବୋଲି ପରିଚାଳନା କମିଟି ସୂତ୍ରରୁ ଜଣାପଡିଛି।

## କରୋନା ସମୟରେ ଉତ୍କଳା କଲଚୁରାଲ ସଦସ୍ୟାଙ୍କ ଭିନ୍ନ ସ୍ୱାଦର ଜନ୍ମଦିନ ପାଳିତ

ବାଲେଶ୍ୱର, ୦୨/୭ (ନି.ପ୍ର): ବାଲେଶ୍ୱର କୁରୁଡ଼ାସ୍ଥିତ ପ୍ରତିକ୍ଷା ବିକଳାଙ୍ଗ କେନ୍ଦ୍ରରେ ଉତ୍କଳା କଲଚୁରାଲ ସଦସ୍ୟା କଳ୍ପନା ସାହୁଙ୍କର ଜନ୍ମଦିନ ପାଳନ କରାଯାଇଥିଲା । କୁନି କୁନି ବିକଳାଙ୍ଗ ପିଲାମାନେ ଉତ୍କଳା କଲଚୁରାଲ ସଦସ୍ୟ ସଦସ୍ୟାମାନଙ୍କୁ ଦେଖି ଖୁସି ଅନୁଭବ କରୁଥିବାର କଥା ସିଷ୍ଟର ମାନେ କହିଥିଲେ ଏବଂ ଅନ୍ୟ ସମସ୍ତ ସ୍ୱେଚ୍ଛାସେବୀ ବା ଯେକୌଣସି ସାମାଜିକ ଅନୁଷ୍ଠାନର ସଂସ୍ଥା ଏମାନଙ୍କ ପାଖରେ ପହଞ୍ଚି ସାରି ଏମାନଙ୍କୁ ସାହାଯ୍ୟ କରିବା ପାଇଁ ଉତ୍କଳା କଲଚୁରାଲ ଅଧ୍ୟକ୍ଷ ବିକ୍ରମ ବାରିକ କହିଥିଲେ । ଏହି ଜନ୍ମଦିନ ଉତ୍ସବରେ ଉତ୍କଳା କଲ୍‌ଚୁରାଲ ଦିବ୍ୟ ରଂଜନ ମହାନ୍ତି, ବର୍ଷା, ଅଶ୍ୱିନୀ ଏବଂ ଅନ୍ୟ ସଦସ୍ୟ ସଦସ୍ୟାମାନେ ଉପସ୍ଥିତ ଥିଲେ ।

## କନ୍ଧମାଳ ଜିଲ୍ଲାରେ ପୁଣି ୧୭ ସୁସ୍ଥ, ମୋଟ ସୁସ୍ଥ ସଂଖ୍ୟା ୧୭୫ କୁ ବୃଦ୍ଧି, ମାତ୍ର ୩ ଚିକିତ୍ସାଧିନ

କନ୍ଧମାଳ, ୦୨/୭ (ନି.ପ୍ର): କନ୍ଧମାଳ ଜିଲ୍ଲାରେ ପୁଣି ୧୭ ଜଣ କରୋନା ସଂକ୍ରମିତ ରୋଗୀ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଜିଲ୍ଲାରେ ମୋଟ ସୁସ୍ଥଙ୍କ ସଂଖ୍ୟା ୧୭୫ ରେ ପଂହଚିଛି। ଜିଲ୍ଲାରେ କରୋନାରେ ମୋଟ ୧୭୮ ଜଣ ଆକ୍ରାନ୍ତ ହୋଇଥିବା ବେଳେ ୧୭୫ ଜଣ ସୁସ୍ଥ ହେଲେଣି। ବର୍ତମାନ ମାତ୍ର ୩ ଜଣ ରୋଗୀ କୋଭିଡ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ତେବେ, ୩୧୨ ଜଣଙ୍କ ସ୍ୱାବ୍ ସଂଗ୍ରହ କରାଯାଇ ଟେଷ୍ଟିଂ ପାଇଁ ପଠାଯାଇଛି। ସେମାନଙ୍କ ରିପୋର୍ଟ ଆସିନି ଏଯାଏଁ। କନ୍ଧମାଳ ଜିଲ୍ଲା କୋଭିଡ ହସ୍ପିଟାଲ ଡାକ୍ତର, ନର୍ସ ଓ କର୍ମଚାରୀଙ୍କ ଅକ୍ଳାନ୍ତ ପ୍ରଚେଷ୍ଟା ଫଳରେ ଜିଲ୍ଲାରେ କରୋନା ରୋଗୀ ସୁସ୍ଥ ହେବାରେ ଲାଗିଛନ୍ତି। ଆସନ୍ତା କିଛିଦିନ ମଧ୍ୟରେ କନ୍ଧମାଳ ଜିଲ୍ଲା ଗ୍ରୀନ୍ ଜୋନକୁ ଆସିଯିବ ବୋଲି କୁହାଯାଉଛି। ହେଲେ ସମସ୍ତେ ମାସ୍କ ପିନ୍ଧିବା ସହ ସାମାଜିକ ଦୂରତା ବଜାୟ ରଖିବା ଉପରେ ଗୁରୁତ୍ୱ ଦେଉଛି ପ୍ରଶାସନ। କାମ ନଥିଲେ ଅଜଥା ବାହାରକୁ ନବାହାରି ଘରେ ରହିବା ଲାଗି ପରାମର୍ଶ ଦେଉଛି ପ୍ରଶାସନ। ସେହିପରି ଗଂଜାମ ଫେରନ୍ତାଙ୍କ ଉପରେ ସତର୍କ ଦୃଷ୍ଟି ରଖିଛି ପ୍ରଶାସନ।

## ସାପ କାମୁଡାରେ ମାର ମୃତ୍ୟୁ ଘଟଣା-୩ ଅନାଥ ଶିଶୁଙ୍କୁ ଦଳିତ ଅଧିକାର ମଂଚର ସହାୟତା

ନୂଆପଡା, ୦୨/୭ (ନି.ପ୍ର): ନୂଆପଡା ଜିଲ୍ଲା ବୋଡେନ ଥାନା ଭଇଁସାଦାନୀ ଗ୍ରାମର ପଖାନପଡାର ୩ ଅନାଥ ଶିଶୁଙ୍କୁ ନୂଆପଡା ଜିଲ୍ଲା ଦଳିତ ଅଧିକାର ମଂଚ ପକ୍ଷରୁ ସହାୟତା ପ୍ରଦାନ କରଯାଇଛି। ଜିଲ୍ଲା ଦଳିତ ଅଧିକାର ମଂଚର ଏକ ଟିମ ସଭାପତି କମଳ ଚରଣ ତାଣ୍ଡିଙ୍କ ନେତୃତ୍ୱରେ ପଖାନପଡା ଗ୍ରାମକୁ ଯାଇ ଆର୍ଥୀକ ସହାୟତା ସହ ରାସନ ସାମଗ୍ରୀ ଏବଂ ନୂଆବସ୍ତ୍ର ପ୍ରଦାନ କରିଛନ୍ତି । ଏହାସହ ଏହି ଅନାଥ ଶିଶୁମାନଙ୍କ ପରିବାର ଭୂମିହୀନ ହୋଇଥିବା ବେଳେ ସେମାନଙ୍କୁ ୪ ଡିସିମିଲ ଜମି ଯୋଗାଣ, ଇନ୍ଦିରା ଆବାସ ଗୃହ ଯୋଗାଣ, ସାପ କାମୁଡାର ଅନୁକମ୍ପା ରାଶି ପ୍ରଦାନ, ଶିଶୁ ମାନଙ୍କୁ ଥଇଥାନ ସହ ଶିକ୍ଷାର ବ୍ୟବସ୍ଥା କରିବାକୁ ମ ଜିଲ୍ଲା ପ୍ରଶାସନ ଆଗରେ ଦାବୀ କରିଛି । ଏହି ସହାୟତା ପ୍ରଦାନ ବେଳେ ମଂଚର ଅନ୍ୟ କର୍ମକର୍ତା ବୋଡେନ ବ୍ଲକ ସଭାପତି ବେଣୁଧର ଦୀପ, ତେଜରାଜ ବାଗ, ରାଜେଶ ବେହେରା, ବିଶ୍ୱ ବେହେରା ପ୍ରମୁଖ ସାମିଲ ଥିଲେ । ଏଠାରେ ସୂଚନା ଯୋଗ୍ୟ ଯେ ଗତକାଲି ଏକ ବିଶାକ୍ତ ସାପ କାମୁଡାରେ ମାଁ ମଦନା ମାଝୀ(୨୫)ଙ୍କର ମୃତ୍ୟୁ ହୋଇଯାଇଥିବା ବେଳେ ଗତ ୬ ମାସ ତଳେ ବାପା କୃଷ୍ଣ ମାଝୀଙ୍କର କିଡନୀ ରୋଗରେ ମୃତ୍ୟୁ ହୋଇଯାଇଥିଲା। ଫଳରେ ବର୍ତମାନ ତାଙ୍କର ୨ ଶିଶୁପୁତ୍ର ଉମାକାନ୍ତ(୭), ଶିବପ୍ରସାଦ(୫) ଏବଂ ୫ ମାସର ଶିଶୁକନ୍ୟା ମାଳତୀ ଅସହାୟ ହୋଇ ପଡିଛନ୍ତି । ଏବେ ଏମାନଙ୍କୁ ତାଙ୍କର କାକା ଯତ୍ନ କରୁଥିବା ବେଳେ ଜିଲା ପ୍ରଶାସନ ସେମାନଙ୍କୁ ଥଇଥାନ ବ୍ୟବସ୍ଥା କରିବାକୁ ସାଧାରଣରେ ଦାବୀ ହେଉଛି ।

## ଶତୃତାକୁ ନେଇ ମରଣାନ୍ତକ ଆକ୍ରମଣ, ଯୁବକଙ୍କ ମୃତ୍ୟୁ

କୋରେଇ, ୦୨/୭ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ମା ତାରିଣୀ ମହାବିଦ୍ୟାଳୟ ପଛପଟ ଥିବା ପଡିଆ ରେ ୩ଦିନ ତଳୁ ତମ୍ବୁମାରି ରହୁଥିବା ଏକ ଫେରିବେପାରୀଙ୍କୁ ଗତକାଲି ରାତିରେ ପୁର୍ବଶତୃତାକୁ କେନ୍ଦ୍ରକରି ମରଣାନ୍ତକ ଆକ୍ରମଣ କରାଯାଇଥିଲା ଏବଂ ସେ ଗୁରୁତର ଆହାତ ହୋଇଥିଲେ କିନ୍ତୁ ଆଜି ତାଙ୍କର ମୃତ୍ୟୁ ଘଟିଛି। ଏ ବିଷୟରେ ମନୋଜଙ୍କ ସ୍ତ୍ରୀ ଚିଂଜର ଆକ୍ରମଣରେ ସଂପୃକ୍ତ ୪ ଯୁବକଙ୍କ ବିରୁଧରେ ଲିଖିତ ଅଭିଯୋଗ କରିବାପରେ ଥାନା କେସ୍ ନଂ ୧୪୨/୨୦୨୦,ଦଫା ୩୦୨,୩୪ ଆଇପିସି ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲୁରହିଛି। ସୁଚନା ମୁତାବକ ମହାରାଷ୍ଟ୍ର ରାଜ୍ୟ ନାଗପୁର ଅଂଚଳର ମନୋଜ ପାୱାର, ସ୍ତ୍ରୀ ଚିଂଜର ପାଓ୍ୟାର ତାଙ୍କର ଏକ ମାତ୍ର ପୁଅ ସହିତ ଦୀର୍ଘ ୧୦ ବର୍ଷ ହେଲା ଓଡିଶା ରେ ସହର ସହର ବୁଲି ବିଭିର୍ନ୍ନ ପ୍ରକାରର ମାଲି ବିକ୍ରି କରି ଚଳିଥାନ୍ତି। ସେ ନାଗପୁରରୁ ଆସିବାପରେ ଆଉ କେବେବି ସେଠାକୁ ଫେରିନାହାନ୍ତି କାରଣ ତାଙ୍କ ପରିବାର ସହିତ ସେହି ଗ୍ରାମର ଅନ୍ୟ ଏକ ପରିବାର ସହିତ ଶତୃତା ଥିଲା ଏବଂ ସେମାନେ ମନୋଜର ବାପା ଭିମା ପାଓ୍ୟାରଙ୍କୁ ହତ୍ୟା କରିଥିଲେ ଓ ତାକୁ ହତ୍ୟାକରିବେ ବୋଲି ଧମକ ମଧ୍ୟ ଦେଇଥିଲେ । ସେହି ଭୟରେ ମନୋଜ ଲୁଚିକରି ଆସି ଓଡିଶାରେ ବେପାରକରି ଚଳୁଥିଲା। ଗତ ୩ ଦିନ ହେଲା ମନୋଜ ପରିବାର ସହିତ ପାଣିକୋଇଲି କଲେଜ ପଡିଆ ପଛପଟେ ତମ୍ବୁମାରି ରହୁଥିବା ବେଳେ ଗତକାଲି ବିଳମ୍ବିତ ରାତିରେ କୌଣସି ସୁତ୍ରରୁ ଖବର ପାଇ ପୂର୍ବରୁ ଶତୃତାଥିବା ଚପଲତା ଭୋସଲେ, ତନୀର ଭୋସଲେ, କାଲେସ୍ୱରୀ ଭୋସଲେ ଓ ଖୁବାନୀ ଭୋସଲେ ପ୍ରମୁଖ ୪ ଭାଇ ତମ୍ବୁ ନିକଟରେ ପହଂଚି ଚାଖୁ ରେ ମନୋଜକୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏହାଦେଖି ଚିଂଜର ଜୋରରେ ପାଟିକରିବାରୁ ପଡିଆ ନିକଟରେ ଘରକରି ରହୁଥିବା ଲୋକେ ପଂହଚିଯିବାରୁ ୪ ଭାଇ ସେଠାରୁ ଖସି ପଳାଇଥିଲେ। ଏ ବିଷୟରେ ଖବରପାଇ ପାଣିକୋଇଲି ଥାନାଧିକାରୀ ଅଜୟ କୁମାର ଜେନା ସଦଳବଳେ ଘଟଣାସ୍ଥଳରେ ପହଂଚି ଗୁରୁତର ଆହାତ ମନୋଜକୁ ତୁରନ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଡାକ୍ତରଙ୍କ ସବୁପ୍ରକାର ଉଦ୍ୟମ ସତ୍ତ୍ୱେ ଶେଷରେ ମନୋଜ ଆଜି ଆଖି ବୁଜିଛନ୍ତି। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଶବ ବ୍ୟବଚ୍ଛେଦ ପରେ ପରିବାକୁ ହସ୍ତାନ୍ତର କରାଯାଇଛି। ମନୋଜଙ୍କ ସ୍ତ୍ରୀ ବ୍ୟତିତ ଏଠାରେ କେହି ରହୁ ନଥିବାରୁ ତାଙ୍କର ଅନୁରୋଧକ୍ରମେ ସ୍ୱୋଚ୍ଛାସେବୀ ସଂଘଠନ ଆମେ ବିପଦରେ ସାଥୀ ସଦସ୍ୟଙ୍କ ଦ୍ୱାରା ବୈତରଣୀ ନଦୀ ତଟରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି ଓ ସମସ୍ତ ଖର୍ଚ୍ଚ ପାଣିକୋଇଲି ଥାନା ପକ୍ଷରୁ ବହନକରାଯାଇଛି।

## ଖୋଲୁନି ଜିଲା ଯୋଜନା ବୋର୍ଡ କାର୍ଯ୍ୟାଳୟ : ନୂଆ ବଜେଟ୍ ଆସୁନି, ବିକାଶ ଶୂନ

ଭଦ୍ରକ, ୨/୭ (ହି.ସ.) - ଜିଲାର ବ୍ଲକ୍‌ସ୍ତର ଓ ପଂଚାୟତ ସ୍ତରରେ ଉନ୍ନୟନ ମୂଳକ କାମ ସହ ସବୁ ବିଭାଗ ପାଇଁ ଆର୍ଥିକ ବଜେଟ୍ ପ୍ରସ୍ତୁତ କରୁଥାଏ ଯୋଜନା ବୋର୍ଡ। ଏଥିପାଇଁ ପ୍ରତି ଜିଲାରେ ପ୍ଲାନିଂ କାର୍ଯ୍ୟାଳୟ ଆଗରୁ ଥିଲା ଏବେ ଗତବର୍ଷ ଠାରୁ ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ପଦବୀ ସୃଷ୍ଟି ହେଲା। ଚାନ୍ଦବାଲି ବିଧାୟକ ଏହି ଯୋଜନା ବୋର୍ଡର ଅଧ୍ୟକ୍ଷ ହୋଇଥିଲେ ବି ୨୦୨୦-୨୧ ବର୍ଷ ପାଇଁ ଯୋଜନା ତିଆରି ହୋଇପାରୁନାହିଁ। ୨୦୧୯-୨୦ ବର୍ଷର ଯେଉଁ ଯୋଜନା ଜିଲା ପାଇଁ ତିଆରି ହୋଇଥିଲା ଏବଂ ୧୫୨୪ କୋଟି ଟଙ୍କାର ତାଲିକା ପ୍ରସ୍ତୁତ ହୋଇଥିଲା, ତାହା କେତେ ଖର୍ଚ୍ଚ ହୋଇଛି, କେତେ ଟଙ୍କା ଆସିଛି ଓ କେତେ ଟଙ୍କା ବଳକା ରହିଛି, ତାର ହିସାବ ମିଳୁନି। ସେହିପରି ୨୦୨୦-୨୧ ବର୍ଷ ପାଇଁ ଯୋଜନା ଏଯାଏଁ ତିଆରି ହୋଇପାରିଲା ନାହିଁ। କୁହାଯାଉଛି କରୋନା ପାଇଁ ସବୁ ଏପଟ ସେପଟ ହୋଇଛି। ଯଦି କରୋନା ବେଳେ ଜିଲାରେ ନେତାଙ୍କ ବୈଠକ ବସି ପାରୁଛି, ଜିଲାପାଳଙ୍କ ଅଧ୍ୟକ୍ଷତାରେ ୨୫ ରୁ ଅଧିକ ଅଧିକାରୀଙ୍କୁ ନେଇ ବୈଠକ ବସିପାରୁଛି, ତେବେ ଯୋଜନା ବୋର୍ଡ ବୈଠକ କାହିଁକି ବସିପାରୁନି ବୋଲି ଏବେ ସମସ୍ତେ ପ୍ରଶ୍ନ ପଚାରୁଛନ୍ତି। କାରଣ ଭଦ୍ରକ ଜିଲାକୁ ୩୫ ହଜାରରୁ ଅଧିକ ପ୍ରବାସୀ ଘରକୁ ଫେରି ହାତଟେକି ବସିଥିବାବେଳେ ସେମାନଙ୍କ ପାଇଁ କିଛି ଯୋଜନା ନାହିଁ। ୧୫ ଦିନ ପାଇଁ କେବଳ ନରେଗା ଯୋଜନା କାର୍ଯ୍ୟ କଲେ ପାଣିଥିବା ନାଳ ସଂସ୍କାର କରି। ମିଛ ବାହାବାହା ନେଇ ପ୍ରଶାସନ ଓ ନେତା ଆଗେଇ ଚାଲିଥିବାବେଳେ ପ୍ରବାସୀ କିନ୍ତୁ ଘରେ ବସି କାମ ନପାଇ ମୁଣ୍ଡରେ ହାତ ଦେଇଛନ୍ତି। ତଥ୍ୟ ଅନୁସାରେ ୨୦୧୯-୨୦ ବର୍ଷରେ ବାର୍ଷିକ ଯୋଜନା ଭଦ୍ରକ ଜିଲା ପାଇଁ ପ୍ରସ୍ତୁତ ହୋଇଥିଲା। ଯଥା କୃଷି ବିଭାଗ ପାଇଁ ୨୭୧୨.୨୨ ଲକ୍ଷ, ଗ୍ରାମ୍ୟ ଉନ୍ନୟନ ପାଇଁ ୪୩୭୭୪.୨୭ ଲକ୍ଷ, ଜଳସେଚନ ଓ ବନ୍ୟା ନିୟନ୍ତ୍ରଣ ପାଇଁ ୧୨୬୭୪.୪୭ ଲକ୍ଷ, ବିଦ୍ୟୁତ୍ ପାଇଁ ୩୧୩.୭୩ ଲକ୍ଷ, ଶିଳ୍ପ ଓ ମିନେରାଲସ୍ ପାଇଁ ୨୭୬.୪୭ ଲକ୍ଷ, ପରିବହନ ପାଇଁ ୨୦୪୩୧.୩୮ ଲକ୍ଷ, ବିଜ୍ଞାନ ଟେକ୍ନୋଲୋଜି ଓ ପରିବେଶ ପାଇଁ ୧୯୫.୮୦ ଲକ୍ଷ, ସାଧାରଣ ଅର୍ଥନୀତି ସେବା ପାଇଁ ୨୦୭୯.୨୭ ଲକ୍ଷ, ସୋସିଆଲ ସର୍ଭିସ୍ ପାଇଁ ୬୯୯୪୪.୫୬ ଲକ୍ଷ କୁ ମିଶାଇ ମୋଟ ୧୫୨୪ କୋଟି ୨ ଲକ୍ଷ ୧୭ ହଜାର ଟଙ୍କାର ବଜେଟ୍ ପ୍ରସ୍ତୁତ ହୋଇଥିଲା। ଭଦ୍ରକ ଜିଲାର ୭ଟି ବ୍ଲକ୍ ପାଇଁ ଏହି ବାର୍ଷିକ ଖସଡା ତିଆରି ହୋଇ ସରକାରଙ୍କ ଠାରୁ କେତେ ଟଙ୍କା ଆସିଲା ଓ କେତେ ଟଙ୍କା ଖର୍ଚ୍ଚ ହେଲା, କେତେ ବଳକା ଅଛି, ତାର ହିସାବ ନେତାଙ୍କ ପାଖରେ ନାହିଁ। ଅଫିସରମାନେ ସର୍ବେସର୍ବା ହୋଇ ଯୋଜନା ଖାତା ଖତିଆନକୁ ମାଡି ବସିଥିବାବେଳେ ଏତେ ଟଙ୍କାର ଆର୍ଥିକ ସହାୟତା ଦେଇଥିବା ସରକାରଙ୍କୁ ଏହି ଖର୍ଚ୍ଚର ଯୁସି ଯାଇ ପାରୁନାହିଁ। ସେହିପରି ୨୦୨୦-୨୧ ବର୍ଷ ପାଇଁ ପୂର୍ବ ବର୍ଷ ଅପେକ୍ଷା ଅଧିକ ଟଙ୍କାର ଖସଡା ତିଆରି ହେବ ନାଁ କମିଯିବ, ତାହାକୁ ନେଇ ସମସ୍ତେ ପ୍ରଶ୍ନ ଉଠାଇଛନ୍ତି। କାରଣ ଜିଲାରେ ଏବେ ଗ୍ରାମ୍ୟ ଉନ୍ନୟ ବିଭାଗ ସ୍ଥାଣୁ ପାଲଟିଯାଇଛି। କେବଳ ଆରଡି ରାସ୍ତା ନୁହଁ, ପଂଚାୟତ ରାସ୍ତାର ଅବସ୍ଥା ବି ବେହାଲ। କୃଷି ଓ କୃଷକଙ୍କ ପାଇଁ ଚଳିତ ବର୍ଷ କି ପ୍ରକାର ଯୋଜନା ପ୍ରଶାସନ କରିବ, ତାହାକୁ ଚାଷୀ ଅନାଇ ବସିଥିବାବେଳେ ଜୁନ୍ ମାସ ଶେଷ ହେଲାଣି ତଥାପି ବସୁନି ଜିଲା ଯୋଜନା ବୋର୍ଡ ବୈଠକ।

## ଜୁଲାଇ ୩୧ ପର୍ଯ୍ୟନ୍ତ ଅଙ୍ଗନବାଡ଼ି ବନ୍ଦ : ଘରେ ବଂଟନ କରାଗଲା ଶୁଖିଲା ରାସନ୍

ଭୁବନେଶ୍ୱର, ୦୨/୭ (ନି.ପ୍ର): କୋଭିଡ୍-୧୯ କଠିନ ପରିସ୍ଥିତି ଜାରି ରହିଥିଲେ ମଧ୍ୟ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗର ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟକ୍ରମ ଅଧୀନରେ ଆଜି ମାସର ୧ ତାରିଖ ହୋଇଥିବାରୁ ରାଜ୍ୟର ପ୍ରତ୍ୟେକ ଆଇସିଡିଏସ୍ ପ୍ରକଳ୍ପ ଅଧୀନରେ ଶୁଖିଲା ରାସନ ବଂଟନ କରାଯାଇଛି । କରୋନା ମହାମାରୀ ସଂକ୍ରମଣକୁ ପ୍ରତିହତ କରିବା ଲକ୍ଷ୍ୟରେ ରାଜ୍ୟର ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକ ଜୁଲାଇ ୩୧ ତାରିଖ ପର୍ଯ୍ୟନ୍ତ ବନ୍ଦ ରହିଥିବାରୁ ଅଙ୍ଗନବାଡ଼ି କର୍ମୀମାନେ ହିତାଧିକାରୀମାନଙ୍କ ଘରକୁ ଘର ପହଂଚି ଜୁଲାଇ ମାସ ପାଇଁ ଶୁଖିଲା ରାସନ୍ ବଂଟନ କରିଛନ୍ତି। ଏଥି ସହିତ ଅଙ୍ଗନବାଡ଼ି କେନ୍ଦ୍ରରେ ୩ରୁ ୬ ବର୍ଷ ବୟସର ଶିଶୁମାନଙ୍କୁ ଦିଆଯାଉଥିବା ରନ୍ଧାଖାଦ୍ୟ ବଦଳରେ ଶୁଖିଲା ରାସନ ବଂଟନ କରିଛନ୍ତି । ଏହି ବଂଟନ ପ୍ରକ୍ରିୟାକୁ ମାତୃକମିଟି ଓ ଯାଂଚ କମିଟିର ସଦସ୍ୟମାନେ ଯାଂଚ କରୁଛନ୍ତି। ଏହା ଦ୍ୱାରା ପ୍ରାୟ ୪୨ ଲକ୍ଷ ଗର୍ଭବତୀ, ପ୍ରସୂତି ଏବଂ ୬ ମାସରୁ ୬ ବର୍ଷ ବୟସର ଶିଶୁ ଉପକୃତ ହେଉଛନ୍ତି । ଓଡ଼ିଶାକୁ ଫେରିଥିବା ପ୍ରବାସୀମାନ ଙ୍କ ମଧ୍ୟରୁ ଯୋଗ୍ୟ ହିତାଧିକାରୀମାନଙ୍କୁ ସମନ୍ୱିତ ପୁଷ୍ଟିସାଧନ ଯୋଜନାରେ ଅନ୍ତର୍ଭୁକ୍ତ କରି ସେମାନଙ୍କୁ ମଧ୍ୟ ଶୁଖିଲା ରାସନ ଦେବା ନିମନ୍ତେ ବିଭାଗ ତରଫରୁ ଜିଲ୍ଲା ଅଧିକାରୀମାନଙ୍କୁ ପୂର୍ବରୁ ନିର୍ଦ୍ଦେଶ ଦିଆଯାଇଛି। ଅଙ୍ଗନବାଡ଼ି କର୍ମୀମାନେ ବିଭିନ୍ନ ପଂଚାୟତ ଅଧୀନରେ କ୍ୱାରାଂଟାଇନ୍‌ରେ ରହିଥିବା ଗର୍ଭବତୀ ଏବଂ ଶିଶୁଙ୍କୁ ମଧ୍ୟ ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଂଚି ଶୁଖିଲା ରାସନ ଯୋଗାଇ ଦେଇଛନ୍ତି । ଏ ପର୍ଯ୍ୟନ୍ତ ରାଜ୍ୟକୁ ଫେରି ଅଙ୍ଗନବାଡ଼ି ସେବା ତାଲିକାଭୂକ୍ତ ହୋଇଥିବା ୫,୫୩୮ ଗର୍ଭବତୀ ମହିଳା ୨୩,୮୦୮ ଶିଶୁଙ୍କୁ ଶୁଖିଲା ରାସନ ଯୋଗାଇ ଦିଆଯାଇଛି। ଏହି ବଂଟନ ସମୟରେ କୋଭିଡ୍ ?-୧୯ ନିୟମାବଳୀକୁ ସଠିକ୍ ଭାବେ ପାଳନ କରାଯାଉଛି । ଛତୁଆ ମିଶ୍ରଣ ଓ ବଂଟନରେ ସ୍ୱଚ୍ଛତା ଆଣିବା ଏବଂ ଏହାର ଗୁଣାତ୍ମକ ମାନ ବଜାୟ ରଖିବା ନିମନ୍ତେ 'ମୋ ଛତୁଆ' ଆପ୍‌ର ବିକାଶ କରାଯାଇଛି । ଏହି ଆପ୍‌ରେ କଂଚାମାଲ ସଂଗ୍ରହଠାରୁ ବଂଟନ ପର୍ଯ୍ୟନ୍ତ ସମସ୍ତ ତଥା ଉପଲବ୍ଧ ହେଉଛି । ହିତାଧିକାରୀମାନଙ୍କ ପାଇଁ ଉଦ୍ଦିଷ୍ଟ ଏହି ଶୁଖିଲା ରାସନ୍ କୁ ବାସ୍ତବିକ ହିତାଧିକାରୀମାନେ ଉପଯୋଗ କରୁଛନ୍ତି କି ନାହିଁ ତାହା ନିୟମିତ ଭାବେ ତଦାରଖ କରିବା ନିମନ୍ତେ ସମନ୍ୱିତ ଶିଶୁ ବିକାଶ ଯୋଜନାର କ୍ଷେତ୍ର କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ବିଶେଷ କରି ଗୁରୁତର ପୁଷ୍ଟିହୀନ ଶିଶୁ (ସାମ୍) ଏବଂ ମଧ୍ୟମ ଧରଣର ପୁଷ୍ଟିହୀନ ଶିଶୁ ମାନଙ୍କ (ମାମ୍) ପୁଷ୍ଟିସାଧନ ଉପରେ ସ୍ୱତନ୍ତ୍ର ଧ୍ୟାନ ଦେବାକୁ ବିଭାଗ ତରଫରୁ ଜିଲ୍ଲାପାଳମାନଙ୍କୁ ଅନୁରୋଧ କରାଯାଇଛି ।

## ଜାରିହେଲା ଅନ୍‌ଲକ-୨ ପାଇଁ ନୂଆ ନିୟମାବଳୀ : କେବଳ ରବିବାର ଶଟ୍‌ଡାଉନ, ନିୟମିତ ଦୋକାନ ବଜାର ସନ୍ଧ୍ୟା ୭ ପର୍ଯ୍ୟନ୍ତ ଖୋଲା

### ଆଇନ ଉଲଂଘନକାରୀଙ୍କ ପାଇଁ ସ୍ୱତନ୍ତ୍ର ସ୍କ୍ୱାର୍ଡ ଗଠନ

ଭଦ୍ରକ,୨/୭ (ହି.ସ.): ଆଜି ଠାରୁ ସମଗ୍ର ଦେଶରେ ଅନଲକ୍ -୨ ଆରମ୍ଭ ହୋଇଛି। ଏ ନେଇ ଲକଡାଉନ ନେଇ ରହିଥିବା କେତେକ କଟକଣାରେ ପରିବର୍ତନ କରାଯାଇଛି। କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୀତ ନୂତନ ନିୟମାବଳୀ ଅନୁଯାୟୀ ଆଗାମୀ ଅଗଷ୍ଟ ୩୧ ପର୍ଯ୍ୟନ୍ତ ସମସ୍ତ ଶିକ୍ଷାନୁଷ୍ଠାନ, ଧର୍ମାନୁଷ୍ଠାନ, ସମସ୍ତ ପ୍ରକାର ସଭା ସମିତିକୁ ବନ୍ଦ ରଖାଯାଇଛି। ଅନ୍ୟପକ୍ଷରେ କେନ୍ଦ୍ର ସରକାର ରାତ୍ରକାଳୀନ କର୍ଫ୍ୟୁକୁ ସନ୍ଧ୍ୟା ୭ରୁ ସକାଳ ୫ ପରିବର୍ତେ ରାତି ୧୦ରୁ ସକାଳ ୫ ପର୍ଯ୍ୟନ୍ତ ବଳବ ର କରିଥିବା ବେଳେ ରାଜ୍ୟ ସରକାର ସାମାନ୍ୟ ପରିବର୍ତନ କରି ଏହାକୁ ରାତି ୯ଟାରୁ ସକାଳ ୫ଟା ପର୍ଯ୍ୟନ୍ତ କରିଛନ୍ତି। ପୂର୍ବରୁ ରାଜ୍ୟ ସରକାର ରାଜ୍ୟର ୧୧ଟି ଜିଲ୍ଲାକୁ ଜୋନ -୧ ରେ ରଖି ସପ୍ତାହାନ୍ତ ଶଟଡାଉନ କଟକଣା ଭାବେ ପ୍ରତି ଶନିବାର ଏବଂ ରବିବାରକୁ ଶଟ୍‌ଡାଉନ ଘୋଷଣା କରିଥିଲେ। ମାତ୍ର ଭଦ୍ରକ ଜିଲ୍ଲାର କରୋନା ଆକ୍ଟିଭ କେଶ ୫୦ରୁ କମ୍ ହୋଇଥିବାରୁ ଆଜିଠାରୁ ଭଦ୍ରକ ଜିଲ୍ଲା ଜୋନ -୧ରୁ ଜୋନ -୨କୁ ଯାଇଛି। ଫଳରେ ପୂର୍ବ ସପ୍ତାହାନ୍ତ କଟକଣାକୁ ରାଜ୍ୟସରକାର ମୁକ୍ତ କରିଛନ୍ତି। ତେବେ ଜିଲ୍ଲାର ସାମ୍ପ୍ରତିକ ସ୍ଥିତିକୁ ଲକ୍ଷ୍ୟ କରି ଜିଲ୍ଲାପାଳ ଡ. ଜ୍ଞାନ ଦାସ ଏଥିରେ ପରିବର୍ତନ କରି ସପ୍ତାହାନ୍ତ କଟକଣାକୁ ଗୋଟିଏ ଦିନ ପାଇଁ ଜାରି କରିଛନ୍ତି। ପ୍ରତି ରବିବାର ସକାଳ ୫ରୁ ସୋମବାର ସକାଳ ୫ ପର୍ଯ୍ୟନ୍ତ ସମଗ୍ର ଜିଲ୍ଲାରେ ଶଟ୍‌ଡାଉନ କଟକଣା ଜାରି ରହିବ। ଏତାଛଡା ନିୟମିତ ଦୋକାନ ବଜାର, ସରକାରୀ ବେସରକାରୀ କାର୍ଯ୍ୟାଳୟ ଖୋଲା ରହିବା ସମୟରେ ମଧ୍ୟ ପରିବର୍ତନ କରିଛନ୍ତି। ଆଜିଠାରୁ ଜୁଲାଇ ୩୧ ତାରିଖ ପର୍ଯ୍ୟନ୍ତ ଏ ସବୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଖୋଲା ରହିବ। କେବଳ ଔଷଧ ଦୋକାନ ରାତି ୧୦ଟା ପର୍ଯ୍ୟନ୍ତ ଖୋଲା ରହି ପାରିବ। ଏହାବ୍ୟତୀତ ପୂର୍ବଭଳି ଜଳଖିଆ ଦୋକାନ ଏବଂ ହୋଟେଲ ଗୁଡିକ ଖାଦ୍ୟ ପାର୍ସଲ କରି ବିକ୍ର କରିପାରିବେ। ସେଲୁନ ମାନଙ୍କରେ ଉପଯୁକ୍ତ ସାନିଟାଇଜର ଏବଂ ସାମାଜିକ ଦୂରତ୍ୱ ରକ୍ଷା କରି ଖୋଲାଯାଇ ପାରିବ। ବିବାହ ବ୍ରତ ଉତ୍ସବ ୫୦ଜଣ ଏବଂ ସଂସ୍କାର କର୍ମ ୨୦ଜଣରେ ସୀମିତ ରହିବ। ଚାରିଚକିଆ ଯାନ ଜିଲ୍ଲା ତଥା ଜିଲ୍ଲା ବାହାରକୁ ଯିବା ନିମନ୍ତେ କୌଣସି ଅନୁମତିର ଆବଶ୍ୟକତା ନାହିଁ। ବାହାରକୁ ବାହାରୁଥିବା ପ୍ରତ୍ୟେକ ବ୍ୟକ୍ତି ମାସ୍କ ବ୍ୟବହାର କରିବା ବାଧ୍ୟତା ମୂଳକ। ଦୋକାନ, ମଲ ମାନଙ୍କରେ ସାମାଜିକ ଦୂରତ୍ୱ ରକ୍ଷା କରି କିଣାବିକା କରାଯିବ, ଏହାର ଉଲଂଘନ ହେଲେ କୋବିଡ୍ ଆଇନ ଅନୁଯାୟୀ ଦୋକାନୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଥି ପାଇଁ ପୌରପାଳିକା ସମେତ ପ୍ରତି ତହସିଲ ଅ ଳ ପାଇଁ ସ୍ୱତନ୍ତ୍ର ସ୍କ୍ୱାର୍ଡ ଗଠନ କରାଯାଇଛି। ଭଦ୍ରକ ପୌରପାଳିକା ନିମନ୍ତେ ତହସିଲଦାର ଜ୍ୟୋତିବିକାଶ ଦାଶ, ଆଇଆଇସି ଚନ୍ଦନ ଘଡେଇ, ଆଇଆଇସି ଗଣେଶ ପ୍ରଧାନ, ରୁରାଲ ଲେବର ଇନିସ୍ପେକ୍ଟର ସୁନନ୍ଦ ବିଶ୍ୱାଳ। ଭଦ୍ରକ ଗ୍ରାମା ଳ ପାଇଁ ଅତିରିକ୍ତ ତହସିଲଦାର ଦୀପ୍ତିରଂଜନ ଜେନା, ଆଇଆଇସି ପ୍ରଭାଂଶୁ ଶେଖର ମିଶ୍ର, ରୁରାଲ ଲେବର ଇନିସ୍ପେକ୍ଟର ରତ୍ନାକର ମଲ୍ଲିକ। ବାସୁଦେବପୁର ତହସିଲ ଅଂଚଳ ପାଇଁ ତହସିଲଦାର ସୌମ୍ୟଶ୍ରୀ ପାଣିଗ୍ରାହୀ, ଆଇଆଇସି ପ୍ରଦୀପ ମାଝି ଏବଂ ଆଇଆଇସି ଉମାଶଙ୍କର ନାୟକ। ଭଣ୍ଡାରିପୋଖରୀ ତହସିଲ ପାଇଁ ତହସିଲଦାର ମୃତ୍ୟୁଞ୍ଜୟ ଭୂୟାଁ ଏବଂ ଆଇଆଇସି ସନାତନ ସାହୁ। ବନ୍ତ ତହସିଲ ଅଂଚଳ ପାଇଁ ତହସିଲଦାର ଇନ୍ଦିରା ସାହୁ, ଆଇଆଇସି ମୀନା ବିନ୍ଧାଣି ଓ ଆଇଆଇସି ସୁକାନ୍ତୀ କେରେଇ। ଚାନ୍ଦବାଲି ତହସିଲ ପାଇଁ ତହସିଲଦାର ସୁଶାନ୍ତ କୁମାର ସୂତାର ଓ ଆଇଆଇସି ପ୍ରଜ୍ଞା ମହାନ୍ତି। ଧାମନଗର ତହସିଲ ଅ ଳ ପାଇଁ ତହସିଲଦାର ରାଧାକାନ୍ତ ବାରିକ, ଆଇଆଇସି ରତିକାନ୍ତ ଗିରି ଓ ଆଇଆଇସି ପ୍ରଫୁଲ୍ଲ କୁମାର ସିଂ। ତିହିଡ଼ି ତହସିଲ ଅ ଳ ପାଇଁ ତହସିଲଦାର ରମେଶ ଚନ୍ଦ୍ର ପଣ୍ଡା ଓ ଆଇଆଇସି ରମେଶ ଚନ୍ଦ୍ର ସିଂ ସ୍ୱତନ୍ତ୍ର ସ୍କ୍ୱାର୍ଡରେ ରହିଛନ୍ତି। ଜନସାଧାରଣ କୋବିଡ୍ ଆଇନକୁ ପାଳନ କରିବା, ମାସ୍କ ପିନ୍ଧିବା, ସାମାଜିକ ଦୂରତ୍ୱ ରକ୍ଷା କରିବା, ଆବଶ୍ୟକ ନଥିଲେ ଘରୁ ନ ବାହାରିବା, କର୍ଫ୍ୟୁ ସମୟରେ ସମ୍ପୂର୍ଣ୍ଣ ଭାବେ ଘରେ ରହିବା, ୬୫ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ବ୍ୟକ୍ତି ଓ ୧୦ ବର୍ଷରୁ କମ୍ ବୟସର ପିଲା, ଗର୍ଭବତୀ ମହିଳାମାନେ ନିଶ୍ଚିତ ଘରେ ରହିବାକୁ ଜିଲ୍ଲାପାଳ ଡ. ଦାସ ଅନୁରୋଧ କରିଛନ୍ତି।



ଆବଶ୍ୟକତା ନବସୃଜନର ଜନନୀ । ଏକଥା ସବୁକାଳେ ପ୍ରମାଣିତ । କରୋନା ଭୂତାଣୁ ସଂକ୍ରମଣ ଓ ତଦ୍‌ଜନିତ ତାଲାବନ୍ଦ ମାନବ ସମାଜ ପାଇଁ ବିଭିନ୍ନ ପ୍ରକାରର ସଂକଟ ସୃଷ୍ଟି କରିଛି । ଏହାର ସମ୍ମୁଖୀନ ହେବା ସହଜସାଧ୍ୟ ନୁହେଁ । ଥିଲାବାଲାଙ୍କ ପାଇଁ ହୁଏତ ଏହା ଅବସର ବିନୋଦନର ସମୟ; କିନ୍ତୁ ନଥିଲାବାଲାଙ୍କ ପାଇଁ ଜୀବନମରଣର ସମସ୍ୟା ପାଲଟିଛି । ତେବେ ଏହି ସାଧାରଣ ମଣିଷମାନେ ଅନ୍ୟ ଉପରେ ନିର୍ଭର ନକରି ଆତ୍ମନିର୍ଭରଶୀଳ ହେବାକୁ ଚେଷ୍ଟା କରିବା ଭିତରେ ଅସାଧାରଣ ଉଦ୍ଭାବନ ମଧ୍ୟ କରିପାରିଛନ୍ତି । କିଏ ଠେଲାଗାଡ଼ି ଓ ମୋଟର ସାଇକଲ୍‌କୁ ଯୋଡ଼ି ଠେଲା-ବାଇକ୍ ତିଆରି କରି ଶହଶହ କିଲୋମିଟର ଯାତ୍ରା କରି ଘରେ ପହଞ୍ଚିଛି ତ ଆଉ କିଏ ସାମାନ୍ୟ ପାଣିବୋତଲରେ ହାତଧୁଆ ଯନ୍ତ୍ର ନିର୍ମାଣ କରିଛି । କିଏ ସାମାଜିକ ଦୂରତା ରକ୍ଷା ପାଇଁ ନିଆରା ଟୋପି ତିଆରି କରିଛି ତ ଆଉ କିଏ ସାଧାରଣ ଫିଙ୍ଗା ଜିନିଷ ବ୍ୟବହାର କରି ନିର୍ମାଣ କରିଛି ପନିପରିବା ବିଶୋଧକ ଯନ୍ତ୍ର । ସାଧାରଣ ଭାରତୀୟମାନେ ଯୋଗାଡ଼ଯନ୍ତ୍ର କରି ନିଜେ ହିଁ ଆତ୍ମନିର୍ଭର ହେବାର ଏପରି କେତେକ ନିଆରା ପ୍ରଚେଷ୍ଟା ।

# ଆମେ ଆତ୍ମନିର୍ଭର

**ଠେଲା-ବାଇକ୍ :**
ପଞ୍ଜାବର ଚୁରୁରେ ଠେଲାଗାଡ଼ିରେ ଆଲୁ ଟିକ୍କି-ଚାଟ୍ ଓ ଆଇସକ୍ରିମ ବିକନ୍ତି ନିୟତ ସିଂହ । ତାଙ୍କ ଘର ମଧ୍ୟପ୍ରଦେଶରେ । ତାଲାବନ୍ଦ ପରେ ତାଙ୍କ ବ୍ୟବସାୟ ବନ୍ଦ ହୋଇଗଲା । ତାଙ୍କ ଚଳିବା କଷ୍ଟକର ହୋଇପଡ଼ିଲା । ସେପଟେ ଯାନବାହନ ବନ୍ଦ ଯୋଗୁ ନିଜ ଘରକୁ ମଧ୍ୟ ଯାଇପାରୁନଥିଲେ । ଏପରି ଅବସ୍ଥାରେ ସେ ପରିବାରକୁ ନେଇ କିଭଳି ଯିବେ, ଚିନ୍ତା କଲେ । ସେ ନିଜ ମୋଟରସାଇକେଲ ଓ ଠେଲାଗାଡ଼ିକୁ ଯୋଡ଼ି ଏକ ନିଆରା ଠେଲା-ବାଇକ୍ ତିଆରି କରିବାରେ ସଫଳ ହେଲେ । ସେହି ଗାଡ଼ି ହିଁ ନିଜ ପରିବାରର ୭ ଜଣଙ୍କ ସହ ଜିନିଷପତ୍ର ଲଦି ବାହାରିପଡ଼ିଲେ ନିଜ ଘର ମଧ୍ୟପ୍ରଦେଶକୁ । ପଞ୍ଜାବ ଓ ଶ୍ରୀଗଙ୍ଗାନଗରର ସୀମାରେ ଟଙ୍କା ଦେବାପରେ ତାଙ୍କୁ ପୁଲିସ ଛାଡ଼ିଥିଲେ ବୋଲି କହିଛନ୍ତି ନିୟତ ସିଂହ ।

**ନଳ-ମଟର ସାଇକଲ୍:**



ନିକଟରେ ସୋସାଲ ମିଡିଆରେ ଜଣେ କ୍ଷୀରବାଲାର ଫଟୋ ଖୁବ୍ ଚର୍ଚ୍ଚା ସୃଷ୍ଟି କରିଥିଲା । ଏହାର କାରଣ ସେ ନିଜ ବୁଦ୍ଧିରେ କ୍ଷୀର ବିକ୍ରି କରିବାବେଳେ କିଭଳି ସାମାଜିକ ଦୂରତା ରଖିହେବ, ସେଥିପାଇଁ ଉପାୟ ବାହାର କରିଥିଲା । ମଟର ସାଇକଲ ପଛପଟେ ଏକ ନଳ ଲଗାଇ ସେପଟେ ଏକ କାହାଳୀରେ କ୍ଷୀର ଢାଳିବାର ବ୍ୟବସ୍ଥା ତିଆରି କରାଯାଇଥିଲା, ଯେପରିକି ପଛପଟୁ ହିଁ ଲୋକେ କ୍ଷୀର ନେଇପାରିବେ । ଅନ୍ତତଃ ୧ ମିଟର ଦୂରତା ବଜାୟ ରହିବ । ଜଣେ ଆଇଏଏସ୍ ଅଧିକାରୀ ନିତିନ ସାଙ୍ଗୱାନ ଏହି ନିଆରା ନଳ-ଗାଡ଼ିର ଉଦ୍ଭାବନ କ୍ଷୀରବାଲାଟିର ଫଟୋ ଉଠାଇ ଟ୍ୱିଟରରେ ପୋଷ୍ଟ କରିଥିଲେ ।

**ବୋତଲ-ହାତଧୁଆ ଯନ୍ତ୍ର:**
କରୋନାରୁ ରକ୍ଷା ପାଇବା ପାଇଁ ଏ ପର୍ଯ୍ୟନ୍ତ ଯେଉଁ ଉପାୟଗୁଡ଼ିକ କୁହାଯାଇଛି, ତା’ ଭିତରେ ରହିଛି ସଫାସୁତୁରା ରହିବା, ସାବୁନରେ ହାତ ଧୋଇବା ଆଦିବାସୀ ଅଞ୍ଚଳରେ ପାଣି ଆଧୁନିକ ବ୍ୟବସ୍ଥା ନଥିବାରୁ ବାରମ୍ବାର ହାତ ଧୋଇବା । ଏହି ସମସ୍ୟାର ସମାଧାନ ଚିନ୍ତା କଲେ କେତେକ । ମଧ୍ୟପ୍ରଦେଶର ଝାବୁଆ ହାତଧୁଆ ବ୍ୟବସ୍ଥା, ଯେଉଁଥିରେ ଧୋଇହେବା ସହ ପାଣି ମଧ ସେମାନେ ଗୋଟିଏ ବାଡ଼ି ବୋତଲକୁ ନେଇ ତିଆରି ହାତଧୁଆ ବ୍ୟବସ୍ଥା, ଯେଉଁଥିରେ ଧୋଇହେବା ସହ ପାଣି ମଧ



ବାରମ୍ବାର । ତେବେ ଟ୍ୟାପ୍ ଭଳି ଠିକ୍ ଭାବେ ସମ୍ଭବପର ନୁହେଁ ବାହାର କରିବାକୁ ଆଦିବାସୀ ଯୁବତୀ ଅନ୍ତର୍ଗତ ନିଆରା ଠିକ୍‌ଭାବେ ହାତ ଅଳ୍ପ ଖର୍ଚ୍ଚ ହେଉଛି । ମଝିରେ ଦୁଇଟି କରିଛନ୍ତି ନିଆରା ଠିକ୍‌ଭାବେ ହାତ ଅଳ୍ପ ଖର୍ଚ୍ଚ ହେଉଛି ।

ସେମାନେ ଗୋଟିଏ ବାଡ଼ି ମଝିରେ ଦୁଇଟି ପ୍ଲାଷ୍ଟିକ୍ ବୋତଲ୍‌କୁ ବାନ୍ଧିଦେଇ ଏକ ବୋତଲରେ ସାବୁନ ପାଣି ଓ ଆଉ ଗୋଟିଏରେ ସାଦା ପାଣି ଭର୍ତ୍ତି କରିଛନ୍ତି । ସେହି ବୋତଲ୍ ଦୁଇଟିକୁ ତଳେ ଥିବା ଏକ ପ୍ୟାଡେଲ୍ ସହ ଏପରି ଯୋଡ଼ାଯାଇଛି, ଯେପରିକି ପ୍ୟାଡେଲକୁ ଦବାଇବା ମାତ୍ରେ ବୋତଲର ଉପର ଅଂଶ ତଳକୁ ହୋଇଯାଏ ଓ ପାଣି ତଳେ ପଡ଼େ । ତେଣୁ ଆବଶ୍ୟକ ଅନୁସାରେ ସେଥିରୁ ବାହାରୁଥିବା ପାଣିରେ ହାତ ଧୋଇ ହୋଇହେଉଛି । ଏହାଦ୍ୱାରା ସାବୁନ ଓ ପାଣି ଅଳ୍ପ ଖର୍ଚ୍ଚ ହେଉଛି । ଏଭଳି ବୋତଲ-ହାତଧୁଆ ଯନ୍ତ୍ର ଗୋପାଳପୁରା ଗାଁର ଅନେକ ଜାଗାରେ ସେମାନେ ତିଆରି କରି ଲଗାଇଛନ୍ତି, ଯେପରିକି ସମସ୍ତେ ସହଜରେ ବାରମ୍ବାର ହାତ ଧୋଇପାରିବେ । ଶୀଲା ଡୋମାର, ପିଙ୍କି ଡାମୋର୍ ଓ ତାଙ୍କ ସାଙ୍ଗମାନେ ଏହି ନିଆରା ‘ଜୁଗାଡ଼’କୁ ତିଆରି କରିଛନ୍ତି ।

**କୋଭିଡ-୧୯ ବାଇକ୍:**
ତ୍ରିପୁରାର ଅଗରତଲା ନିକଟରେ ରହିଛି ଅରଲିଆ ଗାଁ । ଏହି ଗାଁର ପାର୍ଥ ସାହା ଏଭଳି ଏକ ଇଲେକ୍ଟ୍ରିକ ବାଇକ୍ ତିଆରି କରିଛନ୍ତି, ଯାହା ଏବେ ଚର୍ଚ୍ଚାରେ ରହିଛି । ଏହାର କାରଣ ହେଲା ସାମାଜିକ ଦୂରତା ରକ୍ଷା ପାଇଁ ଏହି ବାଇକ୍‌ରେ ଥିବା ଦୁଇଟି ସିଟ୍‌ର ବ୍ୟବଧାନକୁ ୧ ମିଟର ରଖାଯାଇଛି । ପାର୍ଥ ଏହି ବାଇକ୍‌ର ନାଁ ରଖିଛନ୍ତି ‘କୋଭିଡ-୧୯ ବାଇକ୍’ । ୩୯ ବର୍ଷୀୟ ଏହି ଯୁବକ ଏହାକୁ ତିଆରି କରିବାକୁ ଏକ ପେଟ୍ରୋଲ୍-ଚାଳିତ ମୋଟର ସାଇକଲର ଫ୍ରେମ୍‌କୁ ଲମ୍ବା କରିଦେବା ସହ ସାଇକଲ ସିଟ୍‌କୁ ବ୍ୟବହାର କରିଛନ୍ତି, ଯେପରିକି ଆଗ ଓ ପଛ ସିଟ୍ ୧ ମିଟର ଦୂରତା ରହିବ । ପେଟ୍ରୋଲ୍ ଇଞ୍ଜିନ ବଦଳରେ ସେ ୪୮ ଭୋଲ୍‌ଟ୍ ବ୍ୟାଟେରି ସଂଯୋଗ ହୋଇଥିବା ୭୫୦ ୱାଟ୍‌ର ଏକ ଡିସି ମୋଟର ଲଗାଇଛନ୍ତି । ପାର୍ଥ ତାଙ୍କ ଝିଅକୁ ଏହି କୋଭିଡ-



୧୯ ବାଇକ୍‌ରେ ବସାଇ ନେଉଥିବାର ଚିତ୍ର ବେଶ୍ ଚର୍ଚ୍ଚିତ ହୋଇଛି ।

**ବିଶୋଧକ ଗୃହ:**
ଉତ୍ତର ପ୍ରଦେଶର ରାମପୁର ବାସିନ୍ଦା ଜଣେ ଇଞ୍ଜିନିୟର୍ ଏକ ନିଆରା ବିଶୋଧକ ଗୃହ ନିର୍ମାଣ କରିଛନ୍ତି । ଏଥିପାଇଁ ସେ ଘରେ ପଡ଼ିରହିଥିବା ଅବ୍ୟବହୃତ ଜିନିଷକୁ ବ୍ୟବହାର କରିଛନ୍ତି । ଏଥିରେ ମାତ୍ର ଏକ ମିନିଟ୍‌ରୁ କମ୍ ସମୟ ଭିତରେ ଜଣେ ବ୍ୟକ୍ତିଙ୍କର ମୁଣ୍ଡରରୁ ଗୋଡ଼ ପର୍ଯ୍ୟନ୍ତ ବିଶୋଧନ କରାଯାଇପାରୁଛି । ରେଡିକୋ ଖେତାନରେ କାମ କରୁଥିବା ରାଜେଶ ଖାନ୍ନା ଏଭଳି ଏକ ବିଶୋଧକ ଗୃହ ତିଆରି କରିବା କଥା ଭାଇ ମନିଷଙ୍କୁ କହିଲେ । ବଜାର ବନ୍ଦ ଥିବାରୁ ଆବଶ୍ୟକ ଜିନିଷ ମିଳିଲା ନାହିଁ । ତା’ପରେ ଔଷଧ ଦୋକାନ କରିଥିବା ମନିଷଙ୍କ ଦୋକାନରୁ ଫ୍ଲେକ୍ସି ବୋର୍ଡର ଏଙ୍ଗେଲକୁ ଆଣି ସେ ମେସିନର ଫ୍ରେମ୍ ଭାବେ ବ୍ୟବହାର କଲେ । ଏହାପରେ ସେମାନେ ୧୨ ଭୋଲ୍‌ଟର ବ୍ୟାଟେରି, ଔଷଧ ଛିଞ୍ଚିବା ପାଇଁ ପ୍ରୟୋଗ କରାଯାଉଥିବା ସ୍ପ୍ରେ ମେସିନ ପମ୍ପ ଓ ତିନିଟି ନୋଜଲ୍‌କୁ ଯୋଡ଼ାଯୋଡ଼ି କରି ସେ ଏହି ଗୃହଟିକୁ ତିଆରି କରିବାରେ ସଫଳ ହେଲେ । ଏହି ମେସିନକୁ ବିଦ୍ୟୁତ୍ ବ୍ୟତୀତ ବ୍ୟାଟେରି ଓ ସୌରଶକ୍ତିରେ ମଧ ଚଳାଇହେବ ବୋଲି ରାଜେଶ କହନ୍ତି । ଏହି ବିଶୋଧକ ଗୃହରେ ପ୍ରବେଶ କରିବା ମାତ୍ରେ ବ୍ୟକ୍ତିଟି ଉପରେ ତିନିଟି ନୋଜଲ୍‌ରୁ ବିଶୋଧକ ସ୍ପ୍ରେ ହେଉଛି ଓ ସଂପୂର୍ଣ୍ଣ ରୂପେ ବିଶୋଧନ କରିଦେଉଛି ।




**ଉଡ଼ାଜାହାଜ:**
ତାଲାବନ୍ଦ ସମୟରେ କେତେକ ବ୍ୟକ୍ତିଙ୍କ ସୃଜନଶୀଳତା ପଦାକୁ ବାହାରିବାର ସୁଯୋଗ ପାଇଛି । ଏହିପରି ଜଣେ ଯୁବକ ହେଲେ ଲୌହନଗରୀ ଜାମସେଦପୁର ନିକଟବର୍ତ୍ତୀ ତାମୋଲିୟା ଗାଁର ଅମିତ ଚୌଧୁରୀ । ଅମିତ ଛୋଟବେଳେ ସ୍ୱପ୍ନ ଦେଖୁଥିଲେ ଯେ ସେ ଏକ ଉଡ଼ାଜାହାଜ ତିଆରିର କରିବେ । ସେ ଏବେ ତାଙ୍କର ସେହି ସ୍ୱପ୍ନକୁ ସାକାର କରିପାରିଛନ୍ତି । ସେ ଥର୍ମୋକୋଲରେ ଉଡ଼ାଜାହାଜର ଏପରି ଏକ ମଡ଼େଲ ତିଆରି କରିଛନ୍ତି, ଯାହା ଉଡ଼ିପାରୁଛି । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଅମିତ ଜଣେ ସାଧାରଣ ଯାନଚାଳକ ଓ ସେ କୌଣସି ପ୍ରଯୁକ୍ତିଗତ ଶିକ୍ଷା ଗ୍ରହଣ କରିନାହାନ୍ତି । ବଡ଼ କଷ୍ଟରେ ସପ୍ତମ ଶ୍ରେଣୀ ଯାଏଁ ପଢ଼ିଛନ୍ତି । ଅମିତ ନିର୍ମାଣ କରିଥିବା ମଡ଼େଲ ଉଡ଼ାଜାହାଜଟି ଘଣ୍ଟାପ୍ରତି ୭୦ କିଲୋମିଟର ବେଗରେ ଉଡ଼ିପାରୁଛି । ଦର୍ଶକ ଏହାକୁ ଦେଖି ଆଶ୍ଚର୍ଯ୍ୟ ନହୋଇ ରହିପାରୁନାହାନ୍ତି । ଏହା ଦେଖିବାକୁ ଲୋକଙ୍କ ବେଶ୍ ଭିଡ଼ ଜମୁଛି । ଅଧା କିଲୋମିଟର ପରିଧିରେ ଏକା ବେଳକେ ଅଧ ଘଣ୍ଟାର ଉଡ଼ାଣ କରିପାରୁଥିବା ଏହି ଜାହାଜକୁ ଅମିତ ରିମୋଟ ସାହାଯ୍ୟରେ ନିୟନ୍ତ୍ରଣ କରିଥାନ୍ତି । ଜାହାଜର ଓଜନ ମାତ୍ର ୧୨୦୦ ଗ୍ରାମ । ଅମିତ ଏକ ଡ୍ରିଲ୍ ମେସିନ୍‌ର ମୋଟରକୁ ଏହି ମଡେଲ୍ ଉଡ଼ାଜାହାଜର ଇଞ୍ଜିନ ଭାବେ ବ୍ୟବହାର କରିଛନ୍ତି । ଖରାପ ହୋଇପଡ଼ିଥିବା ବିଭିନ୍ନ ଯନ୍ତ୍ରରୁ ମୋବାଇଲ ବ୍ୟାଟେରି, ସ୍ପିଡ୍ କଣ୍ଟ୍ରୋଲର, ଟ୍ରାନ୍ସମିଟର, ରିସିଭର୍ ଆଦି ଯନ୍ତ୍ରାଂଶକୁ ଯୋଡ଼ାଯୋଡ଼ି କରି ସେ ଏହାକୁ ତିଆରିଛନ୍ତି । କେବଳ ରିମୋଟଟିକୁ ହିଁ ସେ କିଣିଛନ୍ତି ବୋଲି କହିଛନ୍ତି ।



**ବାଇକ୍-ସାନିଟାଇଜର୍:**



କରୋନା ଭୂତାଣୁକୁ ନଷ୍ଟ କରିବା ପାଇଁ ବିସ୍ତୀର୍ଣ୍ଣ ଜାଗାକୁ ବିଶୋଧନ କରାଯିବା ପାଇଁ ଚେଷ୍ଟା ଚାଲିଥିଲା । ତେବେ ଏଥିପାଇଁ ସବୁ ଜାଗାରେ ଆବଶ୍ୟକ ଯାନ ଓ ଯନ୍ତ୍ରପାତି ନାହିଁ । ଏହା ଦେଖି ରାୟପୁରର ଓମପ୍ରକାଶ ଗୋୟଲ୍ କ’ଣ କଲେ ଏକାବେଳକେ ବେଶି ଜାଗା ବିଶୋଧନ କରାଯାଇପାରିବ, ସେକଥା ଚିନ୍ତା କଲେ । ସେ ନିଜ ବାଇକ୍‌ର ପଛଚକାରେ ବେରିଙ୍ଗ୍ ଓ ଚେନ୍-ପୁଲି ବ୍ୟବସ୍ଥାକୁ ଏଭଳି ଭାବେ ତିଆରି କଲେ ଯେ ବାଇକ୍ ଷ୍ଟାର୍ଟ ହେବାମାତ୍ରେ ପଛଚକ ଘୂରିଲେ ବାଇକରେ ରରଖାଯାଇଥିବା ଦୁଇଟି ସାନିଟାଇଜର୍ ପାତ୍ରରୁ କେମିକାଲ୍ ଛିଞ୍ଚିବା ଆରମ୍ଭ ହୋଇଯାଏ । ସେ ତାଙ୍କର ଏହି ନିଆରା ବାଇକ୍-ସାନିଟାଇଜରରେ ରାୟପୁରର ଅନେକ ଅଞ୍ଚଳକୁ ବିଶୋଧନ କରିପାରିଛନ୍ତି । ଏମ୍‌ପ୍ରକାଶ ମାତ୍ର ଦଶମ ଶ୍ରେଣୀ ପଢ଼ିଛନ୍ତି । ତାଙ୍କର ଏହି କାମକୁ ଲୋକେ ବେଶ୍ ପ୍ରଶଂସା କରିଛନ୍ତି ।

## ଥରେ ଦୁର୍ଗ ଭିତରକୁ ଗଲେ ଫେରିବା ଅସମ୍ଭବ

ଉତ୍ତରପ୍ରଦେଶ ଅଲିଗଡ଼ ଜିଲ୍ଲାରେ ହେତମପୁରରର ନାମକ ଏକ ଗାଁ ଅଛି । ଏହି ଗାଁରେ ପ୍ରାଚୀନ ସମୟରେ ହେତମ ଖାନ ନାମକ ଜଣେ ରାଜାଙ୍କ ଶାସନ ଥିଲା । ଏହି ସ୍ଥାନରେ ସେ ଏକ ଦୁର୍ଗ ତିଆରି କରିଥିଲେ । କିନ୍ତୁ ଏହି ଦୁର୍ଗ ଅନ୍ୟ ଦୁର୍ଗଠାରୁ ଭିନ୍ନ ଥିଲା । ସେ ଦୁର୍ଗ ଭିତରେର ଏକ ସୁଡ଼ଙ୍ଗ ତିଆରି କରିଥିଲେ । ହେଲେ ସେଇ ସୁଡ଼ଙ୍ଗ ଭିତରକୁ ଯିବା ସହଜ ନଥିଲା । ସୁଡ଼ଙ୍ଗ ଭିତରକୁ ପ୍ରବେଶ କରିବାର ବାଟ ଏବଂ ଫେରିବାର ବାଟ କାହାକୁ ଜଣା ନଥିଲା । ଏବେ ବି ସେଇ ଦୁର୍ଗ ଭଗ୍ନାବସ୍ଥାରେ ଅଛି । କିନ୍ତୁ ଏହି ଦୁର୍ଗ ଭିତରକୁ ଯିବାକୁ ଲୋକମାମେ ଭୟ କରନ୍ତି । କାରଣର ଲୋକଙ୍କ ବିଶ୍ୱାସ ଯେ ଦୁର୍ଗ ଭିତରକୁ ଯେଉଁ ବ୍ୟକ୍ତି ଯାଏ ସେ ଅଦୃଶ୍ୟ ହୋଇଯାଏ । ଲୋକମାନେ କହନ୍ତି ଦୁର୍ଗ ଭିତରେ ଜଣେ ପ୍ରେତାତ୍ମା ବାସ କରୁଛି । ଯେଉଁଥିପାଇଁ ରାତି ହେଲେ କୌଣସି ବି ବ୍ୟକ୍ତି ଏହି ଦୁର୍ଗ ନିକଟକୁ ଆସନ୍ତି ନାହିଁ । ଲୋକମାନେ ଏହି ଦୁର୍ଗକୁ ଭୁଲାନି କୋଟ୍ କହିଥାନ୍ତି । ଲୋକମାନେ ଅଦୃଶ୍ୟ ହୋଇଯିବା ପଛରେ ଏକ କାହାଣୀ ରହିଛି । ବହୁତ ବର୍ଷ ତଳେ ଏକ ରାତିରେ ଏହି ଦୁର୍ଗ ନିକଟ ଦେଇ ବରଯାତ୍ରୀମାନେ ଯାଉଥିଲେ । ସେହି ସମୟରେ ଯାତାୟତ ପାଇଁ ଗାଡ଼ି ସୁବିଧା ନଥିଲା । ସେଥିପାଇଁ ଲୋକମାନେ ଚାଲି କରି ନଚେତ୍ ବଳଦଗାଡ଼ିରେ ଯାଉଥିଲେ । ବାଟ ଅଧିକ ଥିବାରୁ ସେମାନେ ରାସ୍ତାରେ ବିଶ୍ରାମ ନେଉଥିଲେ । ଯେତେବେଳେ ବରଯାତ୍ରୀମାନେ ଏହି ଦୁର୍ଗ ନିକଟ ଦେଇ ଯାଉଥିଲେ । ଦୁର୍ଗରର ସୁନ୍ଦରତା ଦେଖି କିଛି ଲୋକ ଭିତରକୁ ବିଶ୍ରାମ କରିବାକୁ ଚାଲି ଯାଇଥିଲେ । ଆଉ କିଛି ଲୋକ ବାହାରେ ବଳଦଗାଡ଼ିରେ ବିଶ୍ରାମ ନେଇଥିଲେ । ସକାଳୁ ଯେତେବେଳେ ସେମାନେ ଉଠିଲେ ଦେଖିଲେ ଦୁର୍ଗ ଭିତରୁ କେହି ବି ଲୋକ ବାହାରକୁ ବାହାରୁନାହାନ୍ତି । ବାହାରୁ କିଛି ଲୋକ ସେମାନଙ୍କୁ ଖୋଜିବାକୁ ଯାଇଥିଲେ । ହେଲେ ସେମାନେ ବି ଫେରି ନଥିଲେ । ଏହା ଦେଖି ଦୁର୍ଗ ବାହାରେ ଥିବା ଲୋକମାନେ ଡରି ଯାଇ ସେଠାରୁ ଚାଲି ଯାଇଥିଲେ । ଧୀରେ ଧୀରେ ଗାଁ ସାରା ଏଇ କଥା ବ୍ୟାପି ଯାଇଥିଲା ଏବଂ ଗାଁ ଲୋକେ ଦୁର୍ଗର ସୁଡ଼ଙ୍ଗକୁ ପଥରରେ ବନ୍ଦ କରି ଦେଇଥିଲେ । ସେବେଠାରୁ ଏଇ ଦୁର୍ଗ ଭିତରକୁ କେହି ବି ଯିବାକୁ ସାହସ କରନ୍ତି ନାହିଁ । କିଛି ଲୋକ କୁହନ୍ତି ସୁଡ଼ଙ୍ଗ ଭିତରେ ବହୁମୂଲ୍ୟ ସମ୍ପତ୍ତି ପଡ଼ି ରହିଛି । ହେଲେ ସେଇ ସମ୍ପତ୍ତିକୁ ଆଜି ପର୍ଯ୍ୟନ୍ତ କେହି ବି ଦୁର୍ଗ ବାହାରକୁ ଆଣି ପାରିନାହାନ୍ତି ।



## ମହିଳାଙ୍କ ଉପରେ ଚାପ

*ବର୍ତ୍ତମାନ ମଧ ଅଧିକାଂଶ କମ୍ପାନୀ କର୍ମଚାରୀଙ୍କୁ ୱାର୍କ ଫ୍ରମ୍ ହୋମ୍ ଜରିଆରେ କାମ କରାଯାଉଛି । ଦିଲ୍ଲୀ, ମୁମ୍ବାଇରେ ୩୧% କର୍ମଜୀବୀ ମହିଳା ଘରେ କାମ କରୁଥିବାର ପ୍ରକାଶ ।*

-ଘରୁ କାମ କରିବା ଦ୍ୱାରା ମହିଳାଙ୍କ ଉପରେ କାମର ଚାପ ଅଧିକ ପଡୁଛି । କାରଣ ପରିବାର ସଦସ୍ୟମାନେ ସେମାନଙ୍କ ଏଇ କାମ ଶୈଳୀକୁ ବୁଝି ନ ପାରି ବରଂ ଘରକାମରେ ସହଯୋଗ କରିବାକୁ କହୁଛନ୍ତି ।

-ବିଶେଷଜ୍ଞ ମୋନିକା ଶର୍ମା କହିଛନ୍ତି, ଗତ କିଛିଦିନ ମଧ୍ୟରେ ଅନ୍-ଲାଇନ୍ ଜରିଆରେ ସଂଖ୍ୟାଧିକ ମହିଳାଙ୍କ ଅଭିଯୋଗ ତାଙ୍କ ପାଖକୁ ଆସୁଛି । ଗୋଟିଏ ସମୟରେ ଉଭୟ ଘର କାମ ଓ ଅଫିସ୍‌ର ୱାର୍କ କାମ ଓ ଅଫସ୍‌ର ୱାର୍କ ଫ୍ରମ୍ ହୋମ୍ ଦାୟିତ୍ୱ ତୁଲାଇ ମହିଳାମାନେ ଅତିଷ୍ଠ ହୋଇପଡ଼ିଲେଣି ।

-ଏଭଳି ସମୟରେ ଘରର ସଦସ୍ୟମାନେ ବୁଝିବା ନିତାନ୍ତ ଜରୁରୀ । ମାନସିକ ଚାପରୁ ବର୍ତ୍ତିବା ପାଇଁ ମହିଳାମାନେ ନିଜ କାମକୁ ପ୍ରାଧାନ୍ୟ ଦେବା ଉଚିତ । ଯୋଗ, ଧ୍ୟାନ କଲେ ଏସବୁର ଚାପ କମ୍ ହେଉଥିବାର ବିଶେଷଜ୍ଞଙ୍କ ମତ ।



# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୦୩ ଜୁଲାଇ ୨୦୨୦, ଶୁକ୍ରବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଲକ୍ଷ୍ୟହୀନ ହୁରିଆତ୍...

ସର୍ବଦଳୀୟ ହୁରିଆତ୍ ସମ୍ମିଳନୀରେ ଅଧକ୍ଷ ପଦରୁ ସୟିଦ ଅଲ୍ଲୀ ଶାହ ଗିଲାନୀଙ୍କ ଇସ୍ତଫା ସହ ଜାମ୍ମୁ କାଶ୍ମୀରରେ ବିଚ୍ଛିନ୍ନତାବାଦୀ ରାଜନୀତିରେ ଏକ ବିରାଟ ପରିବର୍ତ୍ତନ ଘଟିବାର ପ୍ରାକ୍ ସୂଚନା ମିଳେ । ଆଜୀବନ ଏହି ସଂଗଠନର ଅଧକ୍ଷ ଭାବ ମନୋନୀତ ଗିଲାନୀଙ୍କ ଆକସ୍ମିକ ଇସ୍ତଫା ହୁରିଆତ୍ ରାଜନୀତିରେ ବ୍ୟାପକ ପରିବର୍ତ୍ତନର ସୂଚନା ଦିଏ । ଯେଉଁ ଢଙ୍ଗରେ ଓ ସ୍ୱରରେ ଗିଲାନୀ ତାଙ୍କର ଦୀର୍ଘ ଇସ୍ତଫା ପତ୍ର ହୁରିଆତ୍ ସମ୍ମିଳନୀ ଏବଂ ଏହାର ଘଟକ ଗୋଷ୍ଠୀମାନଙ୍କ ନିକଟକୁ ପଠାଇଛନ୍ତି ତାହା ତାଙ୍କ ମନର କ୍ଷୋଭକୁ ସ୍ପଷ୍ଟ ସୂଚାଉଛି । ସ୍ୱୀକାର୍ଯ୍ୟ ଯେ ୯୧ ବର୍ଷ ବୟସ୍କ ସୟିଦ୍ ଅଲ୍ଲୀ ଶାହ ଗିଲାନୀଙ୍କ ସ୍ୱାସ୍ଥ୍ୟାବସ୍ଥା ଗତ କିଛି ବର୍ଷ ଧରି ଭଲ ରହୁନଥିଲା ଏବଂ ୨୦୧୩ ମସିହାଠାରୁ ଗୃହବନ୍ଦୀ ଭାବେ ସେ ନିଜର ଶ୍ରୀନଗର ବାସଭବନରେ ହିଁ ସମୟ ବିତାଉଥିଲେ । କିନ୍ତୁ ଜଣେ କଠୋରପନ୍ଥୀ ବିଚ୍ଛିନ୍ନତାବାଦୀ କାଶ୍ମୀରୀ ନେତା ଭାବେ ଦୀର୍ଘ ଦିନରୁ ପରିଚିତ ଗିଲାନୀଙ୍କ ସ୍ୱରରେ କୌଣସି ପରିବର୍ତ୍ତନ ଘଟିନଥିଲା । ତେଣୁ ଆକସ୍ମିକ ଭାବେ ତାଙ୍କର ଇସ୍ତଫା ପ୍ରଦାନ ନିଶ୍ଚିତ ଭାବେ ହୁରିଆତ୍ ସମ୍ମିଳନୀକୁ ବିଚଳିତ କରିବ ବୋଲି ବିଶ୍ୱାସ କରିବା ଅସମ୍ଭବ ନୁହେଁ ।

କାଶ୍ମୀର ଉପତ୍ୟକାରେ ବିଚ୍ଛିନ୍ନତାବାଦୀ ଆନ୍ଦୋଳନ କରି ଆସୁଥିବା ବିଭିନ୍ନ ଗୋଷ୍ଠୀ ଓ ସଂଗଠନକୁ ଏକତ୍ରିତ କରି ୧୯୯୩ ମସିହାରେ ସର୍ବଦଳୀୟ ହୁରିଆତ୍ ସମ୍ମିଳନୀ ଗଠନ କରାଯାଥିଲା । ଏଥିରେ ସାମିଲ ହୋଇଥିଲେ ୨୭ଟି ଗୋଷ୍ଠୀ । ସେମାନଙ୍କ ମଧରେ ନାନା ପ୍ରକାର ମତାନ୍ତର ଥିଲେ ସୁଦ୍ଧା ଗୋଟିଏ ଲକ୍ଷ୍ୟକୁ ନେଇ ସେମାନେ ସହମତ ଥିଲେ ଯେ ଭାରତ ଠାରୁ ଜାମ୍ମୁ କାଶ୍ମୀରକୁ ପୃଥକ୍ କରିବା ଓ ପାକିସ୍ତାନ ସଙ୍ଗେ ସାମିଲ ହେବା । ସେତେବେଳେ ଗିଲାନୀଙ୍କ ନେତୃତ୍ୱ ଓ ପ୍ରଭାବକୁ ନେଇ ତାଙ୍କୁ ସର୍ବସମ୍ମତି କ୍ରମେ ଅଧକ୍ଷ ପଦକୁ ମନୋନୀତ କରାଯାଇଥିଲା । କିନ୍ତୁ ପରବର୍ତ୍ତୀ ସମୟରେ ସମ୍ମିଳନୀ ଆଭିମୁଖ୍ୟକୁ ନେଇ ନରମପନ୍ଥୀ ଓ ଚରମପନ୍ଥୀ ଭଳି ଦୁଇ ଭାଗରେ ବିଭାଜିତ ହୋଇଥିଲେ । ତେବେ ଗିଲାନୀଙ୍କର ପ୍ରଭାବ ଥିଲା ସର୍ବମାନ୍ୟ ଏବଂ ତାଙ୍କର ସଂପର୍କର ଡୋରି ଇସଲାମାବାଦ ଠାରୁ ନେଇ ମୁଜାଫରାବାଦ ପର୍ଯ୍ୟନ୍ତ ଲମ୍ବିଥିଲା । ସେଠାରୁ ପର୍ଯ୍ୟାପ୍ତ ଆର୍ଥିକ ସାହାଯ୍ୟ ଓ ସହଯୋଗ ପାଇ ଗିଲାନୀ ଉପତ୍ୟକାରେ ବିଚ୍ଛିନ୍ନତାବାଦୀ ଆନ୍ଦୋଳନ ଓ ହିଂସାକୁ ପ୍ରତ୍ୟକ୍ଷ ଭାବେ ସମର୍ଥନ ଯୋଗାଇ ଆସୁଥିଲେ ।

ତେବେ ୨୦୧୯ ମସିହା ଅଗଷ୍ଟ ୫ ତାରିଖ ଦିନ ଭାରତ ସରକାର ସମ୍ବିଧାନର ଧାରା ୩୭୦ ଏବଂ ଧାରା ୩୫ (କ)ର ଉଚ୍ଛେଦ ସହ ଜାମ୍ମୁ କାଶ୍ମୀର ପାଇଁ ଥିବା ବିଶେଷାଧିକାରର ଉଚ୍ଛେଦ କରିଥିଲେ ଏବଂ ଏଥିସହ ରାଜ୍ୟକୁ ଦୁଇ ଭାଗରେ ବିଭାଜିତ କରି ଦୁଇଟି ପୃଥକ୍ କେନ୍ଦ୍ରଶାସିତ କ୍ଷେତ୍ର ଗଠନ କରିଥିଲେ । ଇତି ପୂର୍ବରୁ ଏନଆଇଏ ଦ୍ୱାରା କରାଯାଇଥିବା ଅନୁସନ୍ଧାନରୁ ଜଣାପଡ଼ିଥିଲା ଯେ ଗିଲାନୀଙ୍କ ସମେତ ଅନେକ କାଶ୍ମୀରୀ ବିଚ୍ଛିନ୍ନତାବାଦୀ ନେତା ପାକିସ୍ତାନ ସରକାର ଏବଂ ସେ ଦେଶର ଆତଙ୍କବାଦୀ ସଂଗଠନରୁ ବିପୁଳ ଅର୍ଥ ଆଣି ଉପତ୍ୟକାରେ ହିଂସାକାଣ୍ଡକୁ ଉପୁକାଉଛନ୍ତି । ସେମାନଙ୍କ ଏହି ଅଦୃଶ୍ୟ ଅର୍ଥ ଉତ୍ସ ଓ ସ୍ରୋତ ବିଷୟରେ ଜଣାପଡ଼ିଛି ପରେ ଯୁବ ହୁରିଆତ୍ ନେତାମାନେ ବରିଷ୍ଠଙ୍କ ଉପରୁ ଏକ ପ୍ରକାର ଆସ୍ଥା ତୁଟାଇ ଦେଇଥିଲେ । ଅନ୍ୟ ପକ୍ଷରେ ଉପତ୍ୟକାରୁ ହିଂସା କମିବା ପରେ ପାକିସ୍ତାନ ମଧ ଗିଲାନୀ ଓ ତାଙ୍କ ଭଳି ବରିଷ୍ଠ ନେତୃବର୍ଗଙ୍କ ଉପରେ ଖପ୍ପା ହୋଇଥିଲା । ସେମାନଙ୍କ ସ୍ଥାନରେ ଯୁବନେତାଙ୍କ ଉପରେ ଅଧିକ ଦାୟିତ୍ୱ ଦେଇଥିଲା । ଏହି ଯୁବ ନେତାମାନେ ଗିଲାନୀ ଓ ଅନ୍ୟମାନଙ୍କୁ ବେଶ୍ କିଛି ଦିନ ହେବ ଅଣଦେଖା କରିଆସୁଥିଲେ ଏବଂ ତାହାକୁ ନେଇ ସମ୍ମିଳନୀ ଭିତରେ ଟଣାଓଟରା ଲାଗିଥିଲା । ଗିଲାନୀଙ୍କ ଇସ୍ତଫା ପତ୍ରର ଭାଷାରୁ ସେ ଗନ୍ଧ ସ୍ପଷ୍ଟ ବାରି ହୋଇପଡ଼େ । ତେଣୁ ସସମ୍ମାନେ ହୁରିଆତ୍ ସମ୍ମିଳନୀରୁ ଇସ୍ତଫା ଦେଇ ଓହରି ଯିବା ଛଡ଼ା ଗିଲାନୀଙ୍କ ସକାଶେ ସମ୍ଭବତଃ ଗତ୍ୟନ୍ତର ନଥିଲା । କିନ୍ତୁ ପ୍ରଶ୍ନ ଉଠେ, ଗିଲାନୀଙ୍କ ଇସ୍ତଫା ପରେ ହୁରିଆତ୍ ଆଉ ପୂର୍ବଭଳି ରହିବ ତ? ଉପତ୍ୟକାରୁ ହିଂସା ଥମିବା ପରେ ଏବଂ ଆତଙ୍କବାଦୀମାନଙ୍କ ନିପାତ ଜାରି ରହିଥିବାବେଳେ ହୁରିଆତ୍ ବାସ୍ତବ ପକ୍ଷେ ଲକ୍ଷ୍ୟହୀନ ହେଇପଡ଼ିବା ପରି ମନେହୁଏ । ଗିଲାନୀଙ୍କ ଇସ୍ତଫା ପ୍ରଦାନ ପରୋକ୍ଷରେ ତାହା ସ୍ପଷ୍ଟ କରିଦେଇଛି ।




## ହୁଅ ସଚେତନ

ଶରତ ଚନ୍ଦ୍ର ଜାଲି

ପଡ଼ିଶାଘରର ସନିଆ ଭାଇଟା
କାଶୁଥିଲା ଖୁଉଁ ଖୁଉଁ
କାଶ ଶୁଣି ତାର ସଅଳ ତା ପାଶେ
ଧିରେ ଧିରେ ଗଲି ମୁଁ ।

ପଚାରିଲି ତାକୁ କଣ ହେଇଛଚି
ସେ ମତେ କହିଲା ଯାହା
ତା କଥା ଶୁଣି ମୁଁ ଛାନିଆ ହୋଇଲି
ଦୁଃଖେ ମୁଁ କହିଲି ଆହା ।

ଯକ୍ଷ୍ମା, କରକଟ ଫୁଲିଛି ତା ପେଟ
ପାଟିରେ ବିରାଟ ଘା
ଦୁଖେ ତା ଘରଣୀ ବସିଥିଲା ପୁଣି
କାନ୍ଦୁଥିଲା ବୁଢ଼ୀ ମା ।

କାନ୍ଦି କାନ୍ଦି ତା ମା କହିଲା ପୁଅରେ
ବଞ୍ଚିବନି ମୋର ପୁଅ
ମରଣ ସଙ୍ଗରେ କରୁଛି ସଂଘର୍ଷ
ପିଇପିଇ ଆଖିଲୁହ ।

ସକାଳରୁ ସଂଜ ସିଗେରଟ୍, ମଦ
ତମାଖୁ, ଖଇନି, ପାନ
ଗଂଜେଇ, ପୁଡ଼ିଆ ଖାଇ ମୋ ସନିଆ
ନଷ୍ଟ କଲା ତା ଜୀବନ ।

ଯେତେ ମନାକଲି ମାନିଲାନି ଧନ
ଶେଷେ ପଡ଼ିଲା ଏରୋଗେ
କେମିତି ଚଳିବ ତା ଘରସଂସାର
ଯାହା ଥିବ ତାର ଭାଗ୍ୟେ ।

ଏକଇରବଳା ମୋ ନେତ୍ରପିତୁଳା
ମୋଜୀବ ଜୀବନ ଧନ
ଯେଉଁ ନିଶା ଖାଇ ମତେ ଦୁଃଖ ଦେଇ
ହାରିଲା ଧନ, ଜୀବନ ।

ଯୋଡ଼ି ବେନିପାଣି କହିଲା ବାୟାଣୀ
ରଖିବୁ ବଚନ ମୋର
ମାଦକଦ୍ରବ୍ୟକୁ ଥିବ ସାବଧାନ
ସେ କାଳକୁଟ ଜହର ।

ହୁଅ ସଚେତନ ଆହେ ସୁଜ୍ଞଜନ
ତମାଖୁ କର ବର୍ଜନ
ସୁଖରେ ବଞ୍ଚିବ ସୁସ୍ଥରେ ବଞ୍ଚିବ
ଲଭି ଯଶ, ସନମାନ ।

+ ପଥରା, ଖଲ୍ଲିକୋଟ, ଗଂଜାମ
ମୋ: ୭୮୭୩୯୧୭୬୫୧

# ଏକ ଚର୍ଚ୍ଚିତ ପ୍ରତିଭା "ମଙ୍ଗୁଭାଇ"

## ଏକାଦଶାହ ଉପଲକ୍ଷେ

### ଶ୍ରୀ ବିଧାନ ଚନ୍ଦ୍ର ରାୟ

ମଙ୍ଗ ଶବ୍ଦର ଅର୍ଥ ନେତୃତ୍ୱ ନେବା । କୌଣସି ପଦ ପଦବୀର ମୁଖ୍ୟ ଭାବରେ କାର୍ଯ୍ୟ ନିର୍ବାହ କରିବା, ଏହାର ଅନ୍ୟ ଏକ ଅର୍ଥ ହେଲା ଜାହାଜ, ନୌକା ଇତ୍ୟାଦି ଜଳ ଯାନ ଗୁଡ଼ିକର ଚଳନଶୀଳ ସ୍ଥିରର କରି ଜାବୁଡ଼ି ଧଦରି ନିଶ୍ଚଳ କରି ରଖିବା । କିନ୍ତୁ ବାଲେଶ୍ୱର ଜିଲ୍ଲାର ପରମିଟ ଘାଟ ନିକଟସ୍ଥ ତା ୧୩/୦୮/୧୯୫୭ ରିଖରେ ପିତା ସ୍ୱର୍ଗତଃ ବିରେନ ଚନ୍ଦ୍ର ଦତ୍ତ ଓ ମାତା ସ୍ୱର୍ଗତାଃ ବ୍ରଜ ବାଳା ଦତ୍ତଙ୍କରର ତୃତୀୟ ସନ୍ତାନ ଭାବେ ଭୂମିଷ୍ଠ ହୋଇଥିବା ପୁତ୍ରଟି ଗୋବର ଗଡ଼ିଆରୁ ପଦ୍ମ ଫୁଟିଲା ଭଳି ଦିନେ ଗୋଟିଏ ମୁମୂର୍ଷ ଦଳର ନେତୃତ୍ୱ ନେଇ ତାହାକୁ ଜୀବ ନ୍ୟାସ ଦେଇ ଏକ ବିରାଟ ଦ୍ରୁମର ପରିଣତ କରିବା ଦିଗରେ ତାଙ୍କର ଅକ୍ଲାନ୍ତ ପରିଶ୍ରମ ଓ ଦୃଢ଼ ନେତୃତ୍ୱର ସୂଚନା ଦିଏ । ସେହି ବ୍ୟକ୍ତିଟିର ନାମ ହେଲା ମଙ୍ଗୁଭାଇ ଓରଫ ମଦନ ମୋହନ ଦତ୍ତ । ତାଙ୍କର ପ୍ରକୃତ ନାମ ମଦନ ମୋହନ ଦତ୍ତ ହୋଇଥିଲେ ମଧ ସେ ସମସ୍ତଙ୍କ ଠାରେ ଆଦର, ସ୍ନେହ ଓ ଶ୍ରଦ୍ଧାର ଡାକ "ମଙ୍ଗୁଭାଇ" ବୋଲି ସର୍ବତ୍ର ପରିଚିତ ।

ଶ୍ରୀଫଳଟି ଯେଉଳି ଉପରେ କର୍କଶ, ଶକ୍ତ ଓ କଠିନ, କିନ୍ତୁ ଭିତରେ ଖୁବ୍ କୋମଳ, ସ୍ୱାଦିଷ୍ଟ ଏବଂ ତାହାର ଜଳ ଗୁଡ଼ିକ ମଧ ଖୁବ୍ ରୁଚିପୂର୍ଣ୍ଣ, "ମଙ୍ଗୁଭାଇ" ମଧ ଠିକ୍ ସେହିଭଳି ଉପରେ ଖୁବ୍ କର୍କଶ ଗୁରୁଗମ୍ଭୀର, ନିର୍ଭୟ ଭାବରେ ଯେକୌଣସି ବ୍ୟକ୍ତିଙ୍କୁ ଦାମ୍ଭିକ ଭାବରେ ବାର୍ତ୍ତାଳାପ କରୁଥିବାର ଦେଖାଯାଏ, କିନ୍ତୁ ପ୍ରକୃତରେ ମଙ୍ଗୁଭାଇଙ୍କର ହୃଦୟ ଖୁବ୍ ନିର୍ମଳ, ଖୋଲା ଏବଂ ଉଦାର । ସେ 'ଭାରତୀୟ ଜନତା ପାର୍ଟି'ର ସଦସ୍ୟ ହୋଇଥିଲେ ମଧ ପ୍ରତ୍ୟେକ ଦଳର ବ୍ୟକ୍ତିଙ୍କୁ ସମ୍ମାନ ଦେଉଥିବାର ପରିଲକ୍ଷିତ ହୁଏ ।

ମଙ୍ଗୁଭାଇଙ୍କର ୫ଭାଇ ଓ ୩ ଭଉଣୀ ମଧରୁ ସେ ପିତାମାତାଙ୍କର ୩ୟ ସନ୍ତାନ ଥିଲେ । ସେ ୨୦୦୨ ମସିହାରେ ବିବାହ କରିଥିଲେ । ତାଙ୍କର ଗୋଟିଏ ପୁଅ ଓ ଗୋଟିଏ ଝିଅ ଅଛନ୍ତି । ସେ ୩୯ ନମ୍ବର ବିଜୟ ଲାଭ କରି ଜିଲ୍ଲା ପରିଷଦକୁ ସଭ୍ୟ ରୂପେ ନିର୍ବାଚିତ ହୋଇଥିଲେ ।

ସେ ଜିଲ୍ଲା ପରିଷଦର ଅଧକ୍ଷ ହେବା ପାଇଁ ଉଦ୍ୟମ ଜାରି ରଖିଥିଲେ ମଧ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କର ହସ୍ତକ୍ଷେପ ଯୋଗୁଁ ତାଙ୍କର ନିର୍ଦ୍ଦେଶକୁ ମାନି ଜିଲ୍ଲା ପରିଷଦର ଉପସଭାପତି ପଦରେ ଅଧିଷ୍ଠିତ ହୋଇଥିଲେ । କିନ୍ତୁ ଯାହାର ଜୀବନ ସଂଗ୍ରାମରେ ଗଢ଼ା ସେ କ'ଣ ଚୁପ ହୋଇ ବସି ପାରିବେ । ସେ ସର୍ବଦା ଉଚ୍ଚାଭିଳାଷୀ ଥିଲେ । ସେ କଦାପି ହାର ମାନିବାକୁ ପ୍ରସ୍ତୁତ ନଥିଲେ । ସେ ୨୦୦୨ରୁ ୨୦୦୭ ମସିହା ପର୍ଯ୍ୟନ୍ତ ଜିଲ୍ଲା ପରିଷଦର ଉପସଭାପତି ଦାୟୀତ୍ୱକୁ ଖୁବ୍ ଦକ୍ଷତାର ସହିତ ପ୍ରତିପାଦନ କରି ଭାରତୟ ଜନତା ପାର୍ଟି ଓ ପ୍ରତ୍ୟେକ ଦଳର ଲୋକମାନଙ୍କ ଶ୍ରଦ୍ଧାଭାଜନ ହୋଇ ପାରିଥିଲେ ।

ମଙ୍ଗୁଭାଇ ବାଲେଶ୍ୱର ଜିଲ୍ଲାର ଭାରତୀୟ ଜନତା ଦଳର ୨୦୧୧ ମସିହାଠାରୁ ୨୦୧୯ ମସିହା ପର୍ଯ୍ୟନ୍ତ ମଙ୍ଗ (ସଭାପତି) ଧରିଥିଲେ । ସେତେବେଳେ ବାଲେଶ୍ୱର ଜିଲ୍ଲାର ବି.ଜେ.ପି. ଦଳର ଅବସ୍ଥା ଆଦୌ ଭଲ ନଥିଲା । ବିଲୁପ୍ତପ୍ରାପ୍ତ ବି.ଜେ.ପି. ଦଳକୁ ତୃଣମୂଳରୁ ସଂଗଠିତ କରାଇ ଏକ ବିରାଟ ପାହାଡ଼ରେ ପରିଣତ କରିବା କ୍ଷେତ୍ରରେ ମଙ୍ଗୁଭାଇ ଅନେକ ପରିଶ୍ରମ ଓ ଅକ୍ଲାନ୍ତ ଉଦ୍ୟମ କରିଛନ୍ତି । ହଜାର ହଜାର ନରନାରୀଙ୍କୁ ନେଇ ବି.ଜେ.ପି.ରେ ସଭ୍ୟ କରି ସେ ରାମନବମୀ ଓ ବିଭିନ୍ନ ଦାବୀ ନେଇ ଜିଲ୍ଲାପାଳ କାର୍ଯ୍ୟାଳୟକୁ ଘେରାଉ କରିବା ଏବଂ ନିଜେ ବିଧାୟକ ଭାବରେ ପ୍ରାର୍ଥୀପତ୍ର ଦାଖଲ କରିବା ସମୟରେ ବିରାଟ ପଟୁଆରକୁ ଯେ ଥରେ ଦେଖିଛି, ସିଏ ମଙ୍ଗୁଭାଇଙ୍କର ସଂଗଠନ ଦକ୍ଷତା କେତେ ମଜବୁତ ତାହା ନିଶ୍ଚିତ ଭାବରେ ପ୍ରଶଂସା କରିବ, ଏଥିରେ ସନ୍ଦେହ ନାହିଁ ।

କେବଳ ସେତିକି ନୁହେଁ ଗତ ଦୁଇଟି ସାଧାରଣ ନିର୍ବାଚନ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବାଲେଶ୍ୱରର ପରମିଟ ପଡ଼ିଆ ଓ ବାଲିଆ ସ୍ଥିତ ବିରାଟ ଗଣ ସମାବେଶକୁ ମଙ୍ଗୁଭାଇ ଯେଉଳି ସଫଳତା ସହ ତୁଲାଇ ପାରିଥିଲେ । ସେଥିପାଇଁ ସେ ପ୍ରକୃତରେ ଧନ୍ୟବାଦର ପାତ୍ର କହିଲେ ଅତ୍ୟୁକ୍ତି ହେବନାହିଁ ।

ମଙ୍ଗୁଭାଇ ୨୦୦୭ ମସିହାରେ ରେମୁଣା ବ୍ଲକର ଅଧକ୍ଷ (ଚେୟାରମ୍ୟାନ) ହୋଇ ୨୦୧୨ ମସିହା ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ । ରେମୁଣା ବ୍ଲକର ଚେୟରମ୍ୟାନ ନିର୍ବାଚନର ୭/୮ ଦିନ ପୂର୍ବରୁ ହଠାତ୍ ସନ୍ଧ୍ୟାବେଳେ ଏକାକି ମଟର ସାଇକେଲରେ ଆସି ଆମ ଘରେ ପହଞ୍ଚି କହିଲେ- "ବିଧାନ ଦା ବାଡ଼ିତେ ଆଛେନ"? ମୁଁ ସଙ୍ଗେ ସଙ୍ଗେ ଘରୁ ବାହାରି ଆସିଲି । ସେ ମୋତେ କହିଲେ "ବିଧାନ ଦା ଅନେକ ଆଶା ଓ ଭରଷା ନିୟେ ଆମି ଆପନାର ବାଡ଼ିତେ ଏସେଛି । ଆପନି ଆମାକେ ନିଶ୍ଚୟ ସାହାଯ୍ୟ କରବେନ ବେଲେ ଆମାର ଆଶା" ! "ଆମାର ୪/୫ଟା ଭୋଟ ହୋଲେ ଆମି ଚେୟାରମ୍ୟାନ ଜିତେ ଯାବ ।" ମୁଁ କହିଲି ଭଗବାନଙ୍କ ଉପରେ ଭରଷା ରଖନ୍ତୁ ଆପଣ ନିଶ୍ଚୟ ଜିତିବେ । ଚେୟାରମ୍ୟାନ ଜିତିଯିବା ପରେ ସେ ମୋତେ ବଧାଇ ଜଣାଇଥିଲେ । ସେହିଦିନଠାରୁ ସେ ମୋତେ ଦାଦା ବୋଲି ଡାକନ୍ତି । ସେ ୨୦୦୭ ମସହାଠାରୁ ୨୦୧୨ ମସିହା ପର୍ଯ୍ୟନ୍ତ ରେମୁଣା ବ୍ଲକରେ ଅଧକ୍ଷ (ଚେୟାରମ୍ୟାନ) ଭାବରେ କାର୍ଯ୍ୟ କରି ସମସ୍ତଙ୍କର ପ୍ରିୟପାତ୍ର ହୋଇପାରିଥିଲେ ।

ଏହା ପରେ ସେ କେବେ ପଛକୁ ଫେରି ନାହାଁନ୍ତି । ସେ ୨୦୧୪ ମସିହାରେ ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀରୁ ବିଧାୟକ ଭାବରେ ବିଜୁ ଜନତା ଦଳର ପ୍ରାର୍ଥୀ ଜୀବନ ପ୍ରଦୀପ ଦାଶଙ୍କ ବିରୁଦ୍ଧରେ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଥିଲେ ହେଁ ମାତ୍ର ଅଳ୍ପ ଭୋଟ ବ୍ୟବଧାନରେ ପରାଜୟ ବରଣ କରିଥିଲେ । ତଥାପି ତାଙ୍କ ମନରେ ଦୁଃଖ କିମ୍ବା ଅନୁଶୋଚନା ନଥିଲା । ବରଂ ସେ ନୂତନ ଉତ୍ସାହ, ପ୍ରେରଣା ଓ ଉଦ୍ଦୀପନା ସହକାରେ ଲୋକମାନଙ୍କର ଦୁଃଖ, ଦୁର୍ଦ୍ଦଶା ଏବଂ ବିପଦ ସମୟରେ ସେମାନଙ୍କ ନିକଟରେ ପହଞ୍ଚି ସେମାନଙ୍କର ସମସ୍ୟାର ସମାଧାନ କରିବା ନିମନ୍ତେ ଯତ୍ପରାନାସ୍ତି ଉଦ୍ୟମ କରୁଥିଲେ । ସେ କେବେ ଭାଙ୍ଗି ପଡୁନଥିଲେ । ଯେଉଳି ଗୋଟିଏ ଗେଣ୍ଡା ବାରମ୍ବାର ଗୋଟିଏ କାନ୍ଥକୁ ଅତିକ୍ରମ କରିବାକୁ ଉଦ୍ୟମ କରି ବିଫଳ ହୋଇ ତଳେ ଖସି ପଡୁଥିଲା ଏବଂ କାନ୍ଥଟିକୁ ଅତିକ୍ରମ କରିବା ପରେ ଖୁସିରେ ଆତ୍ମହରା ହୋଇ ପଡୁଥିଲା, ସେହିଭଳି ମଙ୍ଗୁଭାଇ ବହୁ ବାଧାବିଘ୍ନ ଓ ଘାତ ପ୍ରତିଘାତକୁ ଅତିକ୍ରମ କରି ପରିଶେଷରେ ପୁନଶ୍ଚ ସେହି ବିଜୁ ଜନତା ଜଳର ପ୍ରାର୍ଥୀ ଶ୍ରୀ ଜୀବନ ପ୍ରଦୀପ ଦାଶଙ୍କ ବିରୁଦ୍ଧରେ ୨୦୧୯ ମସିହା ସାଧାରଣ ନିର୍ବାଚନରେ ବାଲେଶ୍ୱର ସଦର ବିଧାନ ସଭା ମଣ୍ଡଳୀରୁ ପ୍ରତିଦ୍ୱନ୍ଦିତା କରି ବିପୁଳ ବିଜୟ ଲାଭ ହାସଲ କରି ବାଲେଶ୍ୱର ବିଧାୟକ ଭାବରେ ବିଧାନ ସଭାକୁ ନିର୍ବାଚନ ହୋଇଥିଲେ ।

ଖାଲି ସେତିକି ନୁହେଁ ୨୦୧୪ ମସିହାରେ ତାଙ୍କର ନେତୃତ୍ୱରେ ରେମୁଣା ବିଧାନ ସଭା ନିର୍ବାଚନ ମଣ୍ଡଳୀର ବି.ଜେ.ପି. ପ୍ରାର୍ଥୀ ଗୋବିନ୍ଦ ଚନ୍ଦ୍ର ଦାସ ବହୁ ଭୋଟରେ ବିଜୟୀ ହୋଇଥିଲେ । ମଙ୍ଗୁଭାଇ ଗତ ତା ୧୭/୦୬/୨୦୨୦ ରିଖରେ ଭୁବନେଶ୍ୱରସ୍ଥ କ୍ଲୁ ହୁଇଲ ହସ୍ପିଟାଲରେ ହୃଦ୍ ରୋଗରେ ଆକ୍ରାନ୍ତ ପୂର୍ବାହ୍ନ ଘ ୯.୩୩ ମିନଟରେ ପରଲୋକ ଗମନ କରିଥିଲେ । ସେ ଆଜି ନାହାଁନ୍ତି ସତ କିନ୍ତୁ ତାଙ୍କର ନିର୍ଭୀକ ନେତୃତ୍ୱ, ଦୃଢ଼ ମନୋବଳ, ଅଦମ୍ୟ ଉତ୍ସାହ, ନିଃସ୍ୱାର୍ଥପର ସମାଜସେବା ନିଶ୍ଚିତ ଭାବେ ମନେ ରଖିବେ, ଏଥିରେ ସନ୍ଦେହ ନାହିଁ ।

କାର୍ଯ୍ୟକାରୀ ସଭାପତି ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ଯୁବ ସାମୁଖ୍ୟ, ଓଡ଼ିଶା ।

+ ଗଣେଶ୍ୱରପୁର, ଜାନୁଗଞ୍ଜ, ରେମୁଣା, ବାଲେଶ୍ୱର

# ରାମାୟଣର କୁମ୍ଭକର୍ଣ୍ଣ ଚରିତ୍ର !

### ଡାକ୍ତର ସୁରେନ୍ଦ୍ର ନାଥ ଦାଶ

ମହାକାବ୍ୟ ରାମାୟଣର କୁମ୍ଭକର୍ଣ୍ଣ ଏକ ବିଚିତ୍ର ଚରିତ୍ର । ଭାରତର ଅସଂଖ୍ୟ ରାମାୟଣ ପ୍ରେମୀ ତାହାକୁ ଏକ ଭୟଙ୍କର, ବିଶାଳ ଶରୀର ବିଶିଷ୍ଟ, ଆସୁରିକ ଚରିତ୍ରର ଏକ ମୂର୍ତ୍ତିମନ୍ତ ପ୍ରତୀକ ବୋଲି ଭାବିଥାଆନ୍ତି। ମାତ୍ର ତାର ଭୟଙ୍କର ଶରୀର ତଳେ ଯେ ଏକ କୋମଳ, ନ୍ୟାୟଦିପ୍ତ ହୃଦୟ ରହିଥରଲା,ତାହା ଅନେକଙ୍କର ବିଶ୍ୱାସର ବାହାରେ ଥିଲା । ଆମ ପୁରାଣକାର ମାନେ ନିଜ ଲେଖନୀରେ ଅସୁର ମାନଙ୍କୁ ଦୁରାଚାର,ପାପୀ,ନରମାଂସ ଭୋଜୀ,ମାୟାବୀ ବୋଲି ଚିତ୍ରଣ କରିଛନ୍ତି। ମାତ୍ର ଏହା ଯେ ଏକପାଖିଆ ନ୍ୟାୟ ସେଥିରେ ସନ୍ଦେହ ନାହିଁ । ଅସୁର ସମ୍ରାଟ ବଳୀ ପୃଥିବୀର ସର୍ବଶ୍ରେଷ୍ଠ ଶାସକ ରୁପେ ଦେବତା ମାନଙ୍କ ଦ୍ୱାରା ମଧ୍ୟ ସ୍ୱିକୃତ । ତାଙ୍କ ଶାସନରେ ତିନି ଲୋକରେ ସର୍ବତ୍ର ଶାନ୍ତି ବିରାଜମାନ ରହୁଥିଲା । ଆମର ଜ୍ଞାନୀ ଋଷି ମାନେ ତାଙ୍କର ଅତି ଦାନ ଦେବାକୁ ତାଙ୍କ ପତନର କାରଣ ବୋଲି ବର୍ଣ୍ଣନା କରିଛନ୍ତି । ସୃଷ୍ଟି ର ଆରମ୍ଭରେ ଉଭୟ ଅସୁର ଓ ଦେବତା, କଶ୍ୟପ ଋଷି ଙ୍କର ସ୍ତ୍ରୀ ଦିତି ଓ ଅଦିତୀଙ୍କ ଗର୍ଭରୁ ଜନ୍ମ ନେଇଥିଲେ। ଦେବତା ମାନେ ଅମର ହୋଇ ସ୍ୱର୍ଗ ରେ ସବୁ ସୁଖ ଭୋଗ କଲେ। ସମୁଦ୍ର ମନ୍ଥନରୁ ଯାହା ମିଳିଲା ନିଜେ ଆତ୍ମସାତ କଲେ । ବଡଭାଇ ଅସୁରଙ୍କୁ କୁଟାଖିଏ ଦେଲେନି । ତାଙ୍କର ରାଜା ଇନ୍ଦ୍ର ପୃଥିବୀର ସମସ୍ତ ମହାପାପ,ପରସ୍ତ୍ରୀ ହରଣ, ଭାତୃ ହତ୍ୟା, ବନ୍ଧୁ ହତ୍ୟା, ବ୍ରହ୍ମ ହତ୍ୟା ଭଳି ଦୁଷ୍କର୍ମ ମାନ କରି ନାନା ଅଭିଶାପରେ ନିଜର ପୁରୁଷାଙ୍ଗ ହରାଇଥିଲେ,ତଥାପି ସେମାନଙ୍କୁ ରକ୍ଷାପାଇଁ ମହାବିଷ୍ଣୁ ବାରମ୍ବାର ଅବତାର ଗ୍ରହଣ କରି ଅସୁର ମାନଙ୍କୁ ମାରୁଥିଲେ ଓ ଆମ ଋଷି ମାନେ, 'ଧର୍ମ ସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେଯୁଗେ'ବୋଲି ବର୍ଣ୍ଣନା କରୁଥିଲେ ।

ଗୋଟିଏ ଦିଗରେ ବ୍ରହ୍ମା ଓ ଅନ୍ୟ ଦିଗରେ ଅସୁର ମାନଙ୍କର ଆଦି ପୁରୁଷ ପ୍ରହେତିର ତୃତୀୟ ପୁରୁଷ ରୂପେ କୁମ୍ଭକର୍ଣ୍ଣ ଜନ୍ମ ନେଇଥିଲା। ତ୍ରୀ ଭୁବନ ବିଜୟୀ ରାବଣର ସେ ସାନଭାଇ । ତାର ସାନଭାଇ ଧର୍ମାତ୍ମା ବିଭିଷଣଙ୍କୁ ଆମ ପୂରାଣ କାର ମାନେ ଅମରତ୍ୱ ପ୍ରଦାନ କରିଛନ୍ତି, କାରଣ ସେ ନିଜ ସ୍ୱାର୍ଥ ପାଇଁ ପକ୍ଷ ପରିବର୍ତ୍ତନ କରି ରାମଙ୍କୁ ରାବଣ ସମେତ ପୁତୁରା ଇନ୍ଦ୍ରଜିତ, କୁମ୍ଭକର୍ଣ୍ଣଙ୍କର ମୃତ୍ୟୁଭେଦ କହି ରାବଣ ପରେ ଲଙ୍କାର ସିଂହାସନରେ ବସିଥିଲା। ବାଲ୍ୟ କାଳରୁ କୁମ୍ଭକର୍ଣ୍ଣ ଅତି ବିଶାଳାକାୟ ହୋଇଥିଲା । ଦେବାସୁର ଯୁଦ୍ଧରେ ଇନ୍ଦ୍ରଙ୍କ ଐରାବତ ହସ୍ତୀର ଦାନ୍ତ ସେ ଉପାଡି ଦେଇ ଦେବତାଙ୍କର ତ୍ରାସର କାରଣ ହୋଇଥିଲା। ସେମାନଙ୍କର ପିତା ମହର୍ଷି ବିଶ୍ରବା ଅସୁର ସମ୍ରାଟ ସୁମାଳୀର କନ୍ୟା ଅନିନ୍ଦ୍ୟ ସୁନ୍ଦରୀ ନିକଷା ବା କୈକେସୀକୁ ପ୍ରେମ ବିବାହ କଲେ, ଯାହାଙ୍କ ଗର୍ଭରୁ ତିନି ପୁଅ ଓ ଝିଅ ସୂପର୍ଣ୍ଣଖା ଜନ୍ମ ନେଲେ। ଅସୁରୀ ମାଆର ସନ୍ତାନ ହୋଇଥିବାରୁ ଅନ୍ୟ ଋଷି ମାନେ ମା ସହ ଚାରି ସନ୍ତାନଙ୍କୁ ଆଶ୍ରମରୁ ବାହାର କରିଦେଲେ । କିଛିଦିନ ଆଗରୁ ଦେବାସୁର ଯୁଦ୍ଧ ହୋଇଯାଇଥାଏ । ଅସୁର ରାଜା ତଥା ସୁମାଳୀର ଭାଇ ମାଳି ନିହତ ହୋଇଥିଲା । ସ୍ୱୟଂ ବିଷ୍ଣୁ ସୁଦର୍ଶନଚକ୍ରରେ ତା ବେକ କାଟି ଦେଲେ । ଅସୁରମାନେ ହତୋତ୍ସାହ ହୋଇ ରାଜ୍ୟ ଛାଡି ଭୟରେ ପାତାଳରେ ଲୁଚିଥିଆନ୍ତି । ନିଜ ଜାତିର ବିପଦ ବେଳେ ରାବଣ ଓ ତା ଭାଇମାନେ ବ୍ରହ୍ମାଙ୍କ ପାଖରେ କଠୋର ତପସ୍ୟାରେ ବସିଲେ । କୁମ୍ଭକର୍ଣ୍ଣ ମଧ୍ୟ ବସିଲା । ଭୟଙ୍କର ରାକ୍ଷସ ବର ପାଇ ଶକ୍ତିଶାଳୀ ହେଲେ ସ୍ୱର୍ଗପୁରୀକୁ ଧ୍ୱଂସ କରିଦେବ,ସେଥିପାଇଁ ଦେବତା ମାନେ ସରସ୍ୱତୀ ମାଙ୍କୁ କୁମ୍ଭକର୍ଣ୍ଣର ଜିହ୍ୱାରେ ବସିବାକୁ ଅନୁରୋଧ କଲେ । ଫଳରେ ବ୍ରହ୍ମାଙ୍କ ଆଗରେ ସେ ଅଦଭୁତ ବର ମାଗିଲା ଯେ, "ମୁଁ ଖାଲି ଖାଇବି ଓ ଶୋଇବି!"ବ୍ରହ୍ମା ତଥାସ୍ତୁ କଲେ ।

ଦୁଃଖିତ ରାବଣ ବ୍ରହ୍ମାଙ୍କୁ ମିନତି କରିବାରୁ ସେ କହିଲେ, ମୋର ବାକ୍ୟ ଅଲଂଘ୍ୟ । ମାତ୍ର କୁମ୍ଭକର୍ଣ୍ଣ ୬ ମାସରେ ଥରେ ଉଠିବ, ମନଇଚ୍ଛା ଖାଇ ପୁଣି ଶୋଇବ, ସେ ଦିନ ତାକୁ ଯୁଦ୍ଧରେ କେହି ପରାସ୍ତ କରିପାରିବେ ନାହିଁ ।
ତପସ୍ୟାରୁ ଫେରି ରାବଣ ଅସୁର ମାନଙ୍କର ପୂର୍ବତନ ରାଜଧାନୀ ଲଙ୍କାକୁ କୁବେର ଠାରୁ ବଳପୂର୍ବକ ଛଡେଇ ଆଣିଲା । ଦିଗବିଜୟ କରି ସାରା ତ୍ରିପୁର ଜୟ କଲା । ଛୋଟଭାଇ କୁମ୍ଭକର୍ଣ୍ଣ ପାଇଁ ସବୁ ବ୍ୟବସ୍ଥା କରିଦେଲା । ସୁବର୍ଣ୍ଣ ପଲଙ୍କରେ ଏକ ବିଶାଳ କକ୍ଷରେ ସେ ଶୋଇ ରହିଲା । ଛ'ମାସ ପରେ ଯେବେ ଉଠିଲା, ତା ପାଇଁ ଶଗଡ,ଶଗଡ ଖାଦ୍ୟ, ହାଣ୍ଡି ହାଣ୍ଡି ପାନୀୟ ଖଞ୍ଜି ଦେଲା ।

ସେ ଶୋଇଥିଲା ବେଳେ ଲଙ୍କା ଉପରେ ଦୁର୍ଯୋଗ ମାଡି ଆସିଲା । ଭଉଣୀ ସୂପର୍ଣ୍ଣେଖାର ଅସମ୍ମାନର ପ୍ରତିଶୋଧ ପାଇଁ ରାବଣ ମାୟା ସନ୍ୟାସୀ ବେଶରେ ରାମଙ୍କ ସ୍ତ୍ରୀ ସୀତାଙ୍କୁ ଦଣ୍ଡକାରଣ୍ୟରୁ ଅପହରଣ କଲା । ସୀତାଙ୍କୁ ଉଦ୍ଧାର ପାଇଁ ରାମ ସମୁଦ୍ରରେ ବନ୍ଧ ବାନ୍ଧି ଲଙ୍କାରେ ପହଂଚିଲେ। ସୁବିଧା ଦେଖି ବିଭିଷଣ ରାବଣ ପକ୍ଷ ପରିତ୍ୟାଗ କରି ରାମଙ୍କ ଶିବିରରେ ପହଂଚିଗଲା । ବାନର ସେନାଧରି ରାମ ଆକ୍ରମଣ ଆରମ୍ଭ କଲେ। ଯେଉଁ ନର ବାନରଙ୍କୁ ହେୟ ଜ୍ଞାନ କରି ରାବଣ ବ୍ରହ୍ମାଙ୍କୁ ସେମାନଙ୍କ ବିଜୟ ପାଇଁ ବର ମାଗିନଥିଲା। ସେମାନଙ୍କ ହାତରେ ଲଙ୍କାର ମହାବୀର ମାନେ ନିହତ ହେଲେ। ବାଧ୍ୟ ହୋଇ ରାବଣ ସମୟ ହୋଇନଥିଲେ ମଧ୍ୟ କୁମ୍ଭକର୍ଣ୍ଣ କୁନିଦରୁ ଉଠାଇବାକୁ ସୈନ୍ୟ ମାନଙ୍କୁ ଆଦେଶ ଦେଲା । ଅନେକ ଚେଷ୍ଟା ପରେ ତା ନିଦ ଭାଙ୍ଗିଲା। ତା ଉପରେ ହାତି ମାନଙ୍କୁ ଚଢାଇବାକୁ ପଡିଲା । ଉଠିଲା ପରେ ତାକୁ ଗାଡି ଗାଡି ଖାଦ୍ୟ ଖାଇବାକୁ ଦିଆଗଲା। ଖାଦ୍ୟ ପରେ ହାଣ୍ଡି ହାଣ୍ଡି ପାନୀୟ ପିଇଲା। ତାର ପ୍ରବଳ ନିଶ୍ୱାସରେ ଅସୁର ମାନେ ଉଡି ଯାଉଥାଆନ୍ତି। ତାପରେ ବଡଭାଇ ରାବଣର ଦର୍ଶନ ପାଇଁ ସଭାରେ ପହଂଚିଲା । ଦେଖିଲା ସଭା ଖାଲି ପଡିଛି। ଅନେକ ପୁଅ ନାତି, ସେନାପତି ରାମଙ୍କ ଶରରେ ଟଳି ପଡିଲେଣି । ସବୁକଥା ଶୁଣିଲା ପରେ ସେ ରାବଣକୁ ତାର କାର୍ଯ୍ୟ ପାଇଁ ନିନ୍ଦା କଲା । "ଭୁବନ ବିଜୟୀ ରାବଣ ଅନ୍ୟର ସ୍ତ୍ରୀ ଚୋରି କରି ଆଣିବା ଆଦୌ ସମାଚିନ ନୁହେଁ, ବରଂ ଭଉଣୀର ମାନ ରକ୍ଷା ପାଇଁ ବୀର ଭଳି ସମ୍ମୁଖ ଯୁଦ୍ଧକୁ ରାମଙ୍କୁ ଆହ୍ୱାନ କରିଥିଲେ ବିରୋଚିତ ହୋଇଥାଆନ୍ତା । ଆଜି ସାମାନ୍ୟ ନର ବାନରଙ୍କ ଯୋଗୁ ସୁନା ଲଙ୍କା ଚୁନା ହୋଇ ନ ଥାଆନ୍ତା । ସେ ସୀତାଙ୍କୁ ଫେରେଇ ଦେଇ ସନ୍ଧି କଲେ, ଲଙ୍କା ରକ୍ଷା ପାଇଯାଆନ୍ତା!" ବୋଲି ମତ ଦେଲା । ଯେଉଁ ରାମ ବାଳୀ ଭଳି ମହାବୀରକୁ ଅକ୍ଳେଶରେ ମାରିଲେ, ସାତ ସମୁଦ୍ରରେ ବନ୍ଧ ବାନ୍ଧିଲେ, ସେ ସାମାନ୍ୟ ଲୋକ ନୁହଁନ୍ତି ।

ସେତେବେଳକୁ ନେଡି ଗୁଡ କହୁଣି କୁ ବହି ଯାଇଥିଲା । ମହାବୀର ରାବଣ ସାମାନ୍ୟ ମାନବ ପାଖରେ ମୁଣ୍ଡ ନଇଁବାର ପ୍ରଶ୍ନ ନଥିଲା। ସେ କୁମ୍ଭକର୍ଣ୍ଣ କୁ ଭତ୍ସନା କଲା ଓ ନିଜେ ଏକୁଟିଆ ଯୁଦ୍ଧ କରିବ ବୋଲି ଘୋଷଣା କଲା। ମାତ୍ର କୁମ୍ଭକର୍ଣ୍ଣ ବିଭିଷଣ ଭଳି ସ୍ୱାର୍ଥପର ନଥିଲା। ବଡଭାଇ ପାଇଁ ସେ ଯୁଦ୍ଧ କରିବ । ଲଙ୍କା ତାର ଜନ୍ମ ଭୂମି, ତାର ରକ୍ଷା ସେ ନିଶ୍ଚୟ କରିବ । କେବଳ ଏତିକି କହିଗଲା, "ଯୁଦ୍ଧରେ ଜଦି ତାର ପତନ ହୁଏ, ତାହାଲେ ସେ ସୀତା ଙ୍କୁ ଫେରାଇଦେବ । କାରଣ ଯାହା ସେ ପାରିବ ନାହିଁ ତାହା ଆଉକିଏ ଲଙ୍କାର ପାରିବେ ନାହିଁ!"

କୌଣସି ସୈନ୍ୟ ସାଙ୍ଗରେ ନଆଣି ସେଭୟଙ୍କର ରୂପ ଧାରଣ କରି ମାଡିଗଲା। ତାର ବିଶାଳ ରୂପ ଦେଖି ଭୟରେ ବାନର ମାନେ ପଳାୟନ କଲେ । ନିଜ ଭାଇକୁ ଶେଷ ଦର୍ଶନ ପାଇଁ ବିଭିଷଣ ଯୁଦ୍ଧ କ୍ଷେତ୍ରରେ କୁମ୍ଭକର୍ଣ୍ଣ କୁ ସାକ୍ଷାତ କରିଥିଲା ଓ ରାମଙ୍କର ମହାନତା ବର୍ଣ୍ଣନା କଲା । ମାତ୍ର କୁମ୍ଭକର୍ଣ୍ଣ ବିଭିଷଣକୁ ନାନାଦି ଭର୍ତ୍ସନା କଲା, "ତାର ଜନ୍ମଭୂମି ପ୍ରତି ବିଶ୍ୱାସଘାତକତା ପାଇଁ ଆଗାମି ପିଢି ତାକୁ ଘୃଣା କରିବେ । ରାବଣ ଆମ ବଡଭାଇ, ମଲେ ସାଙ୍ଗରେ ମରି ଥାଆନ୍ତେ । ସେ ଏକୁଟିଆ କାହିଁକି ମରିବ?...."
"ତୁ ଶିଘ୍ର ମୋ ଆଗରୁ ପଳା । ନଚେତ ମୋର କ୍ରୋଧ ଉଦ୍ରେକ ହେଲେ ତୋପରି କୁଳାଙ୍ଗାରକୁ ମୁଁ ବଧ କରିବି । ତୋର ନିଜ ପୁଅ ମଧ୍ୟ ଲଙ୍କା ପାଇଁ ଯୁଦ୍ଧ କରି ଶହୀଦ ହେଲା,ଏଥିରୁ ତୁ ବୁଝିଲୁ ନାହିଁ ଯେ ତୋ କାମକୁ କେହି ସମର୍ଥନ କରୁ ନାହାନ୍ତି!"

ଯୁଦ୍ଧ ଆରମ୍ଭ ହେଲା । ଅନେକ ବାନରଙ୍କୁ ନିହତ କଲା ପରେ ବିଭୀଷଣ ତାର ମୃତ୍ୟୁଭେଦ ରାମଙ୍କ କାନରେ କହିଦେଲା । ବ୍ରହ୍ମଶର ମାରି ରାମ ତାହାକୁ ବଧ କଲେ ।
କୁମ୍ଭକର୍ଣ୍ଣର ଉପଦେଶ ରାମାୟଣର ଏକ ଅମୁଲ୍ୟ ସଂପଦ । ଛାର ଅସୁର ହେଲେ ମଧ୍ୟ ସେ ଯେଉଁ ଧର୍ମର ଉଚିତ ବାକ୍ୟ କହିଛି, ତାହା ତାକୁ ଏକ ବିଶିଷ୍ଟ ସ୍ଥାନ ପ୍ରଦାନ କରିଛି । ମାତ୍ର ଅମର ବର ପାଇଲେ ମଧ୍ୟ ଘରଭଙ୍ଗା ରୁପେ ଅପଖ୍ୟାତି ବହନ କରି ଏକ କଳଙ୍କିତ ଚରିତ୍ର ରୂପେ ବିଭିଷଣ ଇତିହାସରେ ରହି ଯାଇଛି।

+ ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଉମରକୋଟ,
ମୋ:୯୪୩୭୨୩୫୩୮୬

# ଔଷଧୀୟ ବୃକ୍ଷଲତା

ବାଡ଼ି ବଗିଚାରେ ତୁଳସୀ, ଥାଲକୁଡ଼ି, ଅମରପୋଇ, ବାସଙ୍ଗ, ବାଡ଼ିଅଁଳା, ଚିରେଇତା, ମଂଜୁଆତି, ପୁଦିନା, ଘିକୁଆଁରୀ, ଅରଖ, ବେଲ, ସଜନା, ଭୃଙ୍ଗରାଜ, ବ୍ରାହ୍ମୀ ଆଦି ବୃକ୍ଷଲତା ଗୁଳ୍ମ ଦେଖିବାକୁ ମିଳେ। ଏଗୁଡ଼ିକୁ ସାଧାରଣତଃ ଅନାବନା ଭାବେ ଏଣେତେଣେ ଉଠିଥାନ୍ତି। ମାତ୍ର ଔଷଧୀୟ ଗୁଣରେ ଭରପୁର। ଚିହ୍ନଟ କରି ଏସବୁ ବୃକ୍ଷଲତାକୁ ଯତ୍ନର ସହିତ ବାଡ଼ିର ଗୋଟିଏ ନର୍ଦ୍ଦିଷ୍ଟ ସ୍ଥାନରେ ଲଗାନ୍ତୁ। ଅନେକ ଉପକାର ମିଳିବ। ଏସବୁ ବୃକ୍ଷ ବଜାରରୁ କିଣି ମଧ୍ୟ ନିଜ ବଗିଚାରେ କିଂବା କୁଣ୍ଡରେ ଲଗାଇ ଚାଷ କରିପାରିବେ। ଗଛ ଲଗାଇସାରିବା ପରେ ଆବଶ୍ୟକତା ଅନୁସାରେ ସାର ଓ ଖତକୁ ମାଟିରେ ମିଶାଇ ଉପଯୁକ୍ତ ସମୟ ବ୍ୟବଧାନରେ ପ୍ରୟୋଗ କରନ୍ତୁ। ଲତାଜାତୀୟ ଗଛଗୁଡ଼ିକୁ ବାଡ଼ି ମଝିରେ ନ ଲଗାଇ, ଚାରିପାଖ ବାଡ଼ କିଂବା ଖୁଂଟକୁ ଲଗାଇ ପୋତନ୍ତୁ। ଏହାଦ୍ୱାରା ସେଗୁଡ଼ିକ ସହଜରେ ବଢ଼ିପାରିବେ। ସଜନା, ପସାରୁଣି, ପୋଦିନା, ବ୍ରାହ୍ମୀ ଆଦିର ଡାଳ ପୋତିଦିଅନ୍ତୁ, ଅଙ୍କୁରିତ ହେବ। ସେହିପରି ତୁଳସୀ, ନିମ୍ବ, ଡାଳିମ୍ବ, ଅଁଳା ଆଦିର ଉତ୍ତମ କିସମ ମଂଜି କିଂବା ଚାରା ଲଗାନ୍ତୁ।



# ଘରେ ଔଷଧ ଖାଇବା ପୂର୍ବରୁ....

- ଘରେ ରହି ଯଦି କୌଣସି ରୋଗ ପାଇଁ ନିୟମିତ ଔଷଧ ସେବନ କରିବାକୁ ପଡୁଛି ତେବେ ସାମାନ୍ୟ ସତର୍କ ରୁହନ୍ତୁ । ଔଷଧ ମନଇଚ୍ଛା ବ୍ୟବହାର କରନ୍ତୁ ନାହିଁ ।
- ପ୍ରଥମତଃ ଔଷଧ ସର୍ବଦା ଠିକ୍ ସମୟରେ ନିଅନ୍ତୁ । ଯେତିକି ଘଣ୍ଟା ଅନ୍ତରରେ ଔଷଧ ଓ ଯେତିକି ପରିମାଣରେ ନେବାକୁ କୁହାଯାଇଛି ଠିକ ସେତିକି ମାତ୍ରାରେ ଓ ସେତିକି ସମୟ ଅନ୍ତରାଳୀରେ ନିଅନ୍ତୁ । ଅଧିକ ବା କମ୍ ଖାଆନ୍ତୁ ନାହିଁ ।



# ଅତ୍ୟଧିକ ମୋବାଇଲ୍ ଫୋନ୍ ବ୍ୟବହାର ଟ୍ୟୁମରର କାରଣ



ମୋବାଇଲ ଫୋନ୍ ବିନା ଆଜିକାଲି ବଞ୍ଚିବା କଷ୍ଟକର ହୋଇପଡ଼ିଲାଣି । ତେବେ ସେଲ୍‌ଫି ଫୋନ୍ ଯେ ଆମର ପ୍ରଭୂତ କ୍ଷତି କରୁଛି ସେ ବିଷୟରେ ଅନେକ ଅଜ୍ଞ । ଅତ୍ୟଧିକ ସେଲ୍‌ଫ ଫୋନ ବ୍ୟବହାର ଦ୍ୱାରା ମସ୍ତିଷ୍କରେ ଟ୍ୟୁମର ହୋଇପାରେ ବୋଲି ଏକ ଅଧ୍ୟୟନରୁ ଜଣାପଡ଼ିଛି । ଫ୍ରାନ୍ସର ଗବେଷକମାନେ ଏହାର ବିପଜ୍ଜନକ ପରିଣାମ ସମ୍ପର୍କରେ ସୂଚନା ଦେଇ କହି ସାବଧାନ କରାଇଦେଇଛନ୍ତି । ଏ ନେଇ ସେମାନେ ଅଧିକ ଅନୁଧ୍ୟାନ କରୁଛନ୍ତି ବୋଲି ପ୍ରକାଶିତ ରିପୋର୍ଟରୁ ଜଣାପଡ଼ିଛି । ପିଟସବର୍ଗ ବିଶ୍ୱବିଦ୍ୟାଳୟର ମସ୍ତିଷ୍କ ଟ୍ୟୁମର ବିଶେଷଜ୍ଞ ଡକ୍ଟର ଏଲ୍ ଡାଡେ କହିଛନ୍ତି ଅତ୍ୟଧିକ ଫୋନ୍ ବ୍ୟବହାର ଓ ଟ୍ୟୁମର ସମସ୍ୟ ନେଇ ଏହା ପ୍ରଥମେ ଅଧ୍ୟୟନ ନୁହେଁ ।

ଗର୍ଭବତୀଙ୍କୁ ଚାପମୁକ୍ତ ରଖେ ଯୋଗ

ଗର୍ଭାବସ୍ଥାରେ ଯୋଗ କଲେ ତାହା ଗର୍ଭବତୀଙ୍କ ପାଇଁ ହିତକର ହୋଇଥାଏ । ଏହା ସେମାନଙ୍କୁ ଚାପମୁକ୍ତ ରଖିବା ସହିତ ପିଲା ଜନ୍ମକୁ ନେଇ ଥିବା ବିଭିନ୍ନ ସମସ୍ୟା ଟାଳିଥାଏ ବୋଲି ଗବେଷକମାନେ ଜଣାଇଛନ୍ତି । ମଞ୍ଚେଷ୍ଟର ବିଶ୍ୱବିଦ୍ୟାଳୟର ଗବେଷକମାନେ କହିଛନ୍ତି, ଗର୍ଭାସ୍ଥାରେ ଯୋଗ କରିବା ଏକ ବଢ଼ିଆ ବ୍ୟାୟାମ । ଏହି ସମୟରେ ହେଉଥିବା ପିଠି ଯନ୍ତ୍ରଣା, ସାଇଟିକା ଏବଂ ଅନ୍ୟାନ୍ୟ ବ୍ୟଥା ଓ ଯନ୍ତ୍ରଣା ଯୋଗ ଦ୍ୱାରା ଦୂର ହୋଇଥାଏ । ନିୟମିତ ଯୋଗ କରିବା ଦ୍ୱାରା ପ୍ରସବ ଅପେକ୍ଷାକୃତ ସହଜ ଓ କମ୍ ସମୟରେ ହୋଇଥାଏ । ଏହି ସମୟରେ ଖାସ୍ କରି ୫ଟି ଯୋଗାସନ କରିବାକୁ ସେମାନେ ପରାମର୍ଶ ଦେଇଛନ୍ତି । ସେହି ଆସନଗୁଡ଼ିକ ହେଲା ବଦ୍ଧା କୋଣାସନ, ଦଣ୍ଡାସନ, ମଜାରାଆସନ ଓ ଅଧୋ ମୁଖା ସ୍ୱନାସନ । ତେବେ ଏହା ଅଧିକ ଦେହ ପ୍ରତି କ୍ଷତି ଆଣିପାରେ ।

# ବର୍ଷାଦିନେ ସତର୍କତା




ବର୍ଷାଦିନରେ ବିଭିନ୍ନ ପ୍ରକାର ରୋଗ ହେବା ଏକ ସାଧାରଣ କଥା; କିନ୍ତୁ ତା ଠାରୁ ବଡ଼ ହେଉଛି ବିଭିନ୍ନ ପ୍ରକାର ଚର୍ମରୋଗ । ବିଶେଷ କରି ପାଣି ଲାଗିବା ଯୋଗୁଁ ପାଦରେ ବିଭିନ୍ନ ପ୍ରକାର ସମସ୍ୟା ସୃଷ୍ଟି ହୋଇଥାଏ । ଯେପରି କି ପାଦ ଓଦା ହୋଇ ଦୁଇ ଆଙ୍ଗୁଠି ମଝିରେ ଫଙ୍ଗାଲ୍ ଇନ୍‌ଫେକ୍‌ସନ୍, ନଖ କୋଣରେ ପାଣି ପଶି ଫୁଲିବା ମଇଳା ପାଣି ଲାଗି କୁଣ୍ଡାଇ ହେବା । ସେଥିପାଇଁ ଆମକୁ ସତର୍କ ହେବା ସହିତ ଏହି ଦିନରେ ଅଧିକ ଯତ୍ନ ନେବାକୁ ପଡ଼ିଥାଏ । ବାହାରୁ କୁଆଡ଼େ ଘରକୁ ଆସିଲେ ସାବୁନରେ ଗୋଡ଼ ହାତ ଭଲଭାବରେ ଧୋଇ ନିଅନ୍ତୁ । ପାଦକୁ ପୋଛି ଶୁଖାଇବା ପରେ ପାଉଡ଼ର ପକାଇ ପାରନ୍ତି । ବର୍ଷା ଦିନେ ଖାଲିପାଦରେ କେବେ ବି ବାହାରେ ପାଦ ରଖନ୍ତୁ ନାହିଁ । ନଚେତ୍ ଘା' ହୋଇଯିବ । ବର୍ଷାଦିନେ ମୋଜା ପ୍ରତିଦିନ ବଦଳାନ୍ତୁ । ଯଦି ପାରିବେ ଏହି ଋତୁରେ ପେଡିକିୟୋର କରିବା ଆହୁରି ଭଲ ।

# ପରଦାକୁ ଆସିଲା 'ମିଶନ୍ ମଙ୍ଗଲ'ର ଟିଜର

ଜଗନ ଶକ୍ତିଙ୍କ ଦ୍ୱାରା ନିର୍ଦ୍ଦେଶିତ ବହୁ ପ୍ରତୀକ୍ଷିତ ଫିଲ୍ମ 'ମିଶନ୍ ମଙ୍ଗଲ'ର ଟିଜର ରିଲିଜ୍ ହୋଇଛି । ଟିଜରରେ ଅକ୍ଷର କୁମାର ଏବଂ ବିଦ୍ୟା ବାଲାନ୍ ଜବରଦସ୍ତ ଅଭିନୟ କରିଛନ୍ତି । ଏଥିରେ ପ୍ରମୁଖ ବୈଜ୍ଞାନିକମାନଙ୍କ ହୃଦୟସ୍ୱର୍ଶୀ କାହାଣୀ ରହିବା ସହିତ କିଛି ସମର୍ପିତ ମହିଳାଙ୍କ କଥା ବର୍ଣ୍ଣନା କରାଯାଇଛି । ଯେଉଁମାନେ ପରିବାର ଏବଂ ଚାକିରିର ଦାୟିତ୍ୱ ସତ୍ତ୍ୱେ ବି କିପରି ସଫଳତା ପାଇଛନ୍ତି, ତାହା ହିଁ ଏଥିରେ କୁହାଯାଇଛି । ପୁରା ଟିଜରରେ ଦେଶପ୍ରେମର କଥା କୁହାଯାଇଛି । ଏହାର ଯୁଗ୍ମ ନିର୍ଦ୍ଦେଶକ ଅଛନ୍ତି ଜଗନ ଶକ୍ତି । ମଙ୍ଗଳଯାନ ପ୍ରକଳ୍ପ ଉପରେ ଆଧାରିତ ଏହି ଫିଲ୍ମଟି ଆସନ୍ତା ଅଗଷ୍ଟ ୧୫ ସ୍ୱାଧୀନତା ଦିବସ ଅବସରରେ ମୁକ୍ତିଲାଭ କରିବ ବୋଲି ଜଣାପଡ଼ିଛି । ଏହି ଦିନ ମଧ ଇସ୍ରୋର ପ୍ରତିଷ୍ଠା ଦିବସ । ଏଥିରେ ବିଦ୍ୟା ବାଲାନ୍, ଅକ୍ଷୟ କୁମା, ତାପସୀ ପନ୍ନୁ, ସୋନାକ୍ଷୀ ସିହ୍ନା, ନିତ୍ୟା ମେନନ୍ ପ୍ରମୁଖ ବଳିଷ୍ଠ ଅଭିନୟ କରିଛନ୍ତି ।

# ବେବି ଫୁଡ୍ ନବଜାତ ସାସ୍ଥ୍ୟ ପାଇଁ ହୋଇପାରେ କ୍ଷତିକାରକ: ଡବ୍ଲ୍ୟୁଏଚ୍ଓ



ଜାତିସଂଘର ଏକ ରିପୋର୍ଟକୁ ଯଦି ଗ୍ରହଣ କରାଯାଏ ତେବେ ବଜାରରେ ବିକ୍ରି ହେଉଥିବା ଅଧିକାଂଶ ବେବି ଫୁଡ୍ ନବଜାତ ଶିଶୁର ସ୍ୱାସ୍ଥ୍ୟପାଇଁଢ କ୍ଷତିକାରକ ଅଟେ । କାରଣ ଏଥିରେ ଚିନିର ମାତ୍ରା ଅଧିକ ରହୁଛି । ଏହାକୁ ଦୃଷ୍ଟିରେ ରଖି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍ଓ) ଏକ ନିୟମାବଳୀ ମଧ ଜାରି କରିଛି । ଡବ୍ଲ୍ୟୁଏଚ୍ଓ ପକ୍ଷରୁ ନଭେମ୍ବର ୨୦୧୭ରୁ ଜାନୁଆରୀ ୨୦୧୮ ମଧ୍ୟରେ ଅଷ୍ଟ୍ରିୟା, ବୁଲଗେରିଆ, ଇସ୍ରାଏଲ, ହଙ୍ଗେରି ଆଦି ଦେଶର ୫୦୦ରୁ ଅଧିକ ଦୋକାନରେ ବିକ୍ରି ହେଉଥିବା ୮ ହଜାରରୁ ଅଧିକ ବେବି ଫୁଡ୍ (ଶିଶୁ ଖାଦ୍ୟ)ର ଯାଞ୍ଚ କରାଯାଇଥିଲା । ପରେ ରିପୋର୍ଟରେ କୁହାଯାଇଛି ଯେ, ୮ ହଜାର ଉତ୍ପାଦ ମଧ୍ୟରୁ ଅଧାରୁ ଅଧିକ ଉତ୍ପାଦରେ ୩୦% କ୍ୟାଲେରି ସୁଗର ଥିଲ । ବେଳେ ପାଖାପାଖି ଏକ ତୃତୀୟାଂଶ ଉତ୍ପାଦରେ ଚିନି ମାତ୍ରା ଅଧିକ ଥିବା ଜଣାପଡ଼ିଛି । ଡବ୍ଲ୍ୟୁଏଚ୍ଓ ପକ୍ଷରୁ କୁହାଯାଇଛି ଯେ, ଫଳ ପନିପରିବାରେ ପ୍ରାକୃତିକ ଭାବେ ଚିନି ମହଜୁଦ ରହିଥାଏ । ଏହା ପିଲାଙ୍କ ଖାଦ୍ୟରେ ସାମିଲ କରାଯାଇପାରେ । ମାତ୍ର ବଜାରରେ ବିକ୍ରି ହେଉଥିବା ଶିଶୁ ଖାଦ୍ୟରେ ଚିନି ମାତ୍ରା ଅଧିକ ପରିମାଣର ରହୁଥିବାରୁ ଏହା ଶରୀର ପାଇଁ କ୍ଷତିକାରକ ଅଟେ । ଏହି ଖାଦ୍ୟ ଖାଇବା ଦ୍ୱାରା ଶିଶୁଙ୍କ ଓଜନ ବଢ଼ିବା ସହ ଦାନ୍ତରେ କ୍ୟାଭିଟିଜ ସମସ୍ୟା ସୃଷ୍ଟି ହୋଇଥାଏ । ନିୟମାବଳୀର ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ କୁହାଯାଇଛି ଯେ, ପିଲାମାନଙ୍କୁ ଅଧିକ ମାତ୍ରାର ଚିନି ସେବନ ଠାରୁ ଦୂରେଇ ରଖିବା ନିହାତି ଜରୁରୀ । ଜୀବନର ପ୍ରାରମ୍ଭରୁ ଯଦି ଅଧିକ ମାତ୍ରାର ମିଠା ଖାଦ୍ୟ ସେମାନଙ୍କୁ ଦିଆଯାଏ ତେବେ ବଡ଼ ହେଲେ ଏହା ସେମାନଙ୍କ ପାଇଁ ସମସ୍ୟା ସୃଷ୍ଟି କରେ, ସେମାନଙ୍କୁ ଅନ୍ୟ ପୋଷକ ତତ୍ୱ ଯୁକ୍ତ ଖାଦ୍ୟ ଗ୍ରହଣ କରିବାକୁ ଇଚ୍ଛା ହୋଇନଥାଏ । ଏହା ଶିଶୁର ଅଭିବୃଦ୍ଧି, ବିକାଶରେ ମଧ ବାଧକ ସାଜିଥାଏ । ରିପୋର୍ଟରେ କୁହାଯାଇଛି ଯେ, ଯେଉଁ ଶିଶୁ ଖାଦ୍ୟରେ ଅଧିକ ମାତ୍ରାରେ ଚିନି ରହୁଛି, ସେହି ଖାଦ୍ୟକୁ ନିଶ୍ଚିତ କରିବା ନିହାତି ଆବଶ୍ୟକ ।




# ବ୍ରଣ ଦୂର କରିବ ମହୁ

ସାଧାରରତଃ ବର୍ଷା ଦିନେ ତ୍ୱଚା ଜନିତ ବିଭିନ୍ନ ସମସ୍ୟା ଦେଖାଯାଇଥାଏ । ବର୍ଷା ଦିନେ ହେଉଥିବା ସଂକ୍ରମଣରୁ ରକ୍ଷା ପାଇବା ପାଇଁ ତ୍ୱଚା ବିଶେଷଜ୍ଞଙ୍କ ପରାମର୍ଶ ନେଇ ମଧ ଏଥିରେ ବିଫଳ ହୁଅନ୍ତି । ଯଦି ସଠିକ୍ ସମୟରେ ଘରୋଇ ଉପଚାର କରାଯାଏ, ତେବେ ଏଥିରୁ ମୁକ୍ତି ମିଳିବା ସମ୍ଭବ ହେବ । ଏ ସମୟରେ ବ୍ରଣ ଭଳି ସମସ୍ୟା ତ୍ୱଚାରେ ଉପୁଜିଥାଏ । ଆମ ନିକଟରେ ହିଁ ଏହାର ଉପାୟ ଲୁଚି ରହିଛି । ରୋଷେଇରେ ବ୍ୟବହାର ଆସୁଥିବା ମହୁ ହେଉଛି ବ୍ରଣ ଦୂର କରିବାର ଉତ୍କୃଷ୍ଟ ଉପାୟ । ମହୁ ଭଳି ଏକ ଚମତ୍କାରୀ ଉପାଦାନ ମାଧ୍ୟମରେ ଏହାକୁ ଦୂର କରିବା ସମ୍ଭବପର । ମହୁରେ ଥିବା ଜୀବାଣୁ ପ୍ରତିରୋଧକ ତତ୍ତ୍ୱ ତ୍ୱଚାର ଜୀବାଣୁକୁ ନଷ୍ଟ କରିବାରେ ବେଶ ସହାୟକ ହୋଇଥାଏ । ଏହା ଶରୀର ପାଇଁ ଉପକାରୀ ହେବା ସହ ଶରୀରରେ ରକ୍ତକୁ ବିଶୁଦ୍ଧ କରିଥାଏ । ପ୍ରଦତ୍ତ କିଛି ସରଳ ଉପଚାର ମାଧ୍ୟମରେ ଆପଣ ବ୍ରଣରୁ ମୁକ୍ତି ପାଇପାରିବେ ।




### ମହୁ ଓ ବେକିଂ ସୋଡ଼ା:

ଗୋଟିଏ ଚାମଚ ବେକିଂ ସୋଡ଼ାକୁ ଦୁଇଚାମଚ ମହୁରେ ମିଶାଇ ଏକ ଲେପ ପ୍ରସ୍ତୁତ କରନ୍ତୁ । ଏହି ଲେପକୁ ତ୍ୱଚାରେ ଗୋଲାକାର ଭାବେ ମସାଜ କରନ୍ତୁ । ଏହାର ୫ ମିନିଟ ପରେ ଅଳ୍ପ ଉଷୁମ ପାଣିରେ ମୁହଁକୁ ଧୋଇ ଦିଅନ୍ତୁ । ୩ରୁ ୫ ଦିନ ମଧ୍ୟରେ ଥରେ ଏହିପରି କରିଲେ ତ୍ୱଚାରୁ ବ୍ରଣ ଦୂର ହୋଇଯିବ ।

### ମହୁ ଓ ହଳଦୀ:

ମହୁ ଓ ହଳଦୀରେ ପ୍ରଚୁର ପରିମାଣରେ ପ୍ରାକୃତିକ ତତ୍ତ୍ୱ ଭରି ରହିଛି । ଏକ ଚାମଚ ମହୁରେ ଅଳ୍ପ ହଳଦୀ ମିଶୀ ଏକ ଲେପ ପ୍ରସ୍ତୁତ କରନ୍ତୁ । ଏହାକୁ ୩୦ ମିନିଟ୍ ପାଇଁ ବ୍ରଣ ହୋଇଥିବା ସ୍ଥାନରେ ଲଗାଇ ରଖନ୍ତୁ । ଏହା ପରେ ଅଳ୍ପ ଉଷୁମ ପାଣିରେ ଧୋଇ ଦିଅନ୍ତୁ । ଏହାକୁ ସପ୍ତାହରେ ଥରେ ନିଶ୍ଚୟ ବ୍ୟବହାର କରନ୍ତୁ ।

### ମହୁ ଏବଂ ସେଓର ସିରକା:

ଗୋଟିଏ ଚାମଚ ପାଣିରେ, ଦୁଇ ଚାମଚ ମହୁ ଏବଂ କିଛି ମାତ୍ରାର ସେଓର ସିରକାକୁ ନେଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏହାକୁ ତୁଳା ସହାୟତାରେ ବ୍ରଣ ହୋଇଥିବା ସ୍ଥାନରେ ଲଗାଇ କିଛି ସମୟ ପାଇଁ ସମାଜ କରନ୍ତୁ । ଏହାକୁ ଲଗାଇବାର ୪୦ ମିନିଟ୍ ପରେ ପାଣିରେ ଧୋଇ ଦିଅନ୍ତୁ । ଏହା ପରେ ସେଓର ସିରକାକୁ ଟୋନର ଭଳି ବ୍ୟବହାର କରନ୍ତୁ ।

### ମହୁ ଏବଂ ଗ୍ରୀନ୍ ଟି :

ଏଥିପାଇଁ ଆପଣଙ୍କୁ ଅଳ୍ପ ମାତ୍ରା ମହୁ, ୨ କପ୍ ଉଷୁମ ପାଣି ଏବଂ ଗୋଟିଏ ଗ୍ରୀନ୍‌ଟି ବ୍ୟାଗ୍‌ରେ ଆବଶ୍ୟକ ହେବ । ଏହି ଗରମ ପାଣିରେ ଗ୍ରୀନ୍‌ଟି ବ୍ୟାଗଟିକୁ କିଛି ସମୟ ପାଇଁ ବୁଡ଼ାଇ ଦିଅନ୍ତୁ । ଥଣ୍ଡା ହୋଇଯିବା ପରେ ଅଳ୍ପ ଗ୍ରୀନ୍ ଟି ପାଣିକୁ ଅଲଗା ରଖି ଦିଅନ୍ତୁ ଏବଂ ବଳକା ପାଣିରେ ମହୁକୁ ଗୋଳାଇ ଲେପ ପ୍ରସ୍ତୁତ କରନ୍ତୁ । ପ୍ରଥମେ ଅଳ୍ପ ରଖିଥିବା ଗ୍ରୀନ୍ ଟି ପାଣିକୁ ତ୍ୱଚାରେ ପୋଛି ଦିଅନ୍ତୁ । ଏହାପରେ ପ୍ରସ୍ତୁତ ପେଷ୍ଟକୁ ମୁହଁରେ ୨୦ ମିନିଟ ପାଇଁ ରଖି ପରେ ଧୋଇ ଦିଅନ୍ତୁ ।






### ମହୁ ଓ ଲେମ୍ବୁ:

ଏକ ଚାମଚ ମହୁ, ଅଳ୍ପ ଚିନି, ଅଧ ଚାମଚ ଲେମ୍ବୁ ରସ ଏବଂ ଲେମ୍ବୁ ଜେଷ୍ଟ(ଲେମ୍ବୁର ଚୋପାକୁ ଶୁଖାଇ ଗୁଣ୍ଡ ପ୍ରସ୍ତୁତ କରାଯାଇଥାଏ)କୁ ନେଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏହାକୁ ମୁହଁରେ ୩୦ ମିନିଟ୍ ପର୍ଯ୍ୟନ୍ତ ରଖି ଉଷୁମ ପାଣିରେ ଧୋଇ ଦିଅନ୍ତୁ ।

# ପ୍ଲାଷ୍ଟିକ୍ ବ୍ୟାଗରେ ଭର୍ତ୍ତି କରି ପିଲାଙ୍କୁ ନଦୀ ପାର୍ କରନ୍ତି ପରିବାର ଲୋକେ



ଶୁଖିଲା ପୋଷାକରେ ପିଲାଙ୍କୁ ସ୍କୁଲ ଛାଡ଼ିବା ପାଇଁ ଭିଏତ୍‌ନାମର ହୁଓଇ ଗ୍ରାମର ଲୋକେ ଯେଉଁ କାର୍ଯ୍ୟ କରନ୍ତି ତାହା ବୋଧହୁଏ ବିଶ୍ୱର କେଉଁଠାରେ ମଧ ଦେଖିବାକୁ ମିଳୁନଥିବ । ଏଠାକାର ପିଲାମାନେ ବର୍ଷାଦିନେ ନିଜ ଜୀବନକୁ ବାଜି ଲଗାଇ ନଦୀ ପାର୍ ହୋଇ ସ୍କୁଲ ଯାଇଥାନ୍ତି । ଗ୍ରାମରୁ ସ୍କୁଲକୁ ଯିବା ପାଇଁ ନଦୀ ପାର୍ ହେବାକୁ ପଡ଼ିଥାଏ । ବର୍ଷାଦିନେ କାଠ ତିଆରି ପୋଲ ଭାଙ୍ଗି ଯାଇଥିବାରୁ ପ୍ଲାଷ୍ଟିକ୍ ବ୍ୟାଗରେ ପିଲାମାନଙ୍କୁ ଭର୍ତ୍ତି କରି ପରିବାର ଲୋକେ ନଦୀରେ ପହଁରି ପହଁରି ସ୍କୁଲ ଛାଡ଼ିଥାନ୍ତି । ସ୍କୁଲରେ ପହଞ୍ଚିଲା ବେଳକୁ ଯେପରି ପିଲାଙ୍କ ଡ୍ରେସ୍ ଓଦା ହୋଇନଥିବ ତାକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ନେଇଥାନ୍ତି ସେମାନେ । ଗାଁ ମୁଖିଆଙ୍କ କହିବା ଅନୁସାରେ ଏହି କାମ ଅତି ବିପଦପୂର୍ଣ୍ଣ । ହେଲେ ଆମ ନିକଟରେ ଆଉ କୌଣସି ବାଟ ନାହିଁ । ଏୟାର ଟାଇଟ୍ ପଲିଥିନ୍ କାରଣରୁ ପିଲାମାନଙ୍କ ପାଇଁ ଅନେକ ସମୟରେ ଅକ୍ସିଜେନ୍ କମ୍ କାରଣରୁ ବଡ଼ ସମସ୍ୟା ସୃଷ୍ଟି ହୋଇଥାଏ । ତେବେ ଆମେ ଏହି ସମସ୍ୟା ନେଇ ଅନେକ ଥର ସରକାରଙ୍କୁ ଅବଗତ କରାଇଥିଲେ ମଧ ଏଥିପ୍ରତି କେହି ଦୃଷ୍ଟି ଦେଉନଥିବାରୁ ଏପରି ଅସୁବିଧା ଆମକୁ ଏବଂ ଆମ ପିଲାମାନଙ୍କୁ ଭୋଗିବାକୁ ପଡୁଛି ।

ବିଧାୟକଙ୍କୁ ମୁଖ୍ୟମନ୍ତ୍ରୀଙ୍କ କରୋନା ଟିପସ୍

# ଗହଳି ନକରି ଟେକ୍ନୋଲୋଜି ଦ୍ୱାରା ଲୋକଙ୍କ ସହ ଯୋଡି ହେବାକୁ ପରାମର୍ଶ

ଭୁବନେଶ୍ୱର, ୦୨/୭ (ନି.ପ୍ର): ରାଜ୍ୟରେ କରୋନା ମାମଲା ବୃଦ୍ଧି ପାଉଥିବା ବେଳେ ବୁଧବାର ଦିନ ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଳୀୟ ବିଧାୟକମାନଙ୍କୁ 'କରୋନା' ମୁକାବିଲା ପାଇଁ କେତେକ ପରାମର୍ଶ ଦେଇଛନ୍ତି। ଦଳୀୟ ବିଧାୟକମାନଙ୍କୁ ଗହଳିକୁ ନଯିବା ଓ ଗହଳି ନକରିବାକୁ ନବୀନ ପରାମର୍ଶ ଦେବା ସହ ଟେକ୍ନୋଲୋଜି ମାଧ୍ୟମରେ ଲୋକଙ୍କ ସହ ଯୋଡ଼ି ହେବାକୁ କହିଛନ୍ତି। ବୁଧବାର ଅପରାହ୍ନରେ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଦଳୀୟ ବିଧାୟକମାନଙ୍କୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କରୋନା ଯୁଦ୍ଧରେ ଆପଣମାନଙ୍କର ବଡ ଭୂମିକା ରହିଛି। ଆପଣଙ୍କ ନେତୃତ୍ୱ ଉପରେ ଲୋକଙ୍କର ଭରସା ଓ ବିଶ୍ୱାସ ରହିଛି । ଆପଣଙ୍କର ପ୍ରତ୍ୟେକ କାର୍ଯ୍ୟ, ପ୍ରତ୍ୟେକ ପଦକ୍ଷେପରେ ଆପଣ କୋଭିଡ ଗାଇଡ୍ ଲାଇନ୍ ପାଳନ କରି କର୍ମୀ ଓ ଲୋକମାନଙ୍କୁ ମାନଙ୍କୁ ପ୍ରେରଣା ଦିଅନ୍ତୁ।ଏ ସଂକଟ ସମୟରେ ସେମାନେ ଯେପରି ନିଜର ଓ ନିଜ ପରିବାରର ଉପଯୁକ୍ତ ଯତ୍ନ ନେଇପାରିବେ, ସେଥିପାଇଁ ପ୍ରେରଣା ଦିଅନ୍ତୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ବିଧାୟକମାନଙ୍କୁ ୮ ଟି ଟିପସ୍ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବିଜେଡି ଜୀବନବିନ୍ଦୁ ରକ୍ତଦାନ କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରିବା ଦରକାର। ପ୍ରତି ଗାଁରେଦଳର ସବୁ କର୍ମୀମାନେ କୋଭିଡ ସଂପର୍କିତ ବିଭିନ୍ନ କାର୍ଯ୍ୟକ୍ରମରେ ସ୍ୱେଚ୍ଛାକୃତ ଭାବରେ କାର୍ଯ୍ୟ କରିବା ଦରକାର। ବୟସ୍କ ଲୋକଙ୍କ ପାଇଁ ଏହି ସମୟରେ ଅଧିକ ବିପଦ ରହିଛି। ତେଣୁ ଆମେ ସେମାନଙ୍କର ଉପଯୁକ୍ତ ଯତ୍ନ ନେବା ଦରକାର। ବିଧାୟକମାନେ ମାସ୍କ ବ୍ୟବହାର ଓ ସାମାଜିକ ଦୂରତା ସଂପର୍କରେ ଲୋକଙ୍କୁ ଅଧିକ ସଚେତନ କରନ୍ତୁ। ଗହଳିକୁ ଯିବା ନାହିଁ କିମ୍ବା ଗହଳି କରିବା ନାହିଁ । କିନ୍ତୁ ଲୋକଙ୍କ ସହ ଯୋଡି ହେବା ପାଇଁ ଆମେ ଟେକ୍‌ନୋଲୋଜିର ବ୍ୟବହାର କରିବା ଦରକାର। ୱାର୍ଡ ସ୍ତରରେ ଗଢାଯାଇଥିବା ୫୦ ହଜାର କୋଭିଡ କେୟାର କମିଟି ଗୁଡିକୁ ସିଏମ୍ ରିଲିଫ୍ ଫଣ୍ଡରୁ ୧୦ ହଜାର ଟଙ୍କା ଲେଖାଏଁ ଯୋଗାଇ ଦିଆଯାଇଛି। ପ୍ରତି ପଂଚାୟତରେ କୋଭିଡ କେୟାର ହୋମ୍ ରହିବ। ଏଥିପାଇଁ ୫୦ ହଜାର ଟଙ୍କା ମଂଜୁର କରାଯାଇଛି । ଏହା ବ୍ୟତୀତ ଜୀବନଜୀବିକା ଏବଂ ଦକ୍ଷତା ବିକାଶ କାର୍ଯ୍ୟକ୍ରମକୁ ଅଧିକ ଜୋରଦାର କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

# ଜାନୁୟାରୀ ୨୩ ତାରିଖରୁ ଅଦ୍ୟାବଧି ଭଞ୍ଜସେନା ରକ୍ତଭଣ୍ଡାର ଶାଖା ପକ୍ଷରୁ ୧୧୧ ୟୁନିଟ ରକ୍ତ ଦାନ



ବାରିପଦା, ୦୨/୭ (ନି.ପ୍ର): ଜାନୁୟାରୀ ୨୩ ତାରିଖ ୨୦୨୦ ମସିହା ଦିନ ଭସେନା ର ପ୍ରତିଷ୍ଠା ଦିବସ ଅବସରରେ ସେନା ପକ୍ଷରୁ ଆରମ୍ଭ କରାଯାଇଥିବା ରକ୍ତଭଣ୍ଡାର ଶାଖା ପକ୍ଷରୁ ଅଦ୍ୟାବଧି ମୋଟ ୧୧୧ ୟୁନିଟ ରକ୍ତ ଭିଭିନ୍ନ ସମୟରେ ଅସହାୟ ରୋଗୀମାନଙ୍କୁ ଦାନ କରାଯାଇଥିବାର ଜଣାଯାଇଛି। ମୟୂରଭ ଜିଲ୍ଲା ବାରିପଦାର ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସପିଟାଲକୁ ଆସୁଥିବା ରୋଗୀ ମାନେ କେହି ରକ୍ତ ଅଭାବରୁ ନମରିବାର ଲକ୍ଷ୍ୟ ନେଇ ଆରମ୍ଭ କରାଯାଇଥିବା ଏହି ରକ୍ତଭଣ୍ଡାର ଶାଖା ତରଫରୁ ଜାନୁୟାରୀ ମାସରେ ୪ ୟୁନିଟ, ଫେବୃୟାରୀ ମାସରେ ୧୬ ୟୁନିଟ, ମାର୍ଚ୍ଚ ମାସରେ ୩୨ ୟୁନିଟ, ଏପ୍ରିଲ ମାସରେ ୨୭ ୟୁନିଟ, ମେ ମାସରେ ୧୦ ୟୁନିଟ, ଜୁନମାସରେ ୨୨ ୟୁନିଟ ଏହିଭଳି ମୋଟ ୧୧୧ ୟୁନିଟ ରକ୍ତ ଦାନ କରାଯାଇଥିବାର ସୂଚନା ମିଳିଛି । ମାର୍ଚ୍ଚ ମାସରୁ ଜୁନ ମାସ ମଧ୍ୟରେ ରାଜ୍ୟରେ କରୋନା ପ୍ରଭାବ ରହିଥିବା ସତ୍ୱେ ଭସେନା ରକ୍ତଭଣ୍ଡାରର ରକ୍ତଦାତା ମାନେ ନିଜ ଜୀବନକୁ ଖାତିର ନକରି କରୋନା ଯୋଦ୍ଧା ଭାବରେ ଅସହାୟ ରୋଗୀ ମାନଙ୍କୁ ସ୍ୱେଚ୍ଛାରେ ରକ୍ତଦାନ କାର୍ଯ୍ୟକ୍ରମ ଜାରୀ ରଖିଛନ୍ତି । ଭସେନା ବିଗତ ୬ମାସ ଧରି ଯେଭଳି ଭାବରେ ରକ୍ତଦାନ କାର୍ଯ୍ୟକ୍ରମ ନିଜସ୍ୱ ପ୍ରଚେଷ୍ଟାରେ ଜାରୀ ରଖିଛି ତାହା ଆଗାମୀ ଦିନରେ ମଧ୍ୟ ଅଧିକରୁ ଅଧିକ ଭାବରେ ଜାରୀ ରହିବ ଏବଂ ଜିଲ୍ଲା ତଥା ବାହାରୁ ଆସୁଥିବା ରୋଗୀ ମାନଙ୍କୁ ସେମାନଙ୍କର ଦରକାର ସମୟରେ ରକ୍ତ ଦାନ କାର୍ଯ୍ୟକ୍ରମ ଜାରୀ ରହିବ ବୋଲି ଭସେନାର କର୍ମକର୍ତ୍ତା ମାନେ ଏକ ପ୍ରେସ ବିବୃତିରେ ଜଣାଇଛନ୍ତି ।

# ସୋ ରୁମ ମାଲିକଙ୍କ ନିର୍ଯାତନା ସହି ନ ପାରି ଆତ୍ମହତ୍ୟା କଲେ କର୍ମଚାରୀ

ଭଦ୍ରକ,୨/୭ (ହି.ସ.) - ଭଦ୍ରକ ସଂଗୀତା ମୋଟର୍ସରେ ସେଲ୍‌ସ ମ୍ୟାନେଜର ଭାବେ କାମ କରୁଥିବା ଭଦ୍ରକ ଟାଉନ ଥାନା ଅନ୍ତର୍ଗତ ଗବସାହି ଗ୍ରାମର ଚି ରଂଜନ ଜେନା ଆତ୍ମହତ୍ୟା କରିଛନ୍ତି। ଚି ରଂଜନ ବିଷ ପିଇ ଆତ୍ମହତ୍ୟା କରିଥିବା ବେଳେ ତାଙ୍କ ମୃତଦେହ ଭଦ୍ରକ ନୂଆ ବସ୍‌ଷ୍ଟାଣ୍ଡ ନିକଟ ସଂଗୀତା ମୋଟର୍ସର ସୋରୁ ପଛପଟୁ ଉଦ୍ଧାର କରାଯାଇଛି। ମୃତଦେହ ନିକଟରୁ ଏକ ସୁଇସାଇଡାଲ ନୋଟ୍ ମିଳିଛି। ପୁଲିସ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ସୁଇସାଇଡାଲ ନୋଟ ଅନୁଯାୟୀ ସଂଗୀତା ମୋଟର୍ସର ମାଲିକ ଚନ୍ଦନ ସାହା ବିକ୍ରି ହୋଇଥିବା ଟ୍ରାକ୍ଟରର ବକେୟା ଟଙ୍କା ଆଦାୟ ପାଇଁ ଚିତ ରଂଜନଙ୍କୁ ବାଧ କରୁଥିଲେ। ଏଥିଲାଗି ତାଙ୍କୁ ମାନସିକ ସ୍ତରରେ ନିର୍ଯାତନା ଦେବା ସହିତ ନାନା ପ୍ରକାରର ଧମକ ମଧ ଦେଉଥିଲେ।

# ଉତ୍କଳା କଲଚୁରାଲ ଓ ଯୋଗ ଶିକ୍ଷାକେନ୍ଦ୍ର ଆନୁକୂଲ୍ୟରେ ନୂତନ କାର୍ଯ୍ୟରତ ଏସ୍.ପି.ଙ୍କୁ ସମ୍ବର୍ଦ୍ଧନା

ବାଲେଶ୍ୱର, ୦୨/୭ (ନି.ପ୍ର): ଉତ୍କଳା କଲଚୁରାଲ ଯୋଗ ଶିକ୍ଷାକେନ୍ଦ୍ର ଆନୁକୂଲ୍ୟରେ ନୂତନ ଭାବେ କାର୍ଯ୍ୟରତ ଏସ୍.ପି. ସାର୍‌ଙ୍କୁ ବାଲେଶ୍ୱର ଏସ୍.ପି. ଭବନରେ ସମ୍ବର୍ଦ୍ଧନା କରାଯାଇଥିଲା । ଉତ୍କଳା କଲଚୁରାଲ ଏକାଡେମୀର ଅଧକ୍ଷ ବିକ୍ରମ ବାରିକ ତାଙ୍କ ମତ ରଖିଥିଲେ ଯେ ବାଲେଶ୍ୱରବାସୀ ମାନେ ସୁଖ ଦୁଃଖ ସବୁ ସମୟରେ ବାଲେଶ୍ୱର ପୋଲିସ ପ୍ରଶାସନ ଏବଂ ଅନ୍ୟ ପ୍ରଶାସନ କଥା ମାନି ଚାଲିଲେ କରୋନା ମହାମାରୀ ବିପଦ ମଧ ବାଲେଶ୍ୱରରୁ ଦୂରେଇ ଯିବ ବୋଲି ସେ କହିଥିଲେ । ଏସ୍.ପି. ସାର୍ ମଧ ତାଙ୍କ ମତରେ କହିଥିଲେ ଯେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ବା ବିପଦରେ ପଡ଼ିଥିବା ଲୋକଙ୍କୁ ଆମ ପ୍ରଶାସନ ସବୁବେଳେ ସହାଯୋଗ କରିବେ ବୋଲି କହିଥିଲେ । ଯୋଗର ଶିକ୍ଷା ଏବଂ ପ୍ରସାର ଅଧିକ ହେବା ଦରକାର ବୋଲି ବିଶିଷ୍ଟ ଯୋଗବିତ୍ ଦିବ୍ୟରଂଜନ ମହାନ୍ତି କହିଥିବାବେଳେ ଉତ୍କଳା ଯୋଗ ଶିକ୍ଷାକେନ୍ଦ୍ର ଏବଂ କଲଚୁରାଲ ଏକାଡେମୀ ଏ ଦିଗରେ କାର୍ଯ୍ୟ କରୁଛି ବୋଲି ସେ କହିଥିଲେ । ଏହି ସମ୍ବର୍ଦ୍ଧନା ଉତ୍ସବରେ ଉତ୍କଳା କଲଚୁରାଲ ଯୋଗ ଶିକ୍ଷା କେନ୍ଦ୍ରର କଳ୍ପନା ସାହୁ, ହେମନ୍ତ ପାତ୍ର, ଲକ୍ଷ୍ମୀଧର ଦାସ, ବର୍ଷା, ଅଶ୍ୱିନୀ ମହାପାତ୍ର, ଚନ୍ଦ୍ରଶେଖର ପଣ୍ଡା ସମେତ ଅନ୍ୟାନ୍ୟ ସଦସ୍ୟଗଣ ଉପସ୍ଥିତ ଥିଲେ ।

# ରାଜ୍ୟ ମାନବିକ ଅଧିକାର କମିଶନଙ୍କ ନିକଟରେ ଫେରାଦ ହେଲା ଅଭିଭାବକ ସଂଘ

ଭୁବନେଶ୍ୱର, ୦୨/୭ (ନି.ପ୍ର): ଅନ୍‌ଲାଇନ୍ ମାଧ୍ୟମରେ ପିଲାମାନଙ୍କୁ ଶିକ୍ଷା ପ୍ରଦାନ କରାଯିବ ବୋଲି ସରକାର ନେଇଥିବା ନିଷ୍ପତି ବାଛବିଚାର କରାଯାଇଛି ବୋଲି ଅଭିଭାବକ ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ଅନ୍ୟପକ୍ଷରେ ଏହା ବିରୁଦ୍ଧରେ ଓଡ଼ିଶା ହ୍ୟୁମାନ ରାଇଟ୍‌ସ କମିଶନଙ୍କ ପାଖରେ ଫେରାଦ ହୋଇଛି। ସଂଘ ପକ୍ଷରୁ କୁହାଯାଇଛି ଯେ, ସରକାରଙ୍କର ଏହି ନିଷ୍ପତି ଦ୍ୱାରା ଉଭୟ ଅଭିଭାବକ ଏବଂ ପିଲାମାନଙ୍କର ଅଧିକାରକୁ କ୍ଷୁର୍ଣ୍ଣ କରାଯାଉଛି । ଓଡ଼ିଶାରେ ୬୦ ଲକ୍ଷ ପିଲାଙ୍କ ମଧ୍ୟରୁ ୨୨ ଲକ୍ଷ ପିଲା ଅନ୍‌ଲାଇନ୍‌ରେ ପଢୁଛନ୍ତି । ଅବଶିଷ୍ଟ ୩୮ ଲକ୍ଷ ଏଥିରୁ ବଂଚିତ ହୋଇଛନ୍ତି ବୋଲି ଅଭିଯୋଗରେ ଦର୍ଶାଯାଇଛି। ଫୋନ୍ ନ ଥିବା ପିଲାମାନଙ୍କୁ ମୋବାଇଲ ଯୋଗାଇ ଦିଆଯାଉ । ପିଲାମାନଙ୍କର ସଫଳତା ଓ ବିଫଳତା ଉପରେ ତର୍ଜମା କରିବା ପାଇଁ ଏକ କମିଟି ଗଠନ କରିବା ଦାବି ପାଇଁ ଉଲ୍ଲେଖ କରାଯାଇଛି ।

# ଲଙ୍ଗଲେଶ୍ୱର୍ ପଚାଂୟତର୍ ତିନୋଟି ଗ୍ରାମକୁ କଂଟେନମେଂଟ ଜୋନ୍ ଓ ୮ ଗ୍ରାମକୁ ବଫର୍ ଜୋନ୍ ଘୋଷଣା

ଗଞ୍ଜାମ, ୦୨/୭ (ନି.ପ୍ର): ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ବ୍ଲକ୍ ଅନ୍ତର୍ଗତ ଲଙ୍ଗଲେଶ୍ୱର ପଚାଂୟତର ତିନୋଟି ଗ୍ରାମକୁ କଂଟେନମେଂଟ ଜୋନ୍ ଭାବେ ଓ ୮ଟି ଗ୍ରାମକୁ ବଫର୍ ଜୋନ୍ ଘୋଷଣା କରିଛନ୍ତି ଗଞ୍ଜାମ ଜିଲ୍ଲାପାଳ ବିଜୟ ଅମୃତ କୁଲାଙ୍ଗେ । ଲଙ୍ଗଲେଶ୍ୱର ପଚାଂୟତର ଭେଜିପୁଟରୁ ଦୁଇ ଜଣ ଓ ଲଙ୍ଗଲେଶ୍ୱର ଗ୍ରାମରୁ ଜଣେ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ଜଣାପଡିଛି । ଏହାପରେ ଭେଜିପୁଟ, ଲଙ୍ଗଲେଶ୍ୱର, ତେଲିଡ଼ିହ ଗ୍ରାମକୁ କଂଟେନମଂଟ ଜୋନ୍ ଘୋଷଣା କରିଛନ୍ତି ଜିଲ୍ଲାପାଳ । ଏଥିସହ ଲଙ୍ଗଲେଶ୍ୱର ପଚାଂୟତର ନଗରଡିହ ପାଟଣା, କରାପଦର, ପଥରକଟା ଓ କମଳାଦେଇପୁର । ସେହିପରି ବାକୁଟୁ ଗାଁ ପଚାଂୟତର ବାକୁଟୁଗାଁ, ପଥରା ପଚାଂୟତର ପଥରା, ଓଡ଼ିଆ ଆଲପୁର ପଚାଂୟତର ଶ୍ରୀନଳିନାକ୍ଷେ ପୁର ଓ ଗୁରାପଲ୍ଲୀ ଗ୍ରାମକୁ ବଫର୍ ଜୋନ୍ ଭାବେ ଘୋଷଣା କରାଯାଇଛି । କଂଟେନମେଂଟ ଜୋନ୍‌ରେ ଲୋକଙ୍କୁ ଘରୁ ବାହାରିବାକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି । ବଫର୍ ଜୋନ୍ ରେ କେବଳ ଅତ୍ୟାବଶ୍ୟକ କାର୍ଯ୍ୟରେ ଲୋକେ ବାହାରକୁ ଯାଇପାରିବେ ବୋଲି କୁହାଯାଇଛି । ଲୋକଙ୍କୁ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଇଦେବାକୁ ବିଡ଼ିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି । କଂଟେନମେଂଟ ଓ ବଫର୍ ଜୋନ୍ ଘୋଷିତ ଅଂଚଳକୁ ସାନିଟାଇଜେସନ କରିବା ପାଇଁ ଅଗ୍ନିଶମ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି । ଗ୍ରାମର ପ୍ରବେଶ ପଥ ଗୁଡିକରେ ଅସ୍ଥାୟୀ ଚେକ୍ ପୋଷ୍ଟ ନିର୍ମାଣ କରି ଲୋକଙ୍କ ଗତିବିଧି ଉପରେ ନଜର ରଖିବା ପାଇଁ ଖଲ୍ଲିକୋଟ ଥାନା ଅଧିକାରୀ ସତ୍ୟ ରଞ୍ଜନ ପ୍ରଧାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ବ୍ଲକ୍ ପ୍ରଶାସନ ପକ୍ଷରୁ କଂଟେନମେଂଟ ଓ ବଫର ଜୋନ୍ ଘୋଷିତ ଗ୍ରାମ ଗୁଡିକର ପ୍ରବେଶପଥରେ ବ୍ୟାରିକେଟ୍ ନିର୍ମାଣ କରାଯାଇଛି । ଘର ଘର ବୁଲି ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ ସ୍ଥାନୀୟ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶ ଦିଆଯାଇଛି । ଅତିରିକ୍ତ ତହସିଲଦାର ଜ୍ୟୋର୍ତିମୟ ଦାଶଙ୍କୁ ଏକଜ୍ୟୁକେଟିଭ୍ ମାଜିଷ୍ଟ୍ରେଟ୍ ଭାବେ ଦାୟୀତ୍ୱ ଦିଆଯାଇଛି । ଖଲ୍ଲିକୋଟ ଅଂଚଳରେ ଗତ କିଛି ଦିନ ମଧ୍ୟରେ କରୋନା ମହାମାରୀ ବ୍ୟାପୀବାରେ ଲାଗିଛି । କିଛି ଦିନ ପୂର୍ବେ ବାଦପଲ୍ଲୀ ଓ ଆଇଚିପୁର ପଚାଂୟତରେ କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ୯ଟି ଗ୍ରାମ କଂଟେନମେଂଟ ଓ ୧୨ଟି ଗ୍ରାମକୁ ବଫର୍ ଜୋନ୍ ଘୋଷଣା କରାଯାଇଥିଲା । ଖଲ୍ଲିକୋଟ ସହରରେ ଗୋଟିଏ ପରିବାରର ତିନି ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି । ଶ୍ରୀକୃଷ୍ଣ ଶରଣପୁର ପଚାଂୟତରେ ଦୁଇ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲେ ।

# ସିଟି ଦ୍ୱିତୀୟ ବର୍ଷ ଶିକ୍ଷାର୍ଥୀଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ମୂଲ୍ୟାଙ୍କନର ବିକଳ୍ପ ବ୍ୟବସ୍ଥା ଗ୍ରହଣ କରାଯିବାକୁ ଦାବୀ

ନୂଆପଡା, ୦୨/୭ (ନି.ପ୍ର): ସାରା ରାଜ୍ୟରେ ପ୍ରଶିକ୍ଷଣ ନେଉଥିବା ସିଟି ଦ୍ୱିତୀୟ ବର୍ଷ ଶିକ୍ଷାର୍ଥୀ ମାନଙ୍କ ସାମ୍ପ୍ରତିକ କରୋନା ପରିସ୍ଥିତରେ ସମସ୍ତ ସମସ୍ୟାକୁ ଦୃଷ୍ଟିରେ ରଖି ମୂଲ୍ୟାଙ୍କନର ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିବାକୁ ଶିକ୍ଷାର୍ଥୀ ମାନେ ଦାବୀ ଜଣାଇଛନ୍ତି । ଏନେଇ ଦ୍ୱିତୀୟ ବର୍ଷର ଶିକ୍ଷାର୍ଥୀ ମାନେ ତାଲିମ ଗ୍ରହଣ କରୁଥିବା ଅନୁଷ୍ଠାନର ଅଧ୍ୟକ୍ଷଙ୍କୁ ଶିକ୍ଷକ ଓ ଶିକ୍ଷା ନିର୍ଦ୍ଦେଶାଳୟ ଓ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦର ନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଲିଖିତ ଅଭିଯୋଗ କରିଥିବା ସୂଚନା ମିଳିଛି । ଅଭିଯୋଗରେ ସିଟି ଦ୍ୱିତୀୟ ବର୍ଷର ପ୍ରଶିକ୍ଷଣ ଗ୍ରହଣ କରୁଥିବା ଶିକ୍ଷାର୍ଥୀ ମାନେ ମହାମାରୀ କରୋନା ପରିସ୍ଥିତିରେ ସେମାନଙ୍କ ମାନସିକ ସ୍ଥିତି ଠିକ ନଥିବା ଅଭିଯୋଗ କରି ଏଭଳି ପରିସ୍ଥିତିରେ ପ୍ରେରିତ ହୋଇଥିବା ଚିଠିରେ ଦ୍ୱିତୀୟ ବର୍ଷର ଶିକ୍ଷାର୍ଥୀଙ୍କ ସକାଶରେ କୌଣସି ପ୍ରାକ ସୂଚନା ନଦେଇଥିବା ଅଭିଯୋଗ କରି ଦ୍ୱିତୀୟ ବର୍ଷର ପରୀକ୍ଷାକୁ ଜୁଲାଇ ମାସର ଶେଷ ସୁଦ୍ଧା ଶେଷ କରିବା ପାଇଁ ନିଷ୍ପତି ନିଆଯିବାକୁ ଅନୁରୋଧ କରିଛନ୍ତି । ଯଦି ଏହାକରାନଯାଏ ତେବେ ବିକଳ୍ପ ମୂଲ୍ୟାଙ୍କନ ବ୍ୟବସ୍ଥା ଗ୍ରହଣ କରିବାକୁ ଶିକ୍ଷାର୍ଥୀ ମାନେ ଅନୁରୋଧ କରିଛନ୍ତି । ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେଇ ସେମାନଙ୍କ ସମସ୍ୟାର ସମାଧାନ କରିବାକୁ ଦାବୀ କରିଛନ୍ତି ।

# ଦିର୍ଘ ୯ ଦିନ ହେଲାଣି ଦାରିଙ୍ଗବାଡିର ୫ ୱାର୍ଡ କଣ୍ଟେନମେଣ୍ଟ ଜୋନ୍ ଲୋକେ ହନ୍ତସନ୍ତ

କନ୍ଧମାଳ, ୦୨/୭ (ନି.ପ୍ର): ଗତ ୨୩ରୁ ପ୍ରାୟ ୯ ଦିନ ହେଲାଣି ଓଡିଶାର କାଶ୍ମିର କୁହାଯାଉଥିବା ଦାରିଙ୍ଗବାଡି ଅଂଚଳର ୫ଟି ୱାର୍ଡକୁ କଣ୍ଟେନମେଣ୍ଟ ଜୋନ ଘୋଷଣା କରିଛି ପ୍ରଶାସନ। ଫଳରେ ଏସବୁ ୱାର୍ଡ ଗୁଡିକ ସଂପୂର୍ଣ୍ଣ ନିଷିଦ୍ଧାଂଚଳରେ ରହିଛି। ଯା ଭିତରକୁ ବାହାର ଲୋକଙ୍କୁ ଯିବା ମନା ଓ ଭିତରୁ ବାହାରକୁ ଆସିବା ମଧ ମନା। ଜଣେ ଶିକ୍ଷକ କରୋନା ସଂକ୍ରମିତ ହେବା ପରେ ଦାରିଙ୍ଗବାଡି ପଂଚାୟତର ୫ଟି ୱାର୍ଡକୁ କଣ୍ଟେନମେଣ୍ଟ ଘୋଷଣା କରାଯାଇଥିଲା। ପଜିଟିଭ ଆସିଥିବା ଶିକ୍ଷକ ଜଣକ ବୁଲାବୁଲି କରି ପ୍ରାୟ ୨୮ ଜଣଙ୍କ ସଂସ୍ପର୍ଶରେ ଆସିଥିବା ଜଣାପଡିବା ପରେ ସମସ୍ତଙ୍କ ସ୍ୱାବ୍ ନମୁନା ସଂଗ୍ରହ କରାଯାଇ ଟେଷ୍ଟିଂ ପାଇଁ ପଠାଯାଇଥିଲା। ତେବେ, ସମସ୍ତ ୨୮ ଜଣଙ୍କ ରିପୋର୍ଟ ନେଗେଟିଭ୍ ଆସିଥିବା ବେଳେ କରୋନା ଆକ୍ରାନ୍ତ ଶିକ୍ଷକ ଜଣକ ମଧ ସୁସ୍ଥ ହୋଇଗଲେଣି। ତଥାପି କଣ୍ଟେନମେଣ୍ଟ ଜୋନ୍ ଉଠିବା ନେଇ ପ୍ରଶାସନ କୌଣସି ସୂଚନା ଦେଇନି ଏଯାଏଁ। ପ୍ରଶାସନ ଆଉ କିଛି ସନ୍ଦିଗ୍ଧ ଲୋକଙ୍କୁ ନମୁନା ସଂଗ୍ରହ କରି ପଠାଯାଇଥିଲେ ମଧ ରିପୋର୍ଟ ଆସିନି ଏଯାଏଁ। ରିପୋର୍ଟ ଆସିବା ପରେ ପ୍ରଶାସନ କଣ୍ଟେନମେଣ୍ଟ ହଟାଇବା ନେଇ ଚିନ୍ତା କରିବ ବୋଲି ଦାରିଙ୍ଗବାଡି ତହସିଲଦାର ସୂଚନା ଦେଇଛନ୍ତି।

# ମାଡି ବସୁଛନ୍ତି ରାଜ୍ୟ ରାଜପଥ କଡ

ଭଦ୍ରକ, ୨/୭ (ହି.ସ.) - ଗାଁ ଗହଳିରେ ଥିବା ସରକାରୀ ଗୋଚର, ପଡିତ, ଅନାବାଦୀ ଆଦି ଜାଗାକୁ ଜବରଦଖଲ କରି ଲୋକେ ରଖୁଥିବାବେଳେ ଏବେ ଏହି ଜବରଦଖଲ ତରିକା ରାଜରାସ୍ତାକୁ ଡେଇଁଛି। ବିଭିନ୍ନ ଗାଁ ଓ ପଂଚାୟତକୁ ସଂଯୋଗ କରୁଥିବା ରାସ୍ତାକଡରେ ଥିବା ପାଣିନାଳ, ନଇଁଜୁଡି ଓ ଅନାବାଦୀ ଗୁଡିକ ଆଉ ସୁରକ୍ଷିତ ନାହିଁ। ଏହି ସରକାରୀ ଜାଗା ପଛକୁ ଥିବା ବ୍ୟକ୍ତିଗତ ପ୍ଲଟ୍‌ର ମାଲିକ ମାନେ କବଜା କରି ରଖିଛନ୍ତି । କବଜା କରିବାର ତରିକା ମଧ ନୂଆ ପ୍ରକାର। କିଏ ପ୍ରଥମେ ବାଉଁଶ ଖଣ୍ଡେ ପୋତି ଜାଲ ଘେରାଇ ଗଛପତ୍ର ଲଗେଇ ଦେଉଛି। ପରେ ପ୍ରତିବାଦ ନହେଲେ ପକା ଖୁ ଓ ତାରବାଡ ଘେରାଇ ନିଜ ଦଖଲକୁ ନେଇଯାଉଛି। ରାସ୍ତା କଡରେ ଜଳ ନିଷ୍କାସନ ପାଇଁ ଥିବା ନାଳକୁ ମଧ ପୋତି ଦେଇ ଏମାନେ ନିଜ ଦଖଲରେ ରଖୁଛନ୍ତି। ଏ ତ ଗଲା ଗାଁ ଗହଳିର ଜବରଦଖଲକାରୀଙ୍କ ତରିକା। ହେଲେ ଏହି ଜବରଦଖଲ ଏବେ ଭଦ୍ରକ-ଚାନ୍ଦବାଲି ରାଜ୍ୟ ରାଜପଥର ଦୁଇକଡରେ ଥିବା ଜମି ଓ ଘର ମାଲିକମାନଙ୍କୁ ଗ୍ରାସ କରିଛି। ଏମାନେ ନିଜ ଘର ତିଆରି କଲାବେଳେ ସାମ୍ନାକୁ ଜାଗା ନରଖି ସରକାରୀ ଜାଗାକୁ ମାଡି ବସୁଛନତି ଏବଂ ସମୟ କ୍ରମେ ଏହି ଜାଗାକୁ ନିଜ ଅକ୍ତିଆରକୁ ନେଉଛନ୍ତି। କିଏ ବାଉଁଶ ବାଡ ବୁଜେ ତ ଆଉ କିଏ ତାର ବାଡ ଘେରାଇ ରାଜରାସ୍ତା କଡକୁ ନିଜ ଅକ୍ତିଆରରେ ରଖୁଛନ୍ତି। ଖାଲି ସେତିକି ନୁହେଁ ରାସ୍ତା ଦୁଇକଡରେ ଥିବା ନଇଁଜୁଡି ଆଉ ନାହିଁ। ରାସ୍ତା କଡରେ ଘର କରିଥିବା ବ୍ୟକ୍ତିମାନେ ଏହି କାଡା ନାଳକୁ ସଂପୂର୍ଣ୍ଣ ପୋତି ପକାଇଛନ୍ତି। ଯାହାଫଳରେ ଜଳ ନିଷ୍କାସନରେ ବାଧା ମଧ ଉପୁଜିଛି। ଦିନକୁ ଦିନ ଏହି ଜବରଦଖଲକାରୀଙ୍କ ସଂଖ୍ୟା ବଢୁଥିବାବେଳେ ଏଥିପ୍ରତି ରାଜସ୍ୱ ବିଭାଗର ନଜର ନାହିଁ। ଭଦ୍ରକ-ଚାନ୍ଦବାଲି ରାସ୍ତାର ଦୋଳସାହି-ରାଢଙ୍ଗ ଠାରୁ ପୀରହାଟ ପର୍ଯ୍ୟନ୍ତ ରାସ୍ତା କଡର ବିଭିନ୍ନ ଜାଗାରେ ପକ୍କା ଖୁ ଓ ତାର ବାଡ ଘେରାହ ଯାଇଥିବାବେଳେ ରାଜରାସ୍ତା କଡରେ ଘର ନିର୍ମାଣ କରାଯାଇ ବେପାର କରୁଛନ୍ତି।

# ଜିଲ୍ଲାକୁ ନିର୍ବିଘ୍ନଭାବରେ ଯାତାୟାତ ଯୋଗୁଁ ଗଞ୍ଜାମ-କନ୍ଧମାଳ ସୀମା ସିଲ୍ କଲା ପ୍ରଶାସନ

କନ୍ଧମାଳ, ୦୨/୭ (ନି.ପ୍ର): ପଡୋଶୀ ଗଞ୍ଜାମ ଜିଲ୍ଲାରେ କରୋନା ପଜିଟିଭଙ୍କ ସଂଖ୍ୟା ହୁ ହୁ ହୋଇ ବଢିଚାଲିଥିବା ସହିତ ସେହି ଅଂଚଳରେ କରୋନା ସଂକ୍ରମିତଙ୍କର ମୃତ୍ୟୁ ମଧ୍ୟ ଅଧିକ ହୋଇଛି । ଫଳରେ ଗଞ୍ଜାମରୁ ପ୍ରତିଦିନ ଶହ ଶହ ଲୋକ କନ୍ଧମାଳ ଆସୁଛନ୍ତି ଓ କନ୍ଧମାଳରୁ ମଧ ଶହ ଶହ ଲୋକ ଗଞ୍ଜାମ ଜିଲାର ବିଭିନ୍ନ ଅଂଚଳକୁ ଯିବା ଆସିବା କରୁଛନ୍ତି। ଏଣୁ, କରୋନା ସଂକ୍ରମଣ ବଢିବା ଆଶଙ୍କା କରି କନ୍ଧମାଳ ଜିଲ୍ଲା ପ୍ରଶାସନ ଗଞ୍ଜାମ-କନ୍ଧମାଳ ସୀମା କଳିଙ୍ଗା ଠାରେ ପୁଣି ମଙ୍ଗଳବାର ଠାରୁ ନାକା ପୋଷ୍ଟ ସିଲ୍ କରିଛି। ଦିନରାତି ପୋଲିସ, ମାଜିଷ୍ଟ୍ରେଟ, ପ୍ରଶାସନିକ ଅଧିକାରୀ ମାନେ ସୀମାରେ ଜଗି ରହିଛନ୍ତି। ଗଞ୍ଜାମ ଫେରନ୍ତାଙ୍କୁ ଯାଂଚ କରୁଛନ୍ତି, ଥର୍ମାଲ ସ୍କ୍ରିନିଂ କରୁଛନ୍ତି। ଜିଲ୍ଲାପାଳ ଡା.ବୃନ୍ଦା ଡି.ଙ୍କ ନିର୍ଦ୍ଦେଶ କ୍ରମେ ୩ ମାଜିଷ୍ଟ୍ରେଟ୍, ୯ ଜଣ ସୁପରଭାଇଜର ଓ ୨୭ ଜଣ କର୍ମଚାରୀଙ୍କୁ ନିଯୁକ୍ତି ଦେଇଛନ୍ତି। ମାଜିଷ୍ଟ୍ରେଟ ଭାବେ ସହକାରୀ ଜିଲ୍ଲାପାଳ ବିରଂଚି କହଁର, ଅତିରିକ୍ତ ତହସିଲଦାର ଜି.ଉଦୟଗିରି ରାଜେଶ ପାତ୍ର, ଅତିରିକ୍ତ ତହସିଲଦାର ରାଇକିଆ ଅକ୍ଷୟ ପାଣିଙ୍କୁ ଦାୟୀତ୍ୱ ଦିଆଯାଇଛି। ପ୍ରଶାସନ ଏବେ ଗଞ୍ଜାମକୁ ଯିବା ନେଇ କଟକଣା ଜାରୀ କରିଛି। ସେହିପରି ଖଜୁରୀପଡା ଠାରେ ମଧ ଭୁବନେଶ୍ୱର ଫେରନ୍ତାଙ୍କ ଉପରେ ନଜର ରଖିବା ଲାଗି ପୂର୍ବପରି ନାକା ପଏଣ୍ଟ କରିବା ସହିତ ସେଠାରେ ମଧ୍ୟ ଗଞ୍ଜାମ ସୀମା ଭଳି ତନଖି କରିବାକୁ ଲୋକଙ୍କ ପକ୍ଷରୁ ଦାବୀ ହୋଇଛି।

# ଆନ୍ତର୍ଜାତିକ ଉର୍ଜା ଏଜେନ୍ସି ଏବଂ ପେଟ୍ରୋଲିୟମ ମନ୍ତ୍ରଣାଳୟର ୱେବିନାର୍

## ଆତ୍ମନିର୍ଭର ଭାରତ ନିର୍ମାଣରେ ପ୍ରାକୃତିକ ଗ୍ୟାସର ବଡ ଭୂମିକା - ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ/ଭୁବନେଶ୍ୱର, ୦୨/୭ (ନି.ପ୍ର): ପ୍ରଧାନମନ୍ତ୍ରୀ କୋଭିଡ୍ ଚ୍ୟାଲେଞ୍ଜକୁ ସୁଯୋଗରେ ପରିଣତ କରିବା ପାଇଁ ଆତ୍ମନିର୍ଭର ଭାରତ ଅଭିଯାନ ଆରମ୍ଭ କରିଛନ୍ତି । ଆତ୍ମନିର୍ଭର ଭାରତ ନିର୍ମାଣ ଦିଗରେ ପ୍ରାକୃତିକ ଗ୍ୟାସର ମହତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ବୁଧବାର ଆନ୍ତର୍ଜାତିକ ଉର୍ଜା ଏଜେନ୍ସି (ଆଇଇଏ) ଏବଂ ପେଟ୍ରୋଲିୟମ ମନ୍ତ୍ରଣାଳୟ ପକ୍ଷରୁ ପ୍ରଥମ ଥର ପାଇଁ ଆୟୋଜିତ ୱେବିନାରରେ ସାମିଲ ହୋଇ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ପରିବର୍ତ୍ତିତ ବିଶ୍ୱ ଗ୍ୟାସ ବଜାରର ଦୃଶ୍ୟପଟ୍ଟରେ ଭାରତକୁ ପ୍ରାକୃତିକ ଗ୍ୟାସ ଆଧାରିତ ତିଆରି କରିବା ଉପରେ ଏହି ୱେବିନାର ଆୟୋଜନ କରାଯାଇଥିଲା। ଶ୍ରୀ ପ୍ରଧାନ କହିଛନ୍ତି ଯେ ବଢୁଥିବା ଉର୍ଜା ଚାହିଦା ପରିପ୍ରେକ୍ଷୀରେ ଦେଶରେ ନିର୍ଗତ ଅଙ୍ଗାରକାମ୍ଳକୁ ହ୍ରାସ କରିବା ପାଇଁ ପ୍ରାକୃତିକ ଗ୍ୟାସ ଉପରେ ଯଥେଷ୍ଟ ଗୁରୁତ୍ୱ ଦିଆଯାଉଛି। ଦେଶରେ ବିଭିନ୍ନ ଶିଳ୍ପ ସଂସ୍ଥା ପାଇଁ ଏଲଏନଜି ଟର୍ମିନାଲ ନିର୍ମାଣ କରାଯାଇ ସୁଲଭ ଦରରେ ଗ୍ୟାସ ଯୋଗାଯାଉଛି। ପୂର୍ବ ଭାରତ ଏବଂ ଉତର ଭାରତରେ ଗ୍ୟାସ ଗ୍ରୀଡ ପାଇପଲାଇନର କାମ ସଂପ୍ରସାରଣ କରାଯାଉଛି। ଗୋଟିଏ ଦେଶ ଏବଂ ଗୋଟିଏ ଗ୍ରୀଡ ବ୍ୟବସ୍ଥାରେ ଭାରତକୁ ଗ୍ୟାସ ଆଧାରିତ ଅର୍ଥନୀତି ବନାଇବା ପାଇଁ ଯୋଜନା ପ୍ରସ୍ତୁତ କରାଯାଉଛି। ଦେଶର ପ୍ରଥମ ଅନଲାଇନ ବିତରଣ ଆଧାରିତ ଗ୍ୟାସ ଟ୍ରେଡିଂ ପ୍ଲାଟଫର୍ମ ଇଣ୍ଡିଆନ ଗ୍ୟାସ ଏକ୍ସଚେଞ୍ଜ(ଆଇଜିଏକ୍ସ)ର ଶୁଭାରମ୍ଭ କରାଯାଇଛି। ପ୍ରାକୃତିକ ଗ୍ୟାସ ପାଇଁ ନୂତନ ବୈଦ୍ୟୁତିକ ଟ୍ରେଡିଂ ପ୍ଲାଟଫର୍ମର ଭାରତର ଉର୍ଜା ଇତିହାସରେ ନୂତନ ଅଧ୍ୟାୟ । ଭାରତୀୟ ଗ୍ୟାସ ଆଧାରିତ ଅର୍ଥନୀତି ଦିଗରେ ଏହି ପ୍ଲାଟଫର୍ମ ସହାୟକ ହେବ ଏବଂ ଆତ୍ମନିର୍ଭର ଭାରତ ଦିଗରେ ଏହା ବଡ ପଦକ୍ଷେପ । ଏହି ଅବସରରେ ଶ୍ରୀ ପ୍ରଧାନ ଭାରତକୁ ଗ୍ୟାସ ଆଧାରିତ ଅର୍ଥନୀତି ବନାଇବା ପାଇଁ ନିଆଯାଇଥିବା ପଦକ୍ଷେପ ଉପରେ ଆଲୋକପାତ କରିଥିଲେ । ଆନ୍ତର୍ଜାତିକ ଉର୍ଜା ଏଜେନ୍ସି ବା ଆଇଏର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଫତି ବିରୋଲ୍ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପାକୃତିକ ଗ୍ୟାସ ଏକ୍ସଚେଞ୍ଜ ସମେତ ପ୍ରାକୃତିକ ଗ୍ୟାସ କ୍ଷେତ୍ରରେ ଅଣାଯାଇଥିବା ସଂସ୍କାର ଉପରେ ଗୁରୁତ୍ୱାରୋପ କରିଥିଲେ । ଏହା ସହ କରୋନା ମହାମାରୀ ସମୟରେ ଭାରତରେ ଗରିବଙ୍କୁ ମାଗଣାରେ ଗ୍ୟାସ ଯୋଗାଇବା ପଦକ୍ଷେପକୁ ସେ ପ୍ରଶଂସା କରିଥିଲେ ।

# ପିକ୍‌ଅପ୍ ଭ୍ୟାନ୍ ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ : କ୍ଷତିପୂରଣ ଦାବିରେ ରାସ୍ତାରୋକ

ଭଦ୍ରକ,୨/୭ (ହି.ସ.) - ଏହି ଜିଲାର ଚାନ୍ଦବାଲି ମୁଖ୍ୟରାସ୍ତା କଖାରୁଡିହି ଛକ ନିକଟରେ ଏକ ପିକଅପ୍ ଭ୍ୟାନ୍ ଧକ୍କାରେ ଜଣେ ବୃଦ୍ଧଙ୍କର ମୃତ୍ୟୁ ହୋଇଛି। ପ୍ରାପ୍ତ ସୂଚନା ଅନୁସାରେ କଖାରୁଡିହି ଛକ ନିକଟରେ ସ୍ଥାନୀୟ ଚାନ୍ଦବାଲି ଏନ୍‌ଏସି ଅନ୍ତର୍ଗତ ୨ ନମ୍ବର ୱାର୍ଡର ନିତ୍ୟାନନ୍ଦ ମହାନ୍ତିଙ୍କୁ ଏକ ପିକଅପ୍ ଭ୍ୟାନ୍ ଧକ୍କାଦେବା ଫଳରେ ତାଙ୍କର ଶୋଚନୀୟ ମୃତ୍ୟୁ ହୋଇଛି। ଏହି ମୃତ୍ୟୁକୁ ନେଇ ସ୍ଥାନୀୟ ଲୋକେ କ୍ଷତିପୂରଣ ଦାବିରେ ଭଦ୍ରକ-ଚାନ୍ଦବାଲି ମୁଖ୍ୟ ରାସ୍ତାକୁ ଅବରୋଧ କରିଛନ୍ତି। ତେବେ ଘଟଣାସ୍ଥଳରେ ଚାନ୍ଦବାଲି ପୁଲିସ୍ ପହ , ଲୋକମାନଙ୍କୁ ବୁଝାସୁଝା କରିଥିଲା।

# ମଳୟ ବଳାଙ୍କ ବିୟୋଗରେ ବଳାଙ୍ଗୀ ମହୋତ୍ସବ ପକ୍ଷରୁ ଶୋକସଭା



ବାରିପଦା, ୦୨/୭ (ନି.ପ୍ର): ସର୍ବବାରତୀୟ ସ୍ତରରେ ଦିନେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିବା ମୟୂରଭଞ୍ଜ ଜିଲ୍ଲାର ଜଣେ ଆଗଧାଡିର ବୁଦ୍ଧିଜିବୀ ତଥା ବଳାଙ୍ଗୀ ମହୋତ୍ସବର ପୂର୍ବତନ ସଭାପତି, ସର୍ବଭାରତୀୟ କଂଗ୍ରେସ କମିଟିର ପୂର୍ବତନ ଯୁବ ସଭାପତି ଏବଂ ରାଜ୍ୟ ସମବାୟ ୟୁନିୟନର ପୂର୍ବତନ ସଭାପତି ମଳୟ କୁମାର ବଳାଙ୍କ ବିୟୋଗରେ ବାରିପଦା ଠାରେ ବଳାଙ୍ଗୀ ମହୋତ୍ସବ କମିଟି ପକ୍ଷରୁ ମହୋତ୍ସବ କମିଟିର ସାଧାରଣ ସମ୍ପାଦକ ଶ୍ରୀଯୁକ୍ତ ଶରତ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ସ୍ୱର୍ଗତ ବଳାଙ୍କ ଶରୀର ଦୀର୍ଘ ଦିନ ଧରି ଅସୁସ୍ଥ ଥିବା ବେଳେ ଗତକାଲି ତାଙ୍କର ବିୟୋଗ ଘଟିଥିଲା । ଏହି ଶୋକ ସଭାରେ ବଳାଙ୍ଗୀ ମହୋତ୍ସବର କାର୍ଯ୍ୟକାରୀ ସଭାପତି ଜ୍ଞାନରନ ତ୍ରିପାଠୀ, ଉପଦେଷ୍ଟା ତଥା ସ୍ୱର୍ଗତ ବଳାଙ୍କ ସହପାଠୀ ନରେନ୍ଦ୍ର ମୋହନ ସେନାପତି, ବାରୁଣେଶ୍ୱର ଦୂର୍ଗାପୂଜା କମିଟିର ସଭାପତି ତଥା ବଳାଙ୍ଗୀ ମହୋତ୍ସବର ଉପଦେଷ୍ଟା ଏବଂ ସ୍ୱର୍ଗତ ବଳାଙ୍କର ବାଲ୍ୟବନ୍ଧୁ ଉଦୟ ନାଥ ଜେନା, ସଦସ୍ୟ ଉଗେଶ୍ୱର ବେହେରା, ବୈଦ୍ୟନାଥ ରଥ, ଅଧ୍ୟାପକ ସୁନୀଲ ଜେନା, ବିଜୟ କୁମାର ଦାଶ, ଗୋଲକ ଚନ୍ଦ୍ର ମହାନ୍ତି, ଦାମୋଦର ମହାନ୍ତି, ବଳାଙ୍ଗୀ ସେନାର ସଭାପତି କୁମାରେଶ ନାୟକ, ସଦସ୍ୟ କିଶୋର କୁମାର ମହାନ୍ତି, ପିତାମ୍ବର ମଲ୍ଲିକ, ଦିଲ୍ଲିପ କୁମାର ପାତ୍ର, ଶ୍ରୀଧର ପାତ୍ର, ବିମଳ କୁମାର ଦାସ, ଅଜୟ କୁମାର ଘୋଡେଇ, ଚିନ୍ମୟ କୁମାର ଦାସ, ଅର୍ଦ୍ଧେନ୍ଦୁ ପ୍ରହରାଜ, ଦୀପକ କୁମାର ନାୟକ ପ୍ରମୁଖ ବହୁ ସଦଶ୍ୟ ଯୋଗଦେଇ ସ୍ୱର୍ଗତଃ ବଳା ଜଣେ ଦକ୍ଷ ମାଟି ମନସ୍କ ବ୍ୟକ୍ତିତ୍ୱ ଥିଲେ, ନିଜ ଅଂଚଳର ବିକାଶ ପାଇଁ ସେ ବହୁବିଧ କାର୍ଯ୍ୟ କରିଥିଲେ। ତାଙ୍କର ବିୟୋଗରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ସୃଷ୍ଟି ହୋଇଥିବାର କହିଥିଲେ। ଶୋକସଭା ପ୍ରାରମ୍ଭରେ ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।

# ୩୭୭ ଛୁଇଁଲା ଜିଲ୍ଲାର କରୋନା ସଂକ୍ରମିତଙ୍କ ସଂଖ୍ୟା

## ♦ବାଲେଶ୍ୱରରେ ରାତି ୭ଟା ପର୍ଯ୍ୟନ୍ତ ଦୋକାନ ଖୋଲା
## ♦ରାତି ୯ଟାରୁ ସକାଳ ୫ ପର୍ଯ୍ୟନ୍ତ ରାତ୍ରିକାଳୀନ କର୍ଫ୍ୟୁ

ବାଲେଶ୍ୱର,୨।୭ (ନି.ପ୍ର): ଦିନକୁ ଦିନ ଦେଶରେ ବଢ଼ି ଚାଲିଥିବା କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ସମସ୍ତଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଦେଶର କରୋନା ସଂକ୍ରମିତଙ୍କ ସଂଖ୍ୟା ସାଢ଼େ ୬ଲକ୍ଷ ଟପିଥିବା ବେଳେ ଓଡ଼ିଶାରେ ମଧ୍ୟ ଅନୁରୂପ ଭାବେ ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି। ଆଜି ୨୨୯ଜଣ ନୂଆ ପଜିଟିଭଙ୍କ ସମେତ ରାଜ୍ୟରେ ଏହି ସଂଖ୍ୟା୭୫୪୫ରେ ପହଞ୍ଚିଛି। ତବେ ଆଜି୨ଜଣଙ୍କୁ ମିଶାଇ ରାଜ୍ୟରେ ମୋଟ ୨୭ ଜଣଙ୍କ କରୋନା ରୋଗୀଙ୍କର ମୃତ୍ୟୁ ହୋଇଛି। ସେହିଭଳି ଆଜି୧୪୯ ଜଣଙ୍କ ସମେତ ରାଜ୍ୟରେ ଅଦ୍ୟାବଧି ୫୫୦୨ଜଣ କରୋନା ରୋଗୀ ସୁସ୍ଥ ହୋଇଥିବା ବେଳେ ଏବେ ୨୦୦୮ ଜଣଙ୍କୁ କୋଭିଡ୍ ହସପିଟାଲରେ ରଖି ଚିକିତ୍ସା କରାଯାଉଛି। ସେହିଭଳି ବାଲେଶ୍ୱରରେ ଆଜି ୨୪ଜଣ ନୂଆ ପଜିଟଭ୍ ଚିହ୍ନଟ ପରେ ଜିଲ୍ଲାର ମୋଟ ସଂକ୍ରମିତଙ୍କ ସଂଖ୍ୟା ୩୭୭ରେ ପହଞ୍ଚିଛି। ଆଜି ୨ଜଣଙ୍କୁ ମିଶାଇ ଜିଲ୍ଲାରେ ଅଦ୍ୟାବଧି ମୋଟ ୩୦୬ଜଣ କରୋନା ସଂକ୍ରମିତ ସୁସ୍ଥ ହୋଇଥିବା ବେଳେ ୭୦ ଜଣ ଏକ୍ଟିଭ୍‌ଙ୍କୁ କୋଭିଡ ହସପିଟାଲରେ ଚିକିତ୍ସା କରାଯାଉଛି। ଜୁନ୍ ୧ ତାରିଖରୁ ଦେଶରେ ଲାଗୁ ହୋଇଥିବା ଅନଲକ୍-୧.୦ ଶେଷ ହୋଇ ୧ ତାରିଖରୁ ଅନଲକ୍-୨ର ନିୟମାବଳୀ କେନ୍ଦ୍ର ସରକାରଙ୍କ ପକ୍ଷରୁ ଘୋଷିତ ହୋଇଥିଲେ ବି ରାଜ୍ୟ ସରକାରଙ୍କ ଗତମାସ ଭଳି ଅଧିକ କିଛି କଟକଣା ସହ ଏହି ନିୟମାବଳୀ ଲାଗୁ କରିଛନ୍ତି। ଓଡ଼ିଶାରେ ରାତି ୯ଟାରୁ ସକାଳ ୫ଟା ପର୍ଯ୍ୟନ୍ତ ରାତ୍ରିକାଳୀନ କର୍ଫ୍ୟୁ ସରକାର ଜାରି କରିଥିଲେ ବି ବାଲେଶ୍ୱରରେ ଦୋକାନ ବଜାର ସକାଳ ୫ଟାରୁ ରାତି ୭ଟା ପର୍ଯ୍ୟନ୍ତ ଖୋଲିବା ପାଇଁ ପ୍ରଶାସନ ପକ୍ଷରୁ ଘୋଷଣା କରାଯାଇଛି। ପୂର୍ବଭଳି ବାଲେଶ୍ୱର ସମେତ ୧୦ ଗୋଟି ସଂକ୍ରମଣ ପ୍ରବଣ ଜିଲ୍ଲାରେ ସାପ୍ତାହଅନ୍ତ ୨ ଦିନିଆ ସଟଡାଉନ ବଳବତ୍ତର ରଖିବାକୁ ରାଜ୍ୟ ସରକାର ଘୋଷଣା କରିଛନ୍ତି।

## ପ୍ରଥମ ବିଜେପି ବିଧାୟକ ପ୍ରାର୍ଥୀଙ୍କ ପରଲୋକ



ନୀଳଗିରି ,୨।୭ (ନି.ପ୍ର): ନୀଳଗିରି ନିର୍ବାଚନ ମଣ୍ଡଳୀର ପ୍ରଥମ ବିଜେପି ଟିକେଟ ପାଇ ବିଧାୟକ ପ୍ରାର୍ଥୀ ଭାବେ ପ୍ରତି ଦ୍ୱନ୍ଦିତା କରୁଥିବା ଲକ୍ଷ୍ମୀଧର ସ୍ୱାଇଁ(୭୫)ଙ୍କ ପରଲୋକ ଘଟିଛି । ଏହି ଖବର ପ୍ରଚାରିତ ହେବା କ୍ଷଣି ତାଙ୍କ ବାସଭବନରେ ରାଜନେତା ,ସାଧାରଣ ଜନତା ବୁଦ୍ଧିଜୀବି , ବରିଷ୍ଠ ନାଗରିକ, ଗଣମାଧ୍ୟମ ପ୍ରତିନିଧି ପହଂଚି ତାଙ୍କ ଶେଷ ଦର୍ଶନ କରିଥିଲେ। ସେ ୧୯୯୫ ରେ ଚାକିରି ଛାଡି ବିଜେପିରେ ଯୋଗ ଦେଇଥିଲେ। ୧୯୯୫ ମସିହାରେ ପ୍ରଥମେ ନୀଳଗିରି ନିର୍ବାଚନ ମଣ୍ଡଳୀରେ ବିଜେପି ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦିତା କରିଥିଲେ। ସେ ଏମଏ ପାଶ ପରେ ଭୁବନେଶ୍ୱର ସ୍ଥିତ ସଚୀବାଳୟରେ ଚାକିରି କରିଥିଲେ। ନୀଳଗିରି ଅଂଚଳରେ ବିଭିନ୍ନ ସମାଜସେବା କ୍ଷେତ୍ରରେ ତାଙ୍କର ଅବଦାନ ଅତୁଳନୀୟ ,୧୯୮୪ ମସିହାରେ ସେ ବିମ୍ବୁରିଆରେ ସ୍ଥାନୀୟ ଅଂଚଳର ଯୁବକ ମାନଙ୍କୁ ନେଇ ଏକ ହାଇସ୍କୁଲ ପ୍ରତିଷ୍ଠା କରିଥିଲେ । ନୀଳଗିରି ଏନଏସି ଅଧିନ ୧୨ ନଂ ୱାର୍ଡ ରାଇଗାଁ ପୁହୁଣୀ ଅଂଚଳରେ ତାଙ୍କ ଘର । ତାଙ୍କ ମୃତ୍ୟୁରେ ଅଂଚଳରେ ଗଭୀର ଶୋକ ପ୍ରକାଶ କରିଛି।

# ଏସ୍.ଏଚ୍.ଜି. ସମ୍ପାଦିକାଙ୍କ କଳାକାରନାମା

## ମୃତ ମହିଳାଙ୍କ ନାଁରେ ବ୍ୟାଙ୍କରୁ ଲକ୍ଷାଧିକ ଟଙ୍କାର ଋଣ ଉଠାଣ

ପାରାଦୀପ,୨।୭ (ନି.ପ୍ର): ପାରାଦୀପରେ ଥିବା ଏକ ଏସ୍.ଏଚ୍.ଜି. (ସ୍ୱୟଂ ସହାୟିକା ଗୋଷ୍ଠି) ର ସମ୍ପାଦିକାଙ୍କ କେଳଙ୍କାରୀ ପଦାକୁ ଆସିଛି। ଗୃପରେ ମେମ୍ବର ଥିବା ଜଣେ ମହିଳା ଦିର୍ଘ ଏକବର୍ଷ ହେଲା ମୃତ୍ୟୁବରଣ କରିଥିବାବେଳେ ଅନ୍ୟ ଦୁଇଜଣ ମହିଳା ପ୍ରାୟ ଦୁଇବର୍ଷରୁ ଉର୍ଦ୍ଧ୍ୱ ହେବ ଘରଦ୍ୱାର ବିକ୍ରିକରି ପାରାଦୀପରୁ ପଳାଇ ଯାଇଥିଲେ ସୁଧା ସେମାନଙ୍କ ନାଁରେ ଜାଲ୍ ଦସ୍ତଖତ କରି ବ୍ୟାଙ୍କରୁ ଟଙ୍କା ଉଠାଇଥିବାର ଜାଣିବାକୁ ମିଳିଛି। ତେବେ ବ୍ୟାଙ୍କ ଅଧିକାରୀ କିପରି ଏଭଳି ଜାଲିଆତି ସଂପର୍କରେ ଜଣିପାରିଲେ ନାହିଁ ତାହା ଚର୍ଚ୍ଚା ଜୋର ଧରିବାସହ ଏଥିରେ ଜଣେ ଅସାମାଜିକ କୁଜିନେତାଙ୍କର ସଂପୃକ୍ତି ଥିବା କଥା ମଧ୍ୟ ପଦାକୁ ଆସିଛି। ପାରାଦୀପ ପୌରପାଳିକା ଅଧିନର ୮ ନମ୍ବର ୱାଡ୍ ବୃନ୍ଦାବନ କଲୋନୀରେ ଥିବା ଏକ ନିର୍ଦ୍ଦିଷ୍ଟ ସ୍ୱୟଂ ସହାୟିକା ଗୋଷ୍ଠିର ଜାଲିଆତି ପଦାକୁ ଆସିଛି। ଜଣେ ମୃତ ସଦସ୍ୟା ଓ ପାରାଦୀପରେ ରହୁନଥିବା ଦୁଇଜଣ ମହିଳାଙ୍କୁ ସଦସ୍ୟା ଭାବେ ଦର୍ଶାଇ ତାଙ୍କ ନାଁରେ ଜାଲିଆତିକରି ଗୃପ୍ର ସମ୍ପାଦିକା ବ୍ୟାଙ୍କରୁ ଲକ୍ଷାଧିକ ଟଙ୍କା ଋଣ ଆଣି ଆତ୍ମସାତ୍ କରିଥିବାର ଅଭିଯୋଗ ଉଠିଛି। ଏପରିକି ଗୃପ୍‌ରେ ସଦସ୍ୟା ଥିବା ଅନ୍ୟଜଣେ ମହିଳା ଅଲଗା ଏକ ଗୃପରେ ମେମ୍ବର ଥାଇ ଅନ୍ୟ ବ୍ୟାଙ୍କରୁ ଋଣ ଆଣିଥିବାର ମଧ୍ୟ ଖବର ମିଳୁଛି। ତେବେ ବର୍ଷକତଳେ ମୃତ୍ୟୁବରଣ କରିଥିବା ଜଣେ ମହିଳା ଏବଂ ଦୁଇବର୍ଷ ପୁର୍ବରୁ ନିଜର ଘରଦ୍ୱାର ବକ୍ରି କରି ପାରାଦୀପରୁ ପଳାଇଯାଇଥିବା ଦୁଇଜଣ ମହିଳାଙ୍କ ନାଁକୁ ଗୃପ୍ର ମେମ୍ବର ଭାବେ ଦର୍ଶାଇ କିଭଳି ଋଣ ନିଆଯାଇଛି ତାହା ଆଶ୍ଚର୍ଯ୍ୟର ବିଷୟ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଗୃପ୍ର ସମ୍ପାଦିକା ଓ ଜଣେ ସଦସ୍ୟା ଜଣେ ପୁର୍ବତନ ପାରିଷଦଙ୍କର ସଂପର୍କିୟା ବୋଲି ଶୁଣିବାକୁ ମିଳୁଛି। ଏନେଇ ସମ୍ପାଦିକା ଜଣକ ଅନେକ ସମୟରେ ସରକାରୀ ଦପ୍ତରରେ ନିଜର ଆଧିପତ୍ୟ ଦେଖାଇ ବିଭିନ୍ନ କାର୍ଯ୍ୟ ହାସଲ କରିଥାନ୍ତି। ହେଲେ ଏହି ଘଟଣାରେ ଅନ୍ୟ ଦଳର ଜଣେ କୁଜିନେତାଙ୍କର ସଂପୃକ୍ତି ଥିବାର ମଧ୍ୟ ଚର୍ଚ୍ଚା ହେଉଛି। ଆର୍ଥିକ ଅନଗ୍ରସର ମହିଳା ମାନଙ୍କୁ ସ୍ୱାବଲମ୍ବି କରିବା ଏବଂ ସେମାନଙ୍କର ଆର୍ଥିକ ମାନଦଣ୍ଡ ବୃଦ୍ଧି କରିବାପାଇଁ ସରକାର ବିଭିନ୍ନ ଯୋଜନାରେ ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି। ହେଲେ ଏହିଭଳି କିଛି ନେତାଙ୍କ କଳା କାରନାମା ଯୋଗୁ ଗରିବ ମହିଳାମାନେ ସରକାରୀ ସହାୟତାରୁ ବଂଚିତ ହେବାସହ ତେଲିଆ ମୁଣ୍ଡରେ ତେଲ ନ୍ୟାୟରେ ସରକାରୀ କାର୍ଯ୍ୟ ଚାଲୁଥିବାର ଜଣା ପଡୁଛି। ତେଣୁ ବ୍ୟାଙ୍କ୍ କର୍ତୃପକ୍ଷ ସମସ୍ତ ତଥ୍ୟର ତଦନ୍ତକରି ଜାଲିଆତିରେ ସଂପୃକ୍ତ ସମ୍ପାଦିକାଙ୍କ ବିରୁଦ୍ଧରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭିନ୍ନ ମହଲରେ ଦାବି ଉଠିଛି।

# ପ୍ରତିବନ୍ଧକ ହଟାଇବା ଯୋଗୁଁ ସୁଗମ ହେଲା କରୋନା ପରୀକ୍ଷଣ

ନୂଆଦିଲ୍ଲୀ,୨।୭ (ନି.ପ୍ର): ଦେଶରେ ଖୁବ ଶୀଘ୍ର କୋଭିଡ ନମୁନା ପରୀକ୍ଷା ସଂଖ୍ୟା ଏକ କୋଟି ଛୁଇଁବ । ସରକାର ଏଦିଗରେ କେତେଗୁଡିଏ ପ୍ରତିବନ୍ଧକ ହଟାଇଥିବାରୁ ଏହା ସମ୍ଭବ ହେଉଛି । କେନ୍ଦ୍ର ସରକାରଙ୍କ ଦ୍ୱାରା କେତେଗୁଡିଏ ପଦକ୍ଷେପ ନିଆଯିବା ଯୋଗୁଁ ନମୁନା ପରୀକ୍ଷଣର ହାର ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଏପର୍ଯ୍ୟନ୍ତ ୯୦,୫୬,୧୭୩ ପରୀକ୍ଷା କରାଯାଇଥିବା ବେଳେ କ୍ରମବର୍ଦ୍ଧିଷ୍ଣୁ ପରୀକ୍ଷାଗାର ଏଥିରେ ସହାୟକ ହୋଇଛନ୍ତି । ଦେଶରେ ଅଦ୍ୟାବଧି ୭୬୮ଟି ସରକାରୀ ଓ ୨୯୭ଟି ଘରୋଇ ଏହିପରି ମୋଟ ୧୦୬୫ ଟି ପରୀକ୍ଷାଗାର ରହିଛି । ଦିନ ପିଛା ନମୁନା ପରୀକ୍ଷା ସଂଖ୍ୟା ବୃଦ୍ଧି ପାଉଥିବା ବେଳେ କେବଳ ଗତକାଲି ୨,୨୯,୫୨୮ ଜଣ ବ୍ୟକ୍ତିଙ୍କ ନମୁନା ପରୀକ୍ଷା କରାଯାଇଛି । ସରକାରଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ଘୋଷଣା କ୍ରମେ ବର୍ତମାନ ଜଣେ ପଞ୍ଜୀକୃତ ଘରୋଇ ଡାକ୍ତର ମଧ ନମୁନା ପରୀକ୍ଷା ପାଇଁ ସୁପାରିଶ କରିପାରିବେ । କେନ୍ଦ୍ର ସରକାର ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡିକୁ ଯଥାଶୀଘ୍ର ନମୁନା ପରୀକ୍ଷଣ ସଂଖ୍ୟା ବଢାଇବା ସହ ଘରୋଇ ସମେତ ସମସ୍ତ ଯୋଗ୍ୟ ଡାକ୍ତରମାନଙ୍କୁ ଆଇସିଏମଆର ମାର୍ଗଦର୍ଶିକା ଅନୁଯାୟୀ ନମୁନା ପରୀକ୍ଷା ପାଇଁ ବ୍ୟବସ୍ଥା ପତ୍ର ବା ଔଷଧ ଚିଠା ଲେଖିବା ପାଇଁ ଅନୁମତି ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଶୀଘ୍ର ରୋଗ ନିରୂପଣ ଓ ସଂକ୍ରମଣ ରୋକିବା ପାଇଁ ‘ଟେଷ୍ଟ-ଟ୍ରେସ-ଟ୍ରିଟ’ ପଦ୍ଧତି ଅବଲମ୍ବନ ହୋଇଥିବାରୁ କେନ୍ଦ୍ର ସରକାର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳ ପ୍ରଶାସନଗୁଡିକୁ ପରୀକ୍ଷଣ କେନ୍ଦ୍ରଗୁଡ଼ିକର ସଂପୂର୍ଣ୍ଣ ଉପଯୋଗ ପାଇଁ ପରାମର୍ଶ ଦେଇଛନ୍ତି । ଏହା ହେଲେ ଜନସାଧାରଣ ବିଶେଷ ଭାବେ ଉପକୃତ ହୋଇପାରିବେ । ଏକ ବିଶେଷ ପଦକ୍ଷେପ ସ୍ୱରୂପ ଆଇସିଏମଆର ବିଭିନ୍ନ ପରୀକ୍ଷାଗାରଗୁଡିକ ଯେକୌଣସି ବ୍ୟକ୍ତିର ପରୀକ୍ଷା କରିପାରିବେ ଓ ରାଜ୍ୟ ସରକାର ଏଥିପାଇଁ କୌଣସି ପ୍ରତିବନ୍ଧକ ହେବେ ନାହିଁ । ସଅଳ ପରୀକ୍ଷା ଭୂତାଣୁ ସଂକ୍ରମଣ ରୋକିବା ସହ ବହୁତ ମୂଲ୍ୟବାନ ଜୀବନ ବଂଚାଇପାରିବ । କେନ୍ଦ୍ର ସରକାର ରାଜ୍ୟଗୁଡିକୁ ଆରଟିପିସିଆର ପରୀକ୍ଷାର ବହୁଳ ଉପଯୋଗ ପାଇଁ ପରାମର୍ଶ ଦେଇଛନ୍ତି । ରାପିଡ୍ ଆଣ୍ଟିଜେନ ପରୀକ୍ଷା ସହଜ, ଶୀଘ୍ର ଓ ନିରାପଦ ଏବଂ ଏହା ଆବଧାଞ୍ଚଳ ସମେତ ହସ୍ପିଟାଲଗୁଡିକରେ ମଧ ଆଇସିଏମଆର ନିର୍ଦ୍ଦେଶାବଳୀ ଅନୁସାରେ ମଧ କରାଯାଇପାରିବ । କେନ୍ଦ୍ର ସରକାର ନମୁନା ପରିକ୍ଷାକୁ ଏକ ଅଭିଯାନ ଭାବେ ଗ୍ରହଣ କରି ବିଭିନ୍ନ ଶିବିରର ଆୟୋଜନ ଓ ଭ୍ରାମ୍ୟମାଣ ବାହାନ ଜରିଆରେ ଏହା କରିବାକୁ ପରାମର୍ଶ ଦେଇଛନ୍ତି । ଏହା ଲୋକମାନଙ୍କ ନିକଟରେ ପହଂଚି ପରୀକ୍ଷା କରାଇବା ସହ ସଂକ୍ରମଣ ରୋକିବାରେ ବିଶେଷ ସହାୟକ ହୋଇପାରିବ ।

# ପାରାଦ୍ୱୀପ ଟ୍ରାଫିକ୍ ନିୟନ୍ତ୍ରଣରେ ସହଯୋଗ କରିବେ ୨୬ ସ୍ୱେଚ୍ଛାସେବୀ

## ସହାୟତାର ହାତ ବଢାଇଲା ପାରାଦ୍ୱୀପ ବନ୍ଦର

ପାରାଦ୍ୱୀପ ,୨।୭ (ନି.ପ୍ର): ପାରାଦ୍ୱୀପ ବନ୍ଦରକୁ ପ୍ରତିଦିନ ହଜାର ହଜାର ଟ୍ରକ ପଣ୍ୟ ବୋଝେଇ ଓ ଖଲାସ କରିବାକୁ ଆସୁଛନ୍ତି । ଯହାଦ୍ୱାରା ଟ୍ରଫିକ ସମସ୍ୟା ଅନେକ ଥର ଘଟୁଛି । ଦୁର୍ଘଟଣାରେ ବହୁ ମୁଲ୍ୟବାନ ଜୀବନ ଅକାଳରେ ଲିଭିଯାଉଛି । ପାରାଦ୍ୱୀପ ବନ୍ଦରକୁ ନେଇ ଅନେକ ଛୋଟବଡ ଶିଳ୍ପ ସଂସ୍ଥା ମଧ ଗଢିଉଠିଛି । ସେହି ଅନୁପାତରେ ଏଠାରେ ଲୋକସଂଖ୍ୟା ଓ ଗାଡିମଟର ସଂଖ୍ୟା ମଧ ବଢିଛି । ଏହାକୁ ନେଇ ଅନେକ ଛୋଟବଡ ଦୁର୍ଘଟଣା ମଧ ଘଟିଛି । ଟ୍ରାଫିକ ନିୟନ୍ତ୍ରଣରେ ବହୁ ସମସ୍ୟା ମଧ ଦେଖାଦେଉଛି । ମଙ୍ଗଳବାର ଦିନ ଟ୍ରାଫିକ ନିୟନ୍ତ୍ରଣରେ ପୋଲିସକୁ ସହଯୋଗ କରିବା ପାଇଁ ୨୬ଜଣ ସ୍ୱେଚ୍ଛାସେବୀଙ୍କୁ ନିୟୋଜନ କରାଯାଇଛି । ଏହି ଅବସରରେ ପାରାଦ୍ୱୀପ ଗୋପବନ୍ଧୁ ଷ୍ଟାଡିୟମରେ ଏକ ନିରାଡମ୍ବର ସମାରୋହ ଆୟୋଜିତ ହୋଇଥିଲା । ପାରାଦ୍ୱୀପ ବନ୍ଦର ଅଧକ୍ଷ ରିଙ୍କେଶ ରଏ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପ୍ରକାଶ ରଙ୍ଗରାଜନ, ପାରାଦ୍ୱୀପ ଏଏସ୍‌ପି ବିଷ୍ଣୁ ଚରଣ ମିଶ୍ର, ଜଗତସିଂହପୁର ଏଏସ୍‌ପି ବିଶ୍ୱନାଥ ମିଶ୍ର, ପାରାଦ୍ୱୀପ ଏଡିଏମ୍ କାହ୍ନୁ ଚରଣ ଧିର ପ୍ରମୁଖ ଏହି ଉତ୍ସବରେ ଯୋଗଦେଇଥିଲେ । ପାରାଦ୍ୱୀପ ଅଞ୍ଚଳର ଜନକଲ୍ୟାଣ ଟ୍ରଷ୍ଟର ୨୬ଜଣ ସ୍ୱେଚ୍ଛାସେବୀଙ୍କୁ ବନ୍ଦର ଅଧକ୍ଷ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପରିଚୟ ପତ୍ର ପ୍ରଦାନ କରିଥିଲେ । ପାରାଦ୍ୱୀପ ବନ୍ଦର କର୍ତ୍ତୃପକ୍ଷ ଏହି ସ୍ୱେଚ୍ଛାସେବୀ ମାନଙ୍କୁ ସହାୟତା ଯୋଗାଇଦେବେ । ପାରାଦ୍ୱୀପ ବନ୍ଦର କର୍ତ୍ତୃପକ୍ଷ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) ପାଣ୍ଠିରୁ ଏହି ମହତକାର୍ଯ୍ୟରେ ସହଯୋଗ କରିଥିବାରୁ ଆରକ୍ଷୀ ଅଧିକ୍ଷକ ବନ୍ଦର ଅଧକ୍ଷକଙ୍କୁ ଧନ୍ୟବାଦ ଜଣାଇଥିଲେ । ଏହି ଅବସରରେ ପାରାଦ୍ୱୀପ ବନ୍ଦର ଦ୍ୱାରା ଏକ ଓଭର ବ୍ରିଜ୍ ନିର୍ମାଣ ହେବ ବୋଲି ଆରକ୍ଷୀ ଅଧିକ୍ଷକ କହିଥିବା ବେଳେ ପାରାଦ୍ୱୀପରେ ଟ୍ରାଫିକ୍ ଥାନା ପ୍ରତିଷ୍ଠା ନିମନ୍ତେ ପ୍ରସ୍ତାବ ଥିବା କହିଥିଲେ । ଏହି କାର୍ଯ୍ୟକ୍ରମକୁ ପାରାଦ୍ୱୀପ ଆଦର୍ଶ ଥାନା ଅଧିକାରୀ ରଜନୀ କାନ୍ତ ସାମଲ ପରିଚାଳନା କରିଥିବା ବେଳେ ଅନ୍ୟମାନେ ଏଥିରେ ସହଯୋଗ କରିଥିଲେ ।

# ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା ଗରିବ ଓଡିଆଙ୍କ ପାଇଁ ସଂଜିବନୀ: ସମୀର ମହାନ୍ତି

ଭୁବନେଶ୍ୱର ,୨।୭ (ନି.ପ୍ର): ଗରିବ, କୃଷକ ଏବଂ ଶ୍ରମିକ ସମେତ ଦେଶର ୮୦ କୋଟିରୁ ଉର୍ଦ୍ଧ୍ୱ ଲୋକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାକୁ ୫ ମାସ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି । ଏହି ଯୋଜନା ଅନୁଯାୟୀ ପରିବାରର ପ୍ରତ୍ୟେକ ସଦସ୍ୟଙ୍କୁ ମାସିକ ମୁଣ୍ଡ ପିଛା ୫ କେଜି ଚାଉଳ କିମ୍ବା ଗହମ ଏ ପ୍ରତି ପରିବାରକୁ ୧ କିଲୋ ଡାଲି ଆଗାମୀ ୫ ମାସ ପର୍ଯ୍ୟନ୍ତ ଯୋଗାଇ ଦିଆଯିବ । ଏଥି ପାଇଁ ୯୦ ହଜାର କୋଟି ବ୍ୟୟ ବରାଦ କରାଯାଇଛି । ଏହା ଦ୍ୱାରା ଓଡିଶାର ଜନତା ଅଧିକ ଉପକୃତ ହେବେ । ଓଡିଶାରେ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ୯୨ ଲକ୍ଷ ୯୮ ହଜାର ୫ ଶହ ୮୨ ପରିବାରର ୩ କୋଟି ୨୪ ଲକ୍ଷ ୭୩ ହଜାର ୩ଶହ ୭୦ ଜଣ ହିତାଧିକାରୀ ଏହାର ଲାଭ ଉଠାଇ ପାରିବେ । କରୋନା ଭଳି ଘଡିସନ୍ଧି ମୁହୁର୍ତରେ ଗରିବ ଲୋକମାନେ କଷ୍ଟରେ ଥିବାବେଳେ ପ୍ରଧାନମନ୍ତ୍ରୀଙ୍କ ଗରିବକଲ୍ୟାଣ ଯୋଜନା ସଂଜିବନୀ ସଦୃଶ୍ୟ । ପ୍ରଧାନମନ୍ତ୍ରୀଙ୍କ ଏଭଳି ଏକ ମହତ ପଦକ୍ଷେପ ପାଇଁ ପ୍ରଧାନମନ୍ତ୍ରୀଙ୍କୁ ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି ଧନ୍ୟବାଦ ଜଣାଇବା ସହ କୃତଜ୍ଞତା ଜ୍ଞାପନ କରିଛନ୍ତି । ଶ୍ରୀ ମହାନ୍ତି କହିଛନ୍ତି ଯେ, ଜନଧନ ଯୋଜନାରେ ୧୬,୦୭,୭୭୫ ହିତାଧିକାରୀଙ୍କ ବ୍ୟାଙ୍କ ଖାତାରେ ୬,୩୨୬.୮୮ କୋଟି ଟଙ୍କା ଡିପୋଜିଟ କରାଯାଇଛି ଓ ୧୨,୯୫.୯୦୯ ରୁପେ କାର୍ଡ ଇସ୍ୟୁ କରାଯାଇଛି । ଗତ ୩ ମାସ ଭିତରେ ପାଖାପାଖି ୨୦ ଲକ୍ଷ ପ୍ରବାସୀ ଶ୍ରମିକ ରାଜ୍ୟକୁ ଫେରିଛନ୍ତି । ସେମାନଙ୍କୁ ରୋଜଗାର ଯୋଗାଇଦେବା ପାଇଁ ଗରିବ କଲ୍ୟାଣ ରୋଜଗାର ଅଭିଯାନ ଆରମ୍ଭ କରାଯାଇଛି । ସେମାନଙ୍କୁ ନିଜ ଗ୍ରାମରେ ଭିନ୍ନ ଭିନ୍ନ ୨୫ ଟି କାମରେ ରୋଜଗାର ଯୋଗାଇ ଦିଆଯିବ । ଏହା ଦ୍ୱାରା ଓଡିଶା ଭଳି ରାଜ୍ୟରେ ଥିବା ଲକ୍ଷାଧିକ ପ୍ରବାସୀ ଶ୍ରମିକ ଏହାର ଲାଭ ଉଠାଇ ପାରିବେ । ପ୍ରଧାନମନ୍ତ୍ରୀ ଜୀବନ ଏବଂ ଜୀବିକାକୁ ଗୁରୁତ୍ୱ ଦେଇ ଚାଲିଛନ୍ତି । ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ଓଡିଶାରେ ବସବାସ କରୁଥିବା ଗରିବ ଖଟଖିଆ ଲୋକଙ୍କୁ ନଭେମ୍ବର ମାସ ପର୍ଯ୍ୟନ୍ତ ଖାଦ୍ୟ ମିଳିବ । କେହି ବି ଯେପରି ଭୋକରେ ନରହିବେ ତାହା ପ୍ରଧାନମନ୍ତ୍ରୀଙ୍କ ପ୍ରାଥମିକତା । ଗୋଟିଏ ଦେଶ, ଗୋଟିଏ ରାସନ କାର୍ଡର ବ୍ୟବସ୍ଥା ଏବଂ ଗରିବ କଲ୍ୟାଣ ଅନ୍ନ ଯୋଜନାର ସଂପ୍ରସାରଣ ଗରିବ କଲ୍ୟାଣ ପ୍ରତି ମୋଦି ସରକାରଙ୍କ ସମର୍ପଣ ଭାବନାକୁ ଦର୍ଶାଉଛି । ଦେଶର କୃଷକ ଓ କରଦାତାଙ୍କ ନିଷ୍ଠା ଏବଂ କଠିନ ପରିଶ୍ରମ ଯୋଗୁଁ ଭାରତ ଗରିବ ତଥା ସମାଜର ସବୁ ସ୍ତରର ଲୋକଙ୍କୁ ସାହାଯ୍ୟ ଓ ସଶକ୍ତିକରଣ କରିବାର ପ୍ରୟାସକୁ ସଫଳତାର ସହ ଆୟୋଜନ କରାଯାଇଛି । ଲୋକାଲ ପାଇଁ ଭୋକାଲ ହୋଇ ଆମେ ଆତ୍ମନିର୍ଭର ଭାରତ ପାଇଁ ସଂକଳ୍ପ କରିବା ଏବଂ ଆଗକୁ ବଢିବା ପାଇଁ ଶ୍ରୀ ମହାନ୍ତି କହିଛନ୍ତି । ରାଜ୍ୟ ସରକାର ଲୋକମାନଙ୍କୁ କିପରି ସୁଚାରୁରୂପେ ଡାଲି ଯୋଗାଇ ଦେବେ ସେନେଇ ବ୍ୟବସ୍ଥା କରିବାକୁ ଶ୍ରୀ ମହାନ୍ତି ନିବେଦନ କରିଛନ୍ତି । ଏହି ଅବସରରେ ରାଜ୍ୟ ସାଧାରଣ ସଂପାଦକ ଶ୍ରୀ ଗୋଲକ ମହାପାତ୍ର ଏବଂ ରାଜ୍ୟ ମୁଖପାତ୍ର ଶ୍ରୀ ସୁଦୀପ୍ତ ରାୟ ପ୍ରମୁଖ ଉପସ୍ଥିତ ଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

## ସୁବର୍ଣ୍ଣ ବେଶରେ...

ଦ୍ୱାଦଶୀ ତିଥିରେ ସୁନାବେଶ ଅନୁଷ୍ଠିତ ହୋଇଛି । ଏହି ଉପଲକ୍ଷେ ମଧ୍ୟାହ୍ନ ଧୂପ ପରେ ରତ୍ନଭଣ୍ଡାରରୁ ସେବାୟତ ମାନେ ସ୍ୱର୍ଣ୍ଣ ଅଳଙ୍କାର ସବୁ ରଥ ଉପରେ ଆଣି ରଖିଥିଲେ । ଚତୁର୍ଦ୍ଧାମୂର୍ତିଙ୍କୁ ପାଟବସ୍ତ୍ରରେ ସଜ୍ଜିତ କରାଯିବା ପରେ ସ୍ୱର୍ଣ୍ଣ ଅଳଙ୍କାର ଲାଗି ହୋଇଥିଲା । ସକାଳ ସାଢ଼େ ୬ଟାରେ ରଥ ଉପରେ ମଙ୍ଗଳ ଆଳତି, ମଇଲମ, ତଡ଼ପଲାଗି, ଅବକାଶ, ବେଶ ଶେଷ ପରେ ସକାଳ ୯ଟା ୨୦ ରେ ଗୋପାଳ ବଲ୍ଲଭ ନୀତି ଅନୁଷ୍ଠିତ ହୋଇଥିଲା । ମଧ୍ୟାହ୍ନ ଧୂପ ପରେ ମାଜିଷ୍ଟ୍ରେଟ ଓ ପୋଲିସଙ୍କ ଉପସ୍ଥିତିରେ ପାଳିଆ ସେବକ, ଖୁଂଟିଆ ମେକାପ, ମନ୍ଦିର ଅଧିକାରୀ, ଶ୍ରୀମନ୍ଦିର ଗାରଦ କର୍ମଚାରୀ ରତ୍ନ ଭଣ୍ଡାରରୁ ସୁବର୍ଣ୍ଣ ଅଳଙ୍କାର ମାନ ଆଣି ରଥ ଉପରେ ରଖିଥିଲେ । ପାଳିଆ ପୁଷ୍ପାଳକ, ଦଇତାପତି, ତଳୁଛ, ଭିତରୁଛ ସେବାୟତ ମାନେ ପାଟ ବସ୍ତ୍ର ଓ ସୁବର୍ଣ୍ଣ ଅଳଙ୍କାରରେ ତିନିଠାକୁର ଶ୍ରୀଜଗନ୍ନାଥ, ଶ୍ରୀ ବଳଭଦ୍ର ଓ ମା ସୁଭଦ୍ରାଙ୍କୁ ସଜାଇ ଥିଲେ । ସମ୍ପୂର୍ଣ୍ଣ ଅଳଙ୍କାର ସଜାଇବା ପରେ ରଥାରୁଢ଼ ଠାକୁର ମାନେ ଭକ୍ତଙ୍କୁ ଅପୂର୍ବ ଦିବ୍ୟ ଦର୍ଶନ ଦେଇଥିଲେ । ଅପରାହ୍ନ ୪ଟାରୁ ରାତି ୧୧ ଟା ପର୍ଯ୍ୟନ୍ତ ସୁବର୍ଣ୍ଣ ବେଶରେ ଶ୍ରୀଜୀଉମାନେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି । ରାତି ୧୧ଟା ପରେ ସ୍ୱର୍ଣ୍ଣ ବେଶ ଓଲାଗି (କଢ଼ାଯିବ) କରାଯିବ । ରଥ ଚାରିପାଖରେ ବ୍ୟାପକ ପୋଲିସ ମୁତୟନ ସହିତ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ରହି ସୁରକ୍ଷା ବ୍ୟବସ୍ଥାର ତଦାରଖ କରୁଛନ୍ତି ।

## ଭୂମିହୀନ ଚାଷୀମାନଙ୍କୁ ...

ଏହି ଋଣ ସାଧାରଣ କୃଷି ଋଣ ଆକାରରେ ଦିଆଯିବ । ଏହାର ସୁଧ ହାର ଏବଂ ସୁଧ ରିହାତି ଆଦି ରାଜ୍ୟ ସରକାରଙ୍କ କୃଷି ଋଣ ନିୟମ ଅନୁଯାୟୀ ହେବ । ନାବାର୍ଡର ଓଡ଼ିଶା ମୁଖ୍ୟ ମହା ପ୍ରବନ୍ଧକ ଶ୍ରୀ ,ଚନ୍ଦ୍ର ଶେଖର କହିଛନ୍ତି ଯେ ‘ରାଜ୍ୟ ସରକାରଙ୍କ ଏହି ଯୋଜନା ଏକ ଅଭିନବ ପ୍ରୟାସ । ଅନ୍ୟ କୌଣସି ରାଜ୍ୟରେ ଏହା କାର୍ଯ୍ୟକାରୀ ହୋଇନାହିଁ । ଏହି ଯୋଜନା ସଫଳ ହେଲେ ସମଗ୍ର ଦେଶ ପାଇଁ ଏକ ମଡେଲ୍ ହେବ । ଉନ୍ନୟନ କମିଶନର ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ର, କୃଷି ଓ କୃଷକ ସଶକ୍ତିକରଣ ପ୍ରମୁଖ ଶାସନ ସଚିବ ଶ୍ରୀ ସୌରଭ ଗର୍ଗ, ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ଅଶୋକ ମୀନା, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ପ୍ରମୁଖ ଶାସନ ସଚିବ ଶ୍ରୀ ବୀର ବିକ୍ରମ୍ ଯାଦବ, ନାବାର୍ଡାର ମୁଖ୍ୟ ପରିଚାଳନା ପ୍ରବନ୍ଧକ ଶ୍ରୀ ଚନ୍ଦ୍ର ଶେଖରଙ୍କ ସମେତ ରାଜ୍ୟ ସମବାୟ ବ୍ୟାଙ୍କ୍, ରାଜ୍ୟସ୍ତରୀୟ ବ୍ୟାଙ୍କ୍ ସମନ୍ୱୟ କମିଟି ଏବଂ ସଂପୃକ୍ତ ବିଭାଗର ବରିଷ୍ଠ ଅଧିକାରୀମାନେ ବୈଠକର ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ପ୍ରଧାନମନ୍ତ୍ରୀ ଓ ରୁଷ ...

ସମ୍ଭାବ୍ୟ ଆହ୍ୱାନର ମିଳିମିଶି ମୁକାବିଲା କରିବା ଲାଗି ଭାରତ ଓ ରୁଷ ମଧ୍ୟରେ ଥିବା ନିବିଡ଼ ସମ୍ପର୍କର ମହତ୍ୱ ବିଷୟରେ ସହମତି ବ୍ୟକ୍ତ କରିଥିଲେ। ଦୁଇ ନେତା ଦ୍ୱିପାକ୍ଷିକ ସମ୍ପର୍କ ପରାମର୍ଶକୁ ତ୍ୱରାନ୍ୱିତ କରିବା ଲାଗି ସହମତ ହୋଇଥିଲେ, ଯାହାଦ୍ୱାରା ଚଳିତ ବର୍ଷ ଶେଷରେ ଭାରତରେ ହେବାକୁ ଥିବା ବାର୍ଷିକ ଦ୍ୱିପାକ୍ଷିକ ଶିଖର ସମ୍ମିଳନୀ ଆୟୋଜନ କରାଯାଇପାରିବ। ପ୍ରଧାନମନ୍ତ୍ରୀ ଦ୍ୱିପାକ୍ଷିକ ଶିଖର ସମ୍ମିଳନୀ ଲାଗି ଭାରତରେ ପୁଟିନଙ୍କୁ ସ୍ୱାଗତ କରିବା ଲାଗି ନିଜର ଉତ୍ସୁକତା ବ୍ୟକ୍ତ କରିଥିଲେ। ରାଷ୍ଟ୍ରପତି ପୁଟିନ ଫୋନ କଲ ଲାଗି ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ ଏବଂ ଦୁଇ ଦେଶ ମଧ୍ୟରେ ସ୍ୱତନ୍ତ୍ର ଏବଂ ବିଶେଷାଧିକାର ପ୍ରାପ୍ତ ସାମରିକ ସହଭାଗିତାକୁ ଆହୁରି ସୁଦୃଢ଼ କରିବା ନିମନ୍ତେ ପ୍ରତିବଦ୍ଧତାକୁ ଦୋହରାଇଥିଲେ।

## ଆଉ ୨୨୯ କରୋନା ...

ଯାଜପୁର ଜିଲ୍ଲାରେ ୨୨ ଜଣ, ଝାରସୁଗୁଡା ଜିଲ୍ଲାରେ ୧୦ ଜଣ, କେନ୍ଦୁଝର ଜିଲ୍ଲାରେ ଜଣେ , ଖୋର୍ଦ୍ଧା ଜିଲ୍ଲାରେ ୨୧ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେହିପରି କୋରାପୁଟ ଜିଲ୍ଲାରେ ଜଣେ, ମୟୁରଭଂଜ ଜିଲ୍ଲାରେ ୨ ଜଣ, ନୟାଗଡ ଜିଲ୍ଲାରେ ୫ ଜଣ, ପୁରୀ ଜିଲ୍ଲାରେ ୪ ଜଣ ଓ ସୁନ୍ଦରଗଡ ଜିଲ୍ଲାରେ ୧୭ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଗତକାଲି ମଧ୍ୟରାତ୍ରି ସୁଦ୍ଧା ଓଡ଼ିଶାରେ ୨,୭୪,୬୭୨ ଟି ନମୁନା କୋଭିଡ୍ -୧୯ ପରୀକ୍ଷା କରାଯାଇଛି । ବର୍ତମାନ ସୁଦ୍ଧା ସମୁଦାୟ ୭,୫୪୫ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ୫୫୦୨ ଜଣ ରୋଗୀ ସଂପୂର୍ଣ୍ଣ ସୁସ୍ଥ ହୋଇଛନ୍ତି। ୨୭ ଜଣ କୋଭିଡ୍-୧୯ ରୋଗୀଙ୍କର ମୃତ୍ୟୁ ହୋଇଥିବା ବେଳେ ସକ୍ରିୟ ଥିବା ସଂକ୍ରମିତଙ୍କ ସଂଖ୍ୟା ୨,୦୦୮ ରହିଛି। ୨,୧୫୭ ଜଣ ହସ୍‌ପିଟାଲ୍ ଆଇସୋଲେସନ୍ ରେ ରହିଛନ୍ତି ।

## ଏମ୍ଏସଏମ୍ଇ...

ଏମ୍ଏସ୍ଏମ୍ଇ ମଧ୍ୟରୁ ୮୬,୬୨୩ଟିକୁ ଅର୍ଥ ମଞ୍ଜୁରୀ କରାଯାଇ ଥିବାବେଳେ ୨୭,୭୯୭ଟି ୟୁନିଟ୍ କୁ ଋଣ ପ୍ରଦାନ କରାଯାଇପାରିଛି । କେତେକ ଘରୋଇ ବ୍ୟାଙ୍କ ଋଣ ପ୍ରଦାନ କ୍ଷେତ୍ରରେ ଅବହେଳା ପ୍ରଦର୍ଶନ କରୁଥିବା ସମୀକ୍ଷାରୁ ଜଣାପଡ଼ିବା ପରେ ଏ ଦିଗରେ ଫଳପ୍ରଦ ପଦକ୍ଷେପ ଦେବାକୁ ବ୍ୟାଙ୍କଗୁଡ଼ିକୁ କୁହାଯାଇଥିଲା। ଋଣ ପ୍ରଦାନବେଳେ କେତେକ ଆବଶ୍ୟକୀୟ କାଗଜପତ୍ର ଦାଖଲ କରି ପାରୁନଥିବା ଏବଂ କେତେକ କ୍ଷେତ୍ରରେ ଋଣ ଗ୍ରହିତାମାନେ ବ୍ୟାଙ୍କକୁ ଆସୁନଥିବା ଯୋଗୁଁ ଋଣ ପ୍ରଦାନ ପଛେଇ ଥିବା ବ୍ୟାଙ୍କ ତରଫରୁ ଦର୍ଶାଯାଇଥିଲା। ପ୍ରମୁଖ ସଚିବ ଶ୍ରୀ ସତ୍ୟବ୍ରତ ସାହୁ ଆବଶ୍ୟକ ସ୍ଥଳେ ୟୁନିଟ୍ ସ୍ଥଳକୁ ଗସ୍ତ କରି ଋଣ ପ୍ରଦାନ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ସେ ଏମ୍ଏସ୍ଏମ୍ଇ ଆସୋସିଏସନ୍, ବ୍ୟାଙ୍କ ଓ ବିଭାଗୀୟ ଅଧିକାରୀମାନଙ୍କୁ ଦେଇ ଏକ ଭର୍ଚୁଆଲ୍ ବୈଠକ ଆୟୋଜନ ପାଇଁ ନିର୍ଦ୍ଦେଶ ଦେଇ ଏହା ଫଳରେ ଅନେକ ସମସ୍ୟାର ଆଶୁ ସମାଧାନ ହୋଇପାରିବ ବୋଲି ସେ ଆଶା ବ୍ୟକ୍ତ କରିଥିଲେ । ବିଭାଗ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ବାର୍ତା ଥାଇ ଋଣ ପ୍ରଦାନ ଉପରେ ଏକ ପ୍ରଚାରପତ୍ର ମୁଦ୍ରଣ କରି ଲୋକଙ୍କ ଅବଗତି ନିମନ୍ତେ ବଂଟାଯିବା ଉପରେ ଆଲୋଚନା କରାଯାଇ ନିଷ୍ପତି ଗ୍ରହଣ କରାଯାଇଥିଲା । ବୈଠକରେ ଏମ୍ଏସ୍ଏମ୍ଇ ନିର୍ଦ୍ଦେଶକ ଶ୍ରୀ ଜି. ରେଘୁ, ଅତିରିକ୍ତ ସଚିବ ଶ୍ରୀ ଉଦୟ ନାରାୟଣ ଦାସ, ଶିଳ୍ପ ବିଭାଗ ଅତିରିକ୍ତ ନିର୍ଦ୍ଦେଶକ ଶ୍ରୀ ଏସ୍.କେ. ହୋତା, ଷ୍ଟେଟ୍ ବ୍ୟାଙ୍କର ଜିଏମ୍ ଶ୍ରୀ ସିଏଲ୍ଏନ୍ ଚାରିଉଲୁ, ୟୁକୋ ବ୍ୟାଙ୍କର ଜିଏମ୍ ଶ୍ରୀ ଲଳାଟେନ୍ଦୁ ବେହେରା, ଡିଜିଏମ୍, ଏସ୍‌ବିଆଇ ଶ୍ରୀ ମନମୋହନ ସ୍ୱାଇଁ ଓ ବିଭାଗୀୟ ଅଧିକାରୀବୃନ୍ଦ ଯୋଗଦେଇଥିଲେ।

## ଉଠା ଦୋକାନୀଙ୍କୁ ...

ଓଡ଼ିଶା ପଥ ବିକ୍ରେତା ସଂଘର ରାଜ୍ୟ ସଭାପତି ଜୟନ୍ତ ଦାସ, ନଗର ଶାଖା ଉପ-ସଭାପତି ଆବିଦ୍ ଖାନ୍, ସମ୍ପାଦକ ମୋହିନୀ ମହୋନ ପରିଡ଼ା, ଭିଟାମାଟି ସୁରଞ୍ଜାମଞ୍ଚର ଆବାହକ ଅରୁଣ ଜେନା, ଅନିମେଶ ପାତ୍ର ପ୍ରମୁଖ ଯୋଗଦେଇ ସରକାରୀ ନିୟମ ପାଳନରେ ପୌର ପ୍ରଶାସନର ଅବହେଳାକୁ ତୀବ୍ର ସମାଲୋଚନା କରିଥିଲେ। ଲକ୍ ଡାଉନ୍ ପ୍ରଭାବିତ ଉଠା ଦେକାନୀଙ୍କ ପାଇଁ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବା ୩ ହଜାର ଟଙ୍କାର ସହାୟତା ରାଜ୍ୟର ଅନ୍ୟାନ୍ୟ ସହରାଞ୍ଚଳରେ ପ୍ରଦାନ କରାଯାଇଥବା ବେଳେ ବାଲେଶ୍ୱର ଏହାର ବ୍ୟତିକ୍ରମ ହୋଇଛି ବୋଲି ସେମାନେ କହିଥିଲେ। ପୌର ପ୍ରଶାସନ ତୁରନ୍ତ ସହରର ସମସ୍ତ ଉଠାଦୋକାନୀଙ୍କୁ ପଞ୍ଜୀକରଣ କରିବା ସହ ସେମାନଙ୍କ ପ୍ରାପ୍ୟ ପ୍ରଦାନ ନ କଲେ ଆଗାମୀ ଦିନରେ ସଂଘ ତୀବ୍ର ଆନ୍ଦୋଳନକୁ ଓହ୍ଲାଇବ ବୋଲି ବକ୍ତାମାନେ କହିଥିଲେ। ଏହି ଅବସରରେ ସଂଗଠନ ପକ୍ଷରୁ ଏକ ଦାବିପତ୍ର ପୌର ନିର୍ବାହୀ ଅଧିକାରୀଙ୍କୁ ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅଭିରାମ ବାରିକ, ରାମଚନ୍ଦ୍ର ପରିଡ଼ା, ଟିପିରୀ ସିଂ, ସୁଧାଂଶୁ ଶାହା, ସହଦେବ ମହାନ୍ତି, ମନୋଜ ରାଠୋର, ରାଜେଶ ପଣ୍ଡା, ଶେଖ୍ ସଲ୍ଲାଉଦ୍ଦିନ୍, ରାକେଶ ସିଂ, ଅଜୟ ନାୟକ, କୁଳମଣି ସାହୁ ପ୍ରମୁଖ ପଥ ବିକ୍ରେତା ସଂଘର କର୍ମକର୍ତ୍ତା ଓ ଶିଷ୍ଟ ସଦସ୍ୟ ଏଥିରେ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଅଗ୍ନି ବିପନ୍ନ ପରିବାରଙ୍କୁ ଇଫକୋର ସହାୟତା




ପାରାଦ୍ୱୀପ ,୨।୭ (ନି.ପ୍ର): ପାରାଦ୍ୱୀପ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଆଞ୍ଚଳିକ ବିକାଶ କ୍ଷେତ୍ରରେ ଇଫକୋ ସାରକାରଖାନା ଏହାର ସ୍ୱାତନ୍ତ୍ରତା ବଜାୟ ରଖିଛି । ବନ୍ୟା,ବାତ୍ୟା, ମହାମାରୀ, ଘରପୋଡି ଆଦି କ୍ଷେତ୍ରରେ ଅସହାୟଙ୍କୁ ସହାୟତା ପ୍ରଦାନ କରିବା କ୍ଷେତ୍ରରେ ଇଫକୋ ସବୁବେଳେ ଆଗରେ ରହିଛି । ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ତହସିଲ ଅର୍ନ୍ତଗତ ଗୋପାଳପୁର ପଞ୍ଚାୟତ ଅଧିନସ୍ତ ସାନ ସାରଳ ଗ୍ରାମରେ ଅଗ୍ନିକାଣ୍ଡ ଘଟିଥିଲା । ଅଗ୍ନିବିପନ୍ନ ପରିବାର ସରୋଜ କୁମାର ସ୍ୱାଇଁ, ମନୋଜ କୁମାର ସ୍ୱାଇଁ ଓ ଶତୃଘ୍ନ ସ୍ୱାଇଁଙ୍କୁ ମଙ୍ଗଳବାର ସହାୟତା ଯୋଗାଇ ଦେଇଛି ଇଫକୋ ପାରାଦ୍ୱୀପ ୟୁନିଟ୍। ଜଗତସିଂହପୁର ସାଂସଦ ଡା. ରାଜଶ୍ରୀ ମଲ୍ଲିକ, ଇଫକୋ ପ୍ରଶାସନିକ ଅଧିକାରୀ ପ୍ରସନ୍ନ କୁମାର ବେଉରା, ଜିଲ୍ଲାପରିଷଦ ଅଧକ୍ଷା ପ୍ରୟଦର୍ଶନୀ ବିଶ୍ୱାଳ, ତିର୍ତ୍ତୋଲ ବ୍ଲକ ଅଧକ୍ଷା ସୁଜାତା ମହାନ୍ତି ଓ ଗୋପାଳପୁର ସରପଞ୍ଚ ନିୟତି ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ଅଗ୍ନିବିପନ୍ନ ପରିବାରଙ୍କୁ ଶୁଖିଲା ଖାଦ୍ୟ, ପୋଷାକ, ବେଡ୍‌ସିଟ୍, ମଶାରୀ, ପାଲ, ସାନିଟାଇଜର, ସାବୁନ୍, ମାସ୍କ ଆଦି ବଣ୍ଟନ କରିଥିଲେ ।

# ୨୪ ଘଂଟା ମଧ୍ୟରେ ୩୯୯୪ କରୋନା ପରୀକ୍ଷଣ

ଭୁବନେଶ୍ୱର, ୦୨ ଜୁଲାଇ - ରାଜ୍ୟରେ ଗତ ୨୪ ଘଂଟା ମଧ୍ୟରେ ୩୯୪୪ କରୋନା ପରୀକ୍ଷଣ ହୋଇଛି । ଆଜି ସୁଦ୍ଧା ରାଜ୍ୟରେ ମୋଟ ୨୭୪୬୭୨ କରୋନା ପରୀକ୍ଷଣ କରା ଯାଇଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।

# ଭୁବନେଶ୍ୱରରୁ ପୁଣି ୧୩ କରୋନା ପଜିଟିଭ୍ ଚିହ୍ନଟ

ଭୁବନେଶ୍ୱର,୨।୭ (ନି.ପ୍ର): ରାଜଧାନୀ ଭୁବନେଶ୍ୱରରୁ ଗୁରୁବାର ଦିନ ଆଉ ୧୩ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୮ଜଣ ହୋମ୍ କ୍ୱାରେଂଟାଇନରୁ ଚିହ୍ନଟ ଥିବା ବେଳେ ୫ଜଣ ଲୋକାଲ କେସ୍ ରହିଛନ୍ତି। ଏଥିସହ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୩୪୫କୁ ବୃଦ୍ଧି ପାଇଛି। ଅନ୍ୟପକ୍ଷରେ ଗୋଟିଏ ଦିନରେ ଆଉ ୯ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏନେଇ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି। ସୂଚନା ଅନୁଯାୟୀ ଟଙ୍କପାଣି ରୋଡ ଅଂଚଳରୁ ୫ ଜଣ ଆକ୍ରାନ୍ତହୋମ୍ କ୍ୱାରେଂଟାଇନରୁ ଚିହ୍ନଟ ହୋଇଛନ୍ତି। ଟଙ୍କପାଣି ରୋଡ ରାଜାରାଣୀ ମନ୍ଦିର ନିକଟରୁ ୨୪ ଓ ୩୨ ବର୍ଷୀୟ ଦୁଇଜଣ ପୁରୁଷ ଏବଂ ୨୮ ବର୍ଷୀୟ ଜଣେ ମହିଳା ଚିହ୍ନଟ ହୋଇଥିବା ବେଳେ ବିଜୟଲକ୍ଷ୍ମୀ କଲୋନୀରୁ ଜଣେ ୪୪ ବର୍ଷୀୟ ପୁରୁଷ ଓ ୩୦ ବର୍ଷୀୟ ମହିଳା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେହିପରି ସାମନ୍ତରାପୁର ନୂଆଗାଁ ଅଂଚଳରୁ ଦୁଇ ଜଣ ୩୦ ଓ ୩୨ ବର୍ଷୀୟ ପୁରୁଷ ପଜିଟିଭ୍ ବାହାରିଛନ୍ତି। ଏମାନେ ସମସ୍ତେ ପୂର୍ବରୁ ପଜିଟିଭ୍ ଚିହ୍ନଟ ବ୍ୟକ୍ତିଙ୍କ ସମ୍ପର୍କରେ ଆସି ସଂକ୍ରମିତ ହୋଇଛନ୍ତି। ୟୁନିଟ-୧ ହାଇସ୍କୁଲ ନିକଟରୁ ଚିହ୍ନଟ ଜଣେ ୨୫ ବର୍ଷୀୟ ଯୁବକ ବାଙ୍ଗାଲୋରରୁ ଫେରି ହୋମ୍ କ୍ୱାରେଂଟାଇନ୍ ରେ ଥିବା ବେଳେ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଅପରପକ୍ଷରେ ୫ ଲୋକାଲ କେସ ମଧ୍ୟରୁ ଜଣେ ଖଣ୍ଡଗିରି ଶରଧାପାଲି ବସ୍ତିରୁ ୨୧ ବର୍ଷୀୟ ଯୁବତୀ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେହିପରି ପୁରୁଣା ଭୁବନେଶ୍ୱର ଭୀମଟାଙ୍ଗି ଅଂଚଳରୁ ଜଣେ ୩୨ ବର୍ଷର ଯୁବକ ଯିଏ କି କଟକରୁ ଫେରିଥିଲେ, ସାଲିଆସାହିର ଜଣେ ୫୫ ବର୍ଷୀୟ ରେଲୱେ କର୍ମଚାରୀ ଓ ନୀଳାଦ୍ରିବିହାରର ୫୭ ବର୍ଷୀୟ ବ୍ୟକ୍ତି ଓ ଜୟଦେବବିହାର ନୀଳଚକ୍ର ନଗରର ଜଣେ ୧୮ ବର୍ଷର ଯୁବତୀ କରୋନାରେ ଆକ୍ରାନ୍ତ ହୋଇଛନ୍ତି।

## ୬୦ନଂ ଜାତୀୟ ରାଜପଥରେ ଦୁର୍ଘଟଣା : ୧ ମୃତ

ଜଳେଶ୍ୱର,୨।୭(ନିପ୍ର): ଗତ ବୁଧବାର ବିଳମ୍ବିତ ରାତିରେ ୬୦ନଂ ଜାତୀୟ ରାଜପଥର ଜଳେଶ୍ୱର ଥାନା ଅନ୍ତର୍ଗତ ସାଇ ଫିଲିଂ ଷ୍ଟେସନ ନିକଟରେ ଜଣେ ଯୁବକ ମୃତ ଦେହ କୁ ପୁଲିସ୍ ଉଦ୍ଧାର କରିଛି। ମୃତ ଯୁବକର ନାମ ତନ୍ମୟ ଦାସ (୩୧) ଓ ସେ ନନ୍ଦିକା ଗ୍ରାମର ବୈକୁଣ୍ଠ ଦାସଙ୍କ ପୁତ୍ର ଅଟନ୍ତି। ଘଟଣା ସ୍ଥଳରୁ ତାଙ୍କ ବାଇକ୍ ମଧ୍ୟ ପୁଲିସ୍ ଜବତ୍ କରିଛି। ଏହା ଦୁର୍ଘଟଣା କିମ୍ବା ହତ୍ୟ ସେଥିନେଇ ବହୁ ସନ୍ଦେହ ପ୍ରକଟ ହୋଇଛି। ବାଇକ୍‌ର ଆଗଚକ ବାହାରିଯାଇଥିବା ବେଳେ ମୃତ ଯୁବକର ଦେହର କୌଣସି କ୍ଷତ ଚିହ୍ନ ନଥିବାରୁ ଏହା ଏକ ସୁଚିନ୍ତିତ ହତ୍ୟାକାଣ୍ଡ ବୋଲି ଘରଲୋକ କହିଛନ୍ତି। କାରଣ ସେ ସୁବର୍ଣ୍ଣରେଖା ବାଲି କାରବାରରେ ଜଡିତ ଥିଲା। ଆଜି ତାର ଶବ ବ୍ୟବଚ୍ଛେଦ କରାଯାଇଛି।

# ୨ଦିନ ଧରି ସ୍ତ୍ରୀ-ପ୍ରସୂତି ବିଭାଗକୁ ଆସୁନାହାନ୍ତି ଡାକ୍ତର

## ସଦର ହସପିଟାଲର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାକୁ ନେଇ ଅସନ୍ତୋଷ




ବାଲେଶ୍ୱର,୨।୭ (ନି.ପ୍ର): ସମ୍ପ୍ରତି ଫକୀର ମୋହନ ମେଡିକାଲ କଲେଜ ହସପିଟାଲର ମାନ୍ୟତା ପାଇଥିଲେ ବି ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାର ଉନ୍ନତି ନହେବା ନେଇ ଜନଅସନ୍ତୋଷ କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି। ବିଶେଷ କରି ମୁଖ୍ୟ ଚିକିତ୍ସାଳୟର ସ୍ତ୍ରୀ ଓ ପ୍ରସୂତି ବିଭାଗରେ ଚିକିତ୍ସାର ଅବହେଳା ନେଇ ପ୍ରତିଦିନ ଅଭିଯୋଗ ଆସିବାରେ ଲାଗିଛି। ପୂର୍ବ ଭଳି ରୋଗୀ ଅନୁପାତରେ ଡାକ୍ତର, ନର୍ସ ଓ ଅନ୍ୟାନ୍ୟ କର୍ମଚାରୀର ଅଭାବ ଅଭାବ ଅଦ୍ୟାବଧି ପୂରଣ ହୋଇ ନଥିଲେ ବି କରୋନା ଭଳି ସ୍ଥିତିରେ ଏହି ବିଭାଗର ଅବହେଳା ଚରମ ସୀମାରେ ପହଞ୍ଚିଥିବା ରୋଗୀପରିବା ଲୋକେ ଆରୋପ କରିଛନ୍ତି। ଅନ୍ୟ ଦିନମାନଙ୍କରେ କାଁଭାଁ ଡାକ୍ତର ୱାର୍ଡ଼ ପରିଦର୍ଶନରେ ଆସୁଥିବା ବେଳେ ଗତ ଦୁଇଦିନ ଧରି ଜଣେ ହେଲେ ଡାକ୍ତର ଆସୁନଥିବା ସେମାନେ କହିଛନ୍ତି। ଫଳରେ ଗରିବ ବର୍ଗର ଗୁରୁତର ରୋଗୀମାନେ ଜୀବନ ହରାଉଥିବା ବେଳେ ବହୁ ରୋଗୀ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ବାଧ୍ୟ ହେଉଛନ୍ତି। ଅବଶ୍ୟ ପୂର୍ବରୁ ଏଭଳି ଅବସ୍ଥା ଯୋଗୁଁ ଡାକ୍ତରଖାନାରେ ରୋଗୀପରିବାରଙ୍କ ପକ୍ଷରୁ ଅସନ୍ତୋଷ ତୀବ୍ର ହୋଇ ବାରମ୍ବାର ଉତ୍ତେଜନାମୂଳକ ସ୍ଥିତି ଉପୁଜିଥିଲା। ଏମିତିକି ପ୍ରତିଟି ସମୟରେ ପୁଲିସର ଉପସ୍ଥିତି ଜରୁରି ହୋଇପଡୁଥିଲା। ତେବେ ପରବର୍ତ୍ତୀ ସମୟରେ ଏହାକୁ ନେଇ ଡାକ୍ତରଖାନାରେ ଡାକ୍ତର ଓ ନର୍ସଙ୍କ ମଧ୍ୟରେ କିଛିଟା ତତ୍ପରତା ଲକ୍ଷ୍ୟ କରାଯାଉଥିଲା। ମାତ୍ର କୋଭିଡ୍-୧୯ ନିୟମ ଅନୁସାରେ ଡାକ୍ତରଙ୍କ ପ୍ରତି କେହି କିଛି କଟୁ ବ୍ୟବହାର କରି ପାରିବେ ନାହିଁ ବୋଲି ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଯିବା ପରେ ଏବେ ରୋଗୀ, ରୋଗୀ ପରିବାରଙ୍କ ସମେତ ସାଧାରଣ ଜନତା ଭାଗ୍ୟକୁ ଆଦରି ଡାକ୍ତରଖାନାକୁ ଆସୁଛନ୍ତି। ତେବେ ଏନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଦୁଲାଳ ସେନ୍ ଜଗଦେବଙ୍କୁ ଯୋଗଯୋଗ କରିବାରୁ ସେ ନିଜର ଅସହାୟତା ପ୍ରକାଶ କରିଥିଲେ। ଏଭଳି ସ୍ଥିତିକୁ ନେଇ ସେ ତଦନ୍ତ କରିବା ସହ ଉଚିତ ପଦକ୍ଷେପ ଗ୍ରହଣ କରିବେ ବୋଲି ଚିରାଚରିତ ଢଙ୍ଗରେ ପ୍ରତିଶ୍ରୁତି ଦେଇଥିଲେ।

## ଉତ୍କଳ ଗ୍ୟାଲେରିଆ ଜବରଦଖଲକୁ ବିରୋଧ କରି ବିଜେପିର ବିକ୍ଷୋଭ

ଭୁବନେଶ୍ୱର,୨।୭ (ନି.ପ୍ର): ଉତ୍କଳ କନିକା ଗ୍ୟାଲେରିଆ ମଲୟ ଦ୍ୱାରା ସରକାରୀ ଜାଗା ହଡପ କରିବା ବିରୋଧରେ ଭାରତୀୟ ଜନତା ପାର୍ଟି ଭୁବନେଶ୍ୱର ଜିଲ୍ଲା ପକ୍ଷରୁ ଜିଲ୍ଲା ସଭାପତି ବାବୁ ସିଂଙ୍କ ନେତୃତ୍ୱରେ ଉକ୍ତ ମଲ୍ ସମ୍ମୁଖରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଏହାସହ ଭୁବନେଶ୍ୱର ମହାନଗର ନିଗମ କମିଶନରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରକାଶ ଥାଉକି ଭୁବନେଶ୍ୱର ମାଉସୀ 'ମା' ଛକରୁ କଳ୍ପନା ଛକ ପର୍ଯ୍ୟନ୍ତ ରାସ୍ତାକୁ ସଂପ୍ରସାରଣ କରି ଚାରିଥାକିଆ ରାସ୍ତା କରିବାକୁ ରାଜ୍ୟ ସରକାର ଦେଢ ବର୍ଷ ତଳେ ଟେଣ୍ଡର କରିଥିଲେ। ପ୍ରାୟ ଏକ କୋଟି ଷାଠିଏ ଲକ୍ଷ ଟଙ୍କାର କାର୍ଯ୍ୟାଦେଶ ମଧ୍ୟ ଦିଆଯାଇଥିଲା। କାର୍ଯ୍ୟ ଆରମ୍ଭ ପାଇଁ ଜବରଦଖଲ ହଟାଇବାକୁ ଉଦ୍ୟମ ବି ହୋଇଥିଲା। ସେହି ଅଂଚଳରେ କିଛି ଜବରଦଖଲ ଉଠାଦୋକାନୀଙ୍କ ସମେତ ଛୋଟଛୋଟ କନଷ୍ଟ୍ରକସନ୍‌କୁ ଭାଙ୍ଗି ଦେଲାପରେ ଉତ୍କଳ କନିକା ଗ୍ୟାଲେରିଆ ମଲର ବେଆଇନ୍ ଜବରଦଖଲ ପାଖରେ ଅଟକି ଯାଇଥିଲେ ରାଜ୍ୟ ସରକାର। ଦେଢ ବର୍ଷ ତଳେ ହୋଇଥିବା ଟେଣ୍ଡର ଓ ନିର୍ମାଣ କାର୍ଯ୍ୟାଦେଶକୁ ବାତିଲ କରି ରାସ୍ତା ନିର୍ମାଣର ନୂଆ ରୂପ ପ୍ରସ୍ତୁତ କରିଛନ୍ତି। ସରକାରୀ ସଂସ୍ଥା ଓ ସରକାରୀ ଅର୍ଥରେ କ୍ଷତି ଆଣୁଥିବା ନୂଆ ରୂପ ଲେଖକୁ ବାତିଲ କରିବା, ଉତ୍କଳ କନିକା ଗ୍ୟାଲେରିଆ ମଲର ଜବରଦଖଲକୁ ତୁରନ୍ତ ହଟାଇ ସରକାରୀ ସଂସ୍ଥା ଓ ଜନସାଧାରଣଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେବା ପାଇଁ ଦଳ ଦାବି କରିଛି। ଏହି ପ୍ରତିବାଦ ସଭାରେ ସମସ୍ତ କୋଭିଡ-୧୯ ନିୟମକୁ ପାଳନ କରି ଦଳର ବରିଷ୍ଠ ନେତା ଦିଲ୍ଲୀପ ମହାନ୍ତି, ଜଗନ୍ନାଥ ପ୍ରଧାନଙ୍କ ସମେତ ଯୁବମୋର୍ଚ୍ଚା ସଭାପତି ଅଭିଶେକ ଆଚାର୍ଯ୍ୟ ଜିଲ୍ଲା ଏବଂ ମୋର୍ଚ୍ଚା ଓ ମଣ୍ଡଳର ସମସ୍ତ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ରହିଥିଲେ।

# କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରୀଙ୍କ ଦ୍ୱାରା ପ୍ରାଥମିକ ଶ୍ରେଣୀ ପାଇଁ ୮ ସପ୍ତାହର ବିକଳ୍ପ ପାଠ୍ୟଖସଡ଼ା ଜାରି

ନୂଆଦିଲ୍ଲୀ,୨।୭ (ନି.ପ୍ର): କୋଭିଡ-୧୯ ଲକଡାଉନ ସମୟରେ ଘରେ ରହିଥିବା ଛାତ୍ରଛାତ୍ରୀଙ୍କୁ ଶିକ୍ଷାଗତ କାର୍ଯ୍ୟକଳାପରେ ବ୍ୟସ୍ତ ରଖିବା ଲାଗି କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ସହଯୋଗରେ ଏନସିଇଆରଟି ପକ୍ଷରୁ ଏକ ବିକଳ୍ପ ପାଠ୍ୟଖସଡ଼ା ପ୍ରସ୍ତୁତ କରାଯାଇଛି। ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ଶ୍ରେଣୀର ଛାତ୍ରଛାତ୍ରୀ ସେମାନଙ୍କର ଅଭିଭାବକ ଓ ଶିକ୍ଷକମାନଙ୍କର ସହାୟତାରେ ଏହି ପାଠ୍ୟଖସଡ଼ା (ଏକାଡେମିକ କ୍ୟାଲେଣ୍ଡର) ଅନୁଯାୟୀ ପାଠପଢ଼ା ଜାରି ରଖିପାରିବେ। କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରୀ ରମେଶ ପୋଖରିୟାଲ 'ନିଶଙ୍କ' ଆଜି ନୂଆଦିଲ୍ଲୀ ଠାରେ ପ୍ରାଥମିକ ସ୍ତରର ପିଲାମାନଙ୍କ ପାଇଁ ୮ ସପ୍ତାହର ଏହି ପାଠ୍ୟଖସଡ଼ାକୁ ଜାରି କରିଥିଲେ। ଏଥିପୂର୍ବରୁ ଏପ୍ରିଲ ୨୦୨୦ରେ ଶ୍ରୀ ପୋଖରିୟାଲଙ୍କ ଦ୍ୱାରା ୪ ସପ୍ତାହର ବିକଳ୍ପ ଏକାଡେମିକ କ୍ୟାଲେଣ୍ଡର ଜାରି କରିଥିଲେ। ଏହି ଅବସରରେ କେନ୍ଦ୍ର ମନ୍ତ୍ରୀ କହିଥିଲେ ଯେ ଏହି କ୍ୟାଲେଣ୍ଡରରେ ଶିକ୍ଷକମାନଙ୍କ ପାଇଁ ନିର୍ଦ୍ଦିଷ୍ଟ ଗାଇଡଲାଇନ ରହିଛି। ଏଥିରେ ସାମାଜିକ ଗଣମାଧ୍ୟମ ଭଳି ବିଭିନ୍ନ ବୈଷୟିକ ଉପକରଣର ଉପଯୋଗ କରି ଛାତ୍ରଛାତ୍ରୀଙ୍କୁ ଆମୋଦପୂର୍ଣ୍ଣ ମାଧ୍ୟମରେ ପାଠ ପଢ଼ାଇବାର ପଦ୍ଧତି ରହିଛି। ଯାହାକୁ ଛାତ୍ରଛାତ୍ରୀ, ଅଭିଭାବକ ଓ ଶିକ୍ଷକମାନେ ଉପଯୋଗ କରିପାରିବେ। ଏଥିରେ ମୋବାଇଲ, ରେଡିଓ, ଟେଲିଭିଜନ, ଏସଏମଏସ ଏବଂ ବିଭିନ୍ନ ସାମାଜିକ ଗଣମାଧ୍ୟମର ପହଞ୍ଚ ସ୍ତର ପ୍ରତି ମଧ ଧ୍ୟାନ ଦିଆଯାଇଛି। ଅଧିକାଂଶ ଲୋକଙ୍କ ନିକଟରେ ମୋବାଇଲ ଓ ଇଣ୍ଟରନେଟ ସଂଯୋଗ ନଥିବାରୁ ସେମାନେ ହୁଏତ ହ୍ୱାଟ୍ସଆପ, ଫେସବୁକ, ଟୁଇଟର, ଗୁଗଲ ଆଦି ସାମାଜିକ ଗଣମାଧ୍ୟମ ଉପକରଣର ଉପଯୋଗ କରିନପାରନ୍ତି। ଏହାକୁ ଦୃଷ୍ଟିରେ ରଖି ଏହି କ୍ୟାଲେଣ୍ଡରରେ ଛାତ୍ରଛାତ୍ରୀ, ଅଭିଭାବକମାନଙ୍କୁ ମୋବାଇଲ ଫୋନ ଏସଏମଏସ କିମ୍ବା ଭଏସ କଲ ମାଧ୍ୟମରେ ଶିକ୍ଷାଦାନ ପାଇଁ ମାର୍ଗଦର୍ଶନ କରିବା ଲାଗି ଶିକ୍ଷକମାନଙ୍କ ନିମନ୍ତେ ମାର୍ଗଦର୍ଶିକା ରହିଛି। ଶ୍ରୀ ନିଶଙ୍କ ଆହୁରି କହିଥିଲେ ଯେ ଏଥିରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ (ସ୍ୱତନ୍ତ୍ର ଯତ୍ନ ଆବଶ୍ୟକ କରୁଥିବା ଶିଶୁ)ଙ୍କ ପ୍ରତି ମଧ ଧ୍ୟାନ ଦିଆଯାଇଛି। ସେ କହିଥିଲେ ଯେ ଏହି କ୍ୟାଲେଣ୍ଡରରେ ସପ୍ତାହ ଆଧାରିତ ଯୋଜନା ରହିଛି ଯାହା ଉତ୍ସାହପ୍ରଦ ଏବଂ ଆହ୍ୱାନପୂର୍ଣ୍ଣ କାର୍ଯ୍ୟକଳାପ ସହିତ ପାଠ୍ୟପୁସ୍ତକର ବିଷୟବସ୍ତୁ/ଅଧ୍ୟାୟର ବିଷୟବସ୍ତୁକୁ ସ୍ଥାନିତ କରାଯାଇଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏଥିରେ ପାଠପଢ଼ାର ପରିଣାମ ପ୍ରତି ଧ୍ୟାନ ଦିଆଯାଇଛି। ଏଥିରେ କଳା ଚିତ୍ରାଙ୍କନ, ଶାରୀରିକ ବ୍ୟାୟାମ, ଯୋଗ, ପ୍ରାକ-ଧନ୍ଦାମୂଳକ ଦକ୍ଷତା ଆଦି ପରୀକ୍ଷାମୂଳକ କାର୍ଯ୍ୟକଳାପ ରହିଛି। ଏଥିରେ ହିନ୍ଦୀ, ଇଂରାଜୀ, ଉର୍ଦ୍ଦୁ ଓ ସଂସ୍କୃତ ଭାଷାରେ ଶ୍ରେଣୀ ଓ ବିଷୟ ଆଧାରିତ ପାଠ୍ୟଖସଡ଼ା ରହିଛି। ଏହି କ୍ୟାଲେଣ୍ଡରକୁ ଏସସିଇଆରଟି/ଏସଆଇଇ, ଶିକ୍ଷା ନିର୍ଦ୍ଦେଶାଳୟ, କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ, ନବୋଦୟ ବିଦ୍ୟାଳୟ ସମିତି, ସିବିଏସଇ, ରାଜ୍ୟ ସ୍କୁଲ ଶିକ୍ଷା ବୋର୍ଡ଼କୁ ବିତରଣ କରାଯାଇଛି। ଏହାକୁ କାର୍ଯ୍ୟକାରୀ କରିବା ନିମନ୍ତେ ସମସ୍ତ ଏସସିଇଆରଟିକୁ ନେଇ ଏକ ଭିଡିଓ କନଫରେନ୍ସ ଅନୁଷ୍ଠିତ ହୋଇଯାଇଛି।

## ପୂଜକଙ୍କୁ ମାଡମାରି ବାବା ଗଲେ ଜେଲ

ନୀଳଗିରି ,୨।୭ (ନି.ପ୍ର) :ଜନୈକ ପୂଜକଙ୍କୁ ମାଡମାରି ବାବା ଜେଲ ଯିବା ଘଟଣା ନୀଳଗିରି ବେଶ ଚର୍ଚ୍ଚା ହେଉଛି । ସୂଚନା ଅନୁଯାୟୀ ନୀଳଗିରି ବ୍ଲକ ବରହମପୁର ଥାନା ଅନ୍ତର୍ଗତ ତଳଭଙ୍ଗାବନ୍ଧରେ ଥିବା ନିତାଇଗୌର ଆଶ୍ରମର ବାବା ଠେଙ୍ଗାରେ ପୂଜକଙ୍କୁ ଆକ୍ରମଣ କରିବାରୁ ଗୁରୁତର ହୋଇ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ସୂଚନା ଯୋଗ୍ୟ ବୁଧବାର ଆଶ୍ରମରେ ପୂଜକ କୈଳାଶ ମିଶ୍ର ରାଧାକୃଷ୍ଣ ମନ୍ଦିର ପୂଜା ସାରି ଫେରିବା ସମୟରେ ମୁନା ବାବା ତାଙ୍କୁ ଠେଙ୍ଗାରେ ଆକ୍ରମଣ କରିଥିଲେ। ଫଳରେ ପୂଜକ ଶ୍ରୀ ମିଶ୍ର ଗୁରୁତର ହୋଇପଡିଥିଲେ । ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ନୀଳଗିରି ଡାକ୍ତରଖାନାକୁ ନିଆଯାଇଥିଲା । ଅବସ୍ଥା ଗୁରୁତର ଥିବାରୁ ପୂଜକଙ୍କୁ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ପୂଜକ କୈଳାଶଙ୍କ ମୁଣ୍ଡ ଓ ହାତରେ ଗଭୀର କ୍ଷତ ହୋଇଛି। ଖବର ପାଇ ବରହମପୁର ପୋଲିସ ଘଟଣା ସ୍ଥଳରେ ପହଂଚି ବାବାଙ୍କୁ ଗିରଫ କରି ଆଜି କୋର୍ଟ ଚାଲଣ କରିଛି। ଏନେଇ ବରହମପୁର ଥାନାରେ



୪୮/୨୦ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି। ପ୍ରକୃତରେ ଆକ୍ରମର କୌଣସି କାରଣ ଏପର୍ଯ୍ୟନ୍ତ ଜଣାପଡିଛିନାହିଁ।

## ବ୍ରହ୍ମପୁରରେ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ ୫୬୧ ଜଣଙ୍କ ଠାରୁ ଜୋରିମାନା ଆଦାୟ

ଭୁବନେଶ୍ୱର,୨।୭ (ନି.ପ୍ର): ବ୍ରହ୍ମପୁରରେ ଗତ ୨୪ ଘଂଟା ମଧ୍ୟରେ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ ୫୬୧ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି। ବ୍ରହ୍ମପୁର ଏସପି ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି। ଏହି ସମୟ ମଧ୍ୟରେ ୧୭୧ ଟି ବାହନରୁ ଜୋରିମାନା ଆଦାୟ କରା ଯାଇଥିବା ସୂଚନା ଦିଆ ଯାଇଛି।

## ଆଜି ରଥ ଉପରେ ଅଧରପଣା ନୀତି

ପୁରୀ,୨।୭ (ନି.ପ୍ର): ଆସନ୍ତାକାଲି ରଥ ଉପରେ ତିନି ଠାକୁରଙ୍କ ଅଧରପଣା ନୀତି ଅନୁଷ୍ଠିତ ହେବ । ଶ୍ରୀଜୀଉଙ୍କ ଅଧରକୁ ସ୍ୱର୍ଶ କରିବା ପର୍ଯ୍ୟନ୍ତ ତୁମ୍ବାକୃତ ମାଟି ହାଣ୍ଡିରେ ପଣା ରଖାଯାଇ ଭୋଗ କରାଯିବ । ଏହାକୁ ଅଧରପଣା ନୀତି କୁହାଯାଏ । ରଥାରୁଢ଼ ଶ୍ରୀଜୀଉମାନଙ୍କ ନିମନ୍ତେ ତିନୋଟି ଲେଖାଏଁ ମୋଟ୍ ନଅଟି ତୁମ୍ବାକୃତ ମାଟି ପାତ୍ରରେ ଏହି ପଣା ପ୍ରସ୍ତୁତ କରାଯିବ । ଅଧରପଣା ଭୋଗ ହେବା ପରେ ପଣା ହାଣ୍ଡି ଗୁଡିକୁ ରଥ ଉପରେ ଭଙ୍ଗା ଯିବାର ପରମ୍ପରା ରହିଛି । ରଥ ଉପରୁ ବୋହି ଯାଉଥିବା ଏହି ପଣାକୁ ପାଇ ପାର୍ଶ୍ୱ ଦେବାଦେବୀ ଓ ଚଣ୍ଡି ଚାମୁଣ୍ଡା ମାନେ ସନ୍ତୁଷ୍ଟ ହେବେ ।

# ପେଟ୍ରୋଲ ଓ ଡିଜେଲର ଅହେତୁକ ମୂଲ୍ୟବୃଦ୍ଧି : କଂଗ୍ରେସର ବିକ୍ଷୋଭ ଓ ରାଷ୍ଟ୍ରପତିଙ୍କୁ ସ୍ମାରକପତ୍ର

ଜଳେଶ୍ୱର,୨।୭(ନିପ୍ର): କୋଭିଦ୍-୧୯ଲାଗି ଦେଶରେ ଲକ୍‌ଡାଉନ୍ ପରିସ୍ଥିତି ଆରମ୍ଭ ହେବାପରେ ଗତ ୩ମାସେ ମଧ୍ୟରେ ଡିଜେଲ ଓ ପେଟ୍ରୋଲର ଅହେତୁକ ମୂଲ୍ୟବୃଦ୍ଧି ଘଟିଛି । ଲକ୍‌ଡାଉନ୍ ସମୟରେ ରୋଜଗାର ସୀମିତ ହୋଇଥିବା ବେଳେ େ;ପଟ୍ରୋଲ ଓ ଡିଜେଲର ମୂଲ୍ୟବୃଦ୍ଧି ବଜାରଦର ବଢିବାରେ ସହାୟକ ହୋଇଛି। ଏଥିପାଇଁ ଆଜି ଜଳେଶ୍ୱର କଂଗ୍ରେସ ପକ୍ଷରୁ କୋଭିଦ୍-୧୯ର ନିତୀନିୟମକୁ ଆଖିରେ ରଖି ବ୍ଲକ ସମ୍ମୁଖରେ ଏକ ବିକ୍ଷୋଭ ଅନୁଷ୍ଠିତ ହୋଇ ଯାଇଛି। କଂଗ୍ରେସର ରାଜ୍ୟ ପ୍ରବକ୍ତା ସୁଦର୍ଶନ ଦାସ, ରାଧାରାଣୀ ପାତ୍ର, ରିଆଜ ଖାଁ, ଜଗଦୀଶ ନନ୍ଦି, ନୟନ କୁମାର ପାଠୀ, ହେମନ୍ତ ଗିରି, ସୁନିଲ ପରିଡା, ସୁଧିର ମହାନ୍ତି, ସୁରେଶ ମହନ୍ତ, ଅନନ୍ତ ମଲ୍ଲିକ, ସେକ୍ ମୁସ୍ତାଫା, ନିଖିଲ କୁମାର ପାଠୀ, ରବିନ୍ଦ୍ର ନାରାୟଣ ଦାସ, ପ୍ରଦୀପ ଭଂଜ, ସରପଂଚ ପଦ୍ମଲୋଚନ ବେହେରା, ଶ୍ରୀକାନ୍ତ ସିଂ, ତପନ ସାସମଲ, ରିତେଶ୍ୱର ମହନ୍ତ, କମଳେଶ ଭୂୟାଁ, ସପନ ସାମଲ, ଅଂଜନା ପଟ୍ଟନାୟକ, ନବୀନ ପରିଡା, କମଳଲୋଚନ ବାରିକ, ରବି ଦାସ, ଜୟନ୍ତ ଦେ, ଖଗେନ୍ଦ୍ର ଜେନା, ପ୍ରଦୀପ ଭଂଜ, ନୁର୍ ହୋସେନ୍ ପ୍ରମୁଖଙ୍କ ନେତୃତ୍ୱରେ ଏହି ବିକ୍ଷୋଭ ପରିଚାଳିତ ହୋଇଥିଲା । ସେମାନଙ୍କ ମତରେ ୨୦୧୪ରେ ବିଜେପି ସରକାର ଆରମ୍ଭବେଳେ ପେଟ୍ରୋଲର ଅବକାରୀ ମୂଲ୍ୟ ଲିଟରପ୍ରତି ୯.୨୦ ଥିବା ବେଳେ ଡିଜେଲର ୩.୪୬ ଥିଲା । ୬ବର୍ଷରେ ଏହା ବୃଦ୍ଧିପାଇ ଯଥାକ୍ରମେ ୨୩.୭୮ ଓ ୨୮.୩୭ ବୃଦ୍ଧିପାଇଛି । ଗତ ୬ବର୍ଷରେ କେନ୍ଦ୍ରରେ ମୋଦି ସରକାର ୧୮ଲକ୍ଷ କୋଟି ଟଙ୍କା ଏକ୍ସାଇଜ୍ ଡ୍ୟୁଟିରୁ ପାଇଥିବା ସୁଦର୍ଶନ ଦାସ କହିଥିଲେ । ଗତ ୧୮ଦିନ ମଧ୍ୟରେ ପେଟ୍ରୋଲ ୮.୫୦ ଓ ଡିଜେଲ ୧୦.୪୮ ବୃଦ୍ଧି ଘଟିଥିବା ସେ ପ୍ରକାଶ କରିଛନ୍ତି । ଅନ୍ୟପକ୍ଷରେ ଗତ ଜୁନ୍ ୨୪ତାରିଖରେ ଅଶୋଧିତ ପେଟ୍ରୋଲ ମୂଲ୍ୟ ବେରେଲ ପିଛା ୩୨୮୮ଟଙ୍କା କମିଥିବା ବେଳେ ଭାରତରେ ତାହା ଘଟିନାହିଁ । ଆଗାମୀ ଦିନରେ କଂଗ୍ରେସ ପେଟୋଲ, ଡିଜେଲ ଓ ଅନ୍ୟାନ୍ୟ କେତେକ ଘଟଣା ନେଇ ରାଜରାସ୍ତାକୁ ଓହ୍ଲାଇବା ନେଇ ଶ୍ରୀ ଦାସ ସୂଚନା ଦେଇଥିଲେ । ଏହାପରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ ।




## ୧୯ ଜିଲ୍ଲାରୁ ସୁସ୍ଥ ହେଲେ ୧୪୯ କରୋନା ଆକ୍ରାନ୍ତ

ଭୁବନେଶ୍ୱର ,୨।୭ (ନି.ପ୍ର): ରାଜ୍ୟର ୧୯ଟି ଜିଲ୍ଲାରୁ ଗୁରୁବାର ଦିନ ଆଉ୧୪୯ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏଥିସହ ରାଜ୍ୟରେ ମୋଟ ସୁସ୍ଥଙ୍କ ସଂଖ୍ୟା ୫୫୦୨କୁ ବୃଦ୍ଧି ପାଇଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ଟୁଇଟ କରିଆରେ ଏହି ସୂଚନା ଦିଆଯାଇଛି। ଗଂଜାମ ଜିଲ୍ଲାରୁ ଆଜି ସର୍ବାଧିକ ୪୯ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ସେହିପରି ଖୋର୍ଦ୍ଧା ଜିଲ୍ଲାରୁ ୨୪ ଜଣ, ମୟୂରଭଂଜ ଜିଲ୍ଲାରୁ ୧୪ ଜଣ, କଟକ ଜିଲ୍ଲାରୁ ୧୩ ଜଣ, କଳାହାଣ୍ଡି ଓ କେନ୍ଦ୍ରାପଡ଼ା ଜିଲ୍ଲାରୁ ୬-୬ ଜଣ, ରାୟଗଡ଼ା ଜିଲ୍ଲାରୁ ୫ ଜଣ, ଅନୁଗୁଳ, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାରୁ ୪ ଜଣ ଲେଖାଏଁ, ବଲାଙ୍ଗୀର, ଭଦ୍ରକ, ପୁରୀ ଓ ଯାଜପୁର ଜିଲ୍ଲାରୁ ୩ ଜଣ ଲେଖାଏଁ , ବାଲେଶ୍ୱର, ଜଗତ୍‌ସିଂହପୁର ଓ ନୟାଗଡ଼ ଜିଲ୍ଲାରୁ ୨ ଜଣ ଲେଖାଏଁ , ବରଗଡ଼ ଓ କୋରାପୁଟ ଜିଲ୍ଲାରୁ ଜଣେ ଲେଖାଏଁ କରୋନା ସଂକ୍ରମିତ ବ୍ୟକ୍ତି ସୁସ୍ଥ ହୋଇଛନ୍ତି।

## ରାଜ୍ୟର ବନ୍ଦର ଦେଇ ସାମୁଦ୍ରିକ ମତ୍ସ୍ୟ ରପ୍ତାନୀ ପାଇଁ ଯୋଜନା

ଭୁବନେଶ୍ୱର ,୨।୭ (ନି.ପ୍ର): ରାଜ୍ୟର ବନ୍ଦରଗୁଡ଼ିକ ଦେଇ ବିଦେଶକୁ ସାମୁଦ୍ରିକ ମତ୍ସ୍ୟ ରପ୍ତାନୀ କରିବାକୁ ଯୋଜନା କରାଯାଉଛି। ଏ ନେଇ ପ୍ରଶାସନିକ ସ୍ତରରେ ଉଦ୍ୟମ କରାଯିବ। ଆଜି ଆୟୋଜିତ ରପ୍ତାନୀ ଉନ୍ନୟନ ବାଣିଜ୍ୟ ନିର୍ଦ୍ଦେଶାଳୟର ଏକ ସମୀକ୍ଷା ବୈଠକରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀ ସତ୍ୟବ୍ରତ ସାହୁ ଏହା କହିଛନ୍ତି । ସେ ନିକଟରେ କେନ୍ଦ୍ରୀୟ ଡେପୁଟେସନ୍ ରୁ ଫେରି ରାଜ୍ୟ ସରକାର ଏମ୍‌ଏସ୍‌ଏମ୍‌ଇ ବିଭାଗରେ ପ୍ରମୁଖ ଶାସନ ସଚିବ ଭାବେ ଯୋଗଦେବା ପରେ ପ୍ରଥମ ବୈଠକ ଆୟୋଜନ କରି ଏହି ନିର୍ଦ୍ଦେଶାଳୟର ସମସ୍ତ କାର୍ଯ୍ୟକ୍ରମ ଉପରେ ଅବଗତ ହୋଇଥିଲେ । ସଂପ୍ରତି ରାଜ୍ୟର ବନ୍ଦରଗୁଡ଼ିକରୁ ସାମୁଦ୍ରିକ ମତ୍ସ୍ୟ ରପ୍ତାନୀ ପାଇଁ ସୁଯୋଗ ନଥିବା ଏବଂ ଏଥି ପାଇଁ ପଡ଼ୋଶୀ ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ବନ୍ଦର ଉପରେ ନିର୍ଭର କରୁଥିବା ଅବଗତ ହେବା ପରେ ଏ ଦିଗରେ କି ଧରଣର ପଦକ୍ଷେପ ନିଆଯାଇ ରହିଥିବା ସମସ୍ୟାର ସମାଧାନ କରାଯାଇପାରିବ ତା'ଉପରେ ଅଧିକ ଅନୁଧ୍ୟାନ କରିବାକୁ ସେ ଅଧିକାରୀମାନଙ୍କୁ କହିଥିଲେ। ଖୁବ୍ ଶୀଘ୍ର ଏହାର ଉପାୟ ବାହାର କରିବାକୁ ଏହି ମାସର ଦ୍ୱିତୀୟ ସପ୍ତାହରେ ବିଭାଗୀୟ ଅଧିକାରୀ, ପାରାଦ୍ୱୀପ ବନ୍ଦର କର୍ତ୍ତୃପକ୍ଷ, ରପ୍ତାନୀ ସହ ସଂପୃକ୍ତ ସଂସ୍ଥାଗୁଡ଼ିକୁ ନେଇ ଏକ ବୈଠକ କରିବାକୁ ସ୍ଥିର କରାଯାଇଥିଲା ।

# ଉଠା ଦୋକାନୀଙ୍କୁ ଲକ୍‌ଡାଉନ୍ ସହାୟତା ପ୍ରଦାନରେ ଉଦାସୀନତା

## ପଥ ବିକ୍ରେତା ସଂଘ ପକ୍ଷରୁ ମ୍ୟୁନିସିପାଲଟି କାର୍ଯ୍ୟାଳୟ ଘେରାଓ

ବାଲେଶ୍ୱର,୨।୭ (ନି.ପ୍ର): କରୋନା ଜନିତ ଲକ୍‌ଡାଉନ ପ୍ରଭାବରେ ଦୀର୍ଘ ୪ମାସଧରି ଜୀବିକା ହରାଇଥିବା ରାସ୍ତାପାର୍ଶ୍ୱ ଉଠା ଦୋକାନୀଙ୍କୁ ସରକାରୀ ସହାୟତା ପ୍ରଦାନରେ ବାଲେଶ୍ୱର ପୌରପାଳିକାଙ୍କ ଖାମଖିଆଲି କାର୍ଯ୍ୟଧାରାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଛି ଓଡ଼ିଶା ପଥ ବିକ୍ରେତା ସଂଘ। ଏହାର ପ୍ରତିବାଦରେ ଓଡ଼ିଶା ପଥବିକ୍ରେତା ସଂଘ, ବାଲେଶ୍ୱର ଶାଖା ପକ୍ଷରୁ ଆଜି ବାଲେଶ୍ୱର ମ୍ୟୁନିସିପାଲଟି କାର୍ଯ୍ୟାଳୟ ଘେରାଓ କରିଥିଲା। ସହରର ଶତାଧିକ ଉଠଦୋକାନୀ ବିକ୍ଷୋଭ ପ୍ରକାଶ ମଖ୍ୟମନ୍ତ୍ରୀଙ୍କ ଘୋଷିତ ସହାୟତା ରାଶି ପ୍ରଦାନ ପାଇଁ ଦାବି କରିଥିଲେ। ଏହି ପରିପ୍ରେକ୍ଷୀରେ ପୌରପାଳିକା କାର୍ଯ୍ୟାଳୟ ସମ୍ମୁଖରେ ଆୟୋଜିତ ପ୍ରତିବାଦ କାର୍ଯ୍ୟକ୍ରମରେ ▶▶ପୃଷ୍ଠା ୭



❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❐ Managing & Executive Editor : Srustidhar Parida
❐ Editor: Sairindhree Sahoo